ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୨/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 2/2024 | Page 16 | ₹ 7.00 | BALASORE
୫୦ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 188 | ମୂଲ୍ୟ ₹୭/-



**ବାଲାଜୀ ଫ୍ରେଞ୍ଚ ଓପନ ପ୍ରି-କ୍ୱାର୍ଟରରେ**
ଭାରତର ଏନ୍. ଶ୍ରୀରାମ ବାଲାଜୀ ପ୍ରଥମ ଥର ଫ୍ରେଞ୍ଚ ଓପନ ଟେନିସ ପ୍ରତିଯୋଗିତାର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୬

୧୧ **ମଲାଇକା, ଅର୍ଜୁନଙ୍କ ବ୍ରେକ୍ଅପ୍**
ବଲିଉଡ୍ ଅଭିନେତ୍ରୀ ମଲାଇକା ଅରୋରା ଓ ଅଭିନେତା ଅର୍ଜୁନ କପୁରଙ୍କ ମଧ୍ୟରେ ବ୍ରେକ୍ଅପ୍ ହୋଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି।



# ଏକ୍ଜିଟ୍ ପୋଲ୍‌ରେ ଏନ୍‌ଡିଏ

**ନୂଆଦିଲ୍ଲୀ,୧।୬**

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୩୭୦ରୁ ଅଧିକ ଲୋକ ସଭା ଆସନ ଦଖଲକରି କେନ୍ଦ୍ରରେ ପୁଣି ଥରେ ନିରଙ୍କୁଶ ସରକାର ଗଢ଼ିବାକୁ ଯାଉଛି। କଂଗ୍ରେସ ସମେତ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ୧୫୦ ଭିତରେ ସୀମିତ ରହିବ। ଶନିବାର ସନ୍ଧ୍ୟା ୬ଟା ୩୦ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତକୁ ନେଇ ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଏକ୍‌ଜିଟ୍ ପୋଲ୍‌ରେ ଏଭଳି ଭବିଷ୍ୟବାଣୀ କରିଛନ୍ତି। ଏକ୍‌ଜିଟ୍ ପୋଲ୍ ସତ ହେଲେ ଭାଜପା ନେତା ନରେନ୍ଦ୍ର ମୋଦି ହ୍ୟାଟ୍ରିକ୍ ସଫଳତା ସହ ଲଗାତର ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ। କିନ୍ତୁ ଭାଜପା ୩୭୦ ଡେଇଁବ ନାହିଁ ଏବଂ ମୋଦିଙ୍କ '୪୦୦ ପାର୍' ଟାର୍ଗେଟରୁ ଏନ୍‌ଡିଏ ବିଚ୍ୟୁତ ହେବା ନିଶ୍ଚିତ ବୋଲି ଟିଭି ଚ୍ୟାନେଲଗୁଡ଼ିକ ଦର୍ଶାଉଛନ୍ତି। ତେବେ 'ଏକ୍‌ଜିଟ୍ ପୋଲ୍' 'ଏକ୍‌ଜାଟ୍ ପୋଲ୍' ନୁହେଁ। ତେଣୁ ଜୁନ୍ ୪ ମଙ୍ଗଳବାର ଭୋଟ ଗଣତି ପରେ ଆସିବାକୁ ଥିବା ଫଳାଫଳକୁ ସମସ୍ତଙ୍କ ଅପେକ୍ଷା।

ଅଷ୍ଟାଦଶ ଲୋକ ସଭାର ସମସ୍ତ ୫୪୩ ଆସନରେ ନିର୍ବାଚନ ଶେଷ ହୋଇଛି। ଏପ୍ରିଲ ୧୯ରୁ ମେ' ୨୫ ଭିତରେ ୬ଟି ପର୍ଯ୍ୟାୟରେ ୪୮୬ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶନିବାର ଚୂଡ଼ାନ୍ତ ପର୍ଯ୍ୟାୟରେ ୭ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳର ଅବଶିଷ୍ଟ ୫୭ ଲୋକ ସଭା ଆସନରେ ଭୋଟ ଗ୍ରହଣ କରାଯାଇଛି। ମତଦାନ ସମ୍ପୂର୍ଣ୍ଣ ହେବା ପରେ ବିଭିନ୍ନ ସର୍ଭେ ସଂସ୍ଥା ଭୋଟ ଦେଇ ବୁଥ୍‌ରୁ ଫେରିଥିବା ମତଦାତାଙ୍କଠାରୁ ସଂଗୃହୀତ ମତାମତକୁ ନେଇ ଏକ୍‌ଜିଟ୍ ପୋଲ୍ ପ୍ରକାଶ କରିଛନ୍ତି। ତଦନୁସାରେ ଶାସକ ଏନ୍‌ଡିଏ ପ୍ରାୟ ୩୬୫ ଆସନ ଦଖଲ କରିବାକୁ ଥିବାବେଳେ ବିରୋଧୀ ଇଣ୍ଡିଆ ଦଳଗୁଡ଼ିକୁ ୧୪୧ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଏନ୍‌ଡିଏକୁ ସର୍ବାଧିକ ୩୭୧-୪୦୧ ଆସନ ଦେଇଥିବାବେଳେ ଇଣ୍ଡିଆ ୧୦୯ରୁ ୧୩୯ ଭିତରେ ସୀମିତ ରହିବ ଏବଂ ଅନ୍ୟ ଦଳଗୁଡ଼ିକ ୨୮ରୁ ୩୮ ଆସନ ପାଇବେ ବୋଲି ଭବିଷ୍ୟବାଣୀ କରିଛି। ଇଣ୍ଡିଆ ନ୍ୟୁଜ୍-ଡି ଡାଇନାମିକ୍ସର ଆକଳନ ଅନୁସାରେ ଏନ୍‌ଡିଏ ୩୭୧, ଇଣ୍ଡିଆ ୧୨୫ ଏବଂ ଅନ୍ୟ ଦଳ ୪୭ ଆସନରେ ସଫଳତା ପାଇବେ। ସେହିପରି ଏନ୍‌ଡିଟିଭି ଇଣ୍ଡିଆ-ଜନ୍ କୀ ବାତ୍‌ର ସର୍ଭେ କହୁଛି ଏନ୍‌ଡିଏ ୩୬୫ ଆସନ ଦଖଲ କରିବ। ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ ୧୪୨ ଓ ଅନ୍ୟମାନେ ୩୬ ଆସନରେ ସୀମିତ ରହିବେ। ରିପବ୍ଲିକ୍ ଭାରତ-ମାଟ୍ରିଜ୍ ଏନ୍‌ଡିଏ ୩୫୩-୩୬୮ ଆସନରେ ସଫଳତା ହାସଲ କରିବା ନେଇ ଅନୁମାନ କରିଛି। ଇଣ୍ଡିଆ ୧୧୮-୧୩୩ ଏବଂ ଅନ୍ୟ ଦଳଗୁଡ଼ିକର ପ୍ରାର୍ଥୀମାନେ ୪୩ରୁ ୪୮ ଆସନ ଦଖଲ କରିପାରନ୍ତି ବୋଲି ଏହି ସର୍ଭେ ସଂସ୍ଥା ଆକଳନ କରିଛି। ନ୍ୟୁଜ୍ ନେଶନ୍‌ର ହିସାବ ଅନୁସାରେ ଶାସକ ଏନ୍‌ଡିଏ ୩୪୨-୩୭୮, ବିରୋଧୀ ମେଣ୍ଟ ୧୫୩-୧୬୯ ଓ ଅନ୍ୟମାନେ ୨୧-୨୩ ଆସନ ପାଇବେ। ଅନ୍ୟପକ୍ଷେ ଦୈନିକ ଭାସ୍କର ଏନ୍‌ଡିଏକୁ ସର୍ବନିମ୍ନ ୨୫୦-୨୮୧ ଆସନ ଦେଇଛି। ଏହାର ଆକଳନ ଅନୁସାରେ ଇଣ୍ଡିଆ ମେଣ୍ଟ ୧୪୫-୨୦୧ ଏବଂ ଅନ୍ୟ ପ୍ରାର୍ଥୀ ୩୩-୪୯ ଆସନ ଦଖଲ କରିବାରେ ସକ୍ଷମ ହେବେ। ଏହି ସମସ୍ତ ଏକ୍‌ଜିଟ୍ ପୋଲ୍‌କୁ ମିଶାଇ ମୋଟାମୋଟି ଭାବେ ଦେଖିଲେ ଏନ୍‌ଡିଏ ୩୬୫, ଇଣ୍ଡିଆ ୧୪୧ ଓ ଅନ୍ୟ ଦଳଗୁଡ଼ିକର ପ୍ରାର୍ଥୀ ୩୬ ଆସନରେ ସଫଳତା ପାଇବେ।

ଜାତୀୟ ସ୍ତରରେ ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ କରିଥିବା ସଂସ୍ଥାଗୁଡ଼ିକ ମଧ୍ୟରୁ କେତେକ ସଂସ୍ଥା ରାଜ୍ୟୱାରି ସର୍ଭେ ହିସାବ ମଧ୍ୟ ପ୍ରକାଶ କରିଛନ୍ତି। ତଦନୁସାରେ ସବୁଠୁ ବଡ଼ ଓ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତର ପ୍ରଦେଶରେ ଏନ୍‌ଡିଏ ୮୦ ଆସନ ମଧ୍ୟରୁ ୬୯-୭୪ଟିରେ ସଫଳତା ପାଇବ ଏବଂ ଇଣ୍ଡିଆ ମେଣ୍ଟକୁ ୬-୧୧ ଆସନରେ ସୀମିତ ରହିବାକୁ ପଡ଼ିବ ବୋଲି ରିପବ୍ଲିକ୍ ଭାରତ-ମାଟ୍ରିଜ୍ ହିସାବ କରିଛି। ଇଣ୍ଡିଆ ନ୍ୟୁଜ୍-ଡି ଡାଇନାମିକ୍ସ ୟୁପିରେ ଏନ୍‌ଡିଏକୁ ୬୯ ଏବଂ ବିରୋଧୀଙ୍କୁ ୬-୧୨ ଆସନ ଦେଇଛି। ଦକ୍ଷିଣ ଭାରତ ଓ ପଶ୍ଚିମବଙ୍ଗରେ ଏନ୍‌ଡିଏର ପ୍ରଦର୍ଶନ ପୂର୍ବାପେକ୍ଷା ଉନ୍ନତ ରହିବା ନେଇ ଅନେକ ସଂସ୍ଥା ଅନୁମାନ କରିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ୨୧ ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୧୯ ଆସନ ଦଖଲ କରିବା ନେଇ ୨ଟି ସଂସ୍ଥା ଆକଳନ କରିଛନ୍ତି। ଆନ୍ଧ୍ରପ୍ରଦେଶରେ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସହ ମେଣ୍ଟ କରିଥିବା ଏନ୍‌ଡିଏକୁ ରାଜ୍ୟ ୨୫ ଆସନ ମଧ୍ୟରୁ ୧୮ଟିରେ ସଫଳତା ମିଳିବା ଆକଳନ କରାଯାଇଛି। ତେଲଙ୍ଗାନାର ୧୭ ଆସନରୁ ଭାଜପା ଅର୍ଦ୍ଧାଧିକ ସିଟ୍ ଜିତିପାରେ। ଏପରି କି ଗୈରିକ ଦଳ ତାମିଲନାଡୁରେ ☞ପୃଷ୍ଠା-୪

| ଆକଳନ | | | |
|---|---|---|---|
| **ସର୍ଭେ ସଂସ୍ଥା** | **ଏନ୍‌ଡିଏ** | **ଇଣ୍ଡିଆ** | **ଅନ୍ୟ** |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୩୭୧-୪୦୧ | ୧୦୯-୧୩୯ | ୨୮-୩୮ |
| ଇଣ୍ଡିଆ ନ୍ୟୁଜ୍-ଡି ଡାଇନାମିକ୍ସ | ୩୭୧ | ୧୨୫ | ୪୭ |
| ଏନ୍‌ଡିଟିଭି ଇଣ୍ଡିଆ-ଜନ୍ କୀ ବାତ୍ | ୩୬୫ | ୧୪୨ | ୩୬ |
| ରିପବ୍ଲିକ୍ ଭାରତ-ମାଟ୍ରିଜ୍ | ୩୫୩-୩୬୮ | ୧୧୮-୧୩୩ | ୪୩-୪୮ |
| ନ୍ୟୁଜ୍ ନେଶନ୍ | ୩୪୨-୩୭୮ | ୧୫୩-୧୬୯ | ୨୧-୨୩ |
| ଦୈନିକ ଭାସ୍କର | ୨୫୦-୨୮୧ | ୧୪୫-୨୦୧ | ୩୩-୪୯ |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ | ୩୬୫ | ୧୪୧ | ୩୬ |

## ଭାଜପାକୁ ଅଧିକ ଆସନ

**ଭୁବନେଶ୍ୱର,୧।୬(ଅନିଲ ଦାସ)**

**ଓଡ଼ିଶା ଲୋକ ସଭା ଏକ୍‌ଜିଟ୍ ପୋଲ**



ସାଧାରଣ ନିର୍ବାଚନ-୨୦୨୪ର ସମସ୍ତ ପର୍ଯ୍ୟାୟ ଭୋଟଗ୍ରହଣ ଶନିବାର ଶେଷ ହୋଇଛି। ଆସନ୍ତା ୪ ତାରିଖରେ ଭୋଟ ଫଳାଫଳ ପ୍ରକାଶ ପାଇବ। ଏହା ପୂର୍ବରୁ ବିଭିନ୍ନ ଗଣମାଧ୍ୟମ ଓ ସର୍ଭେ ସଂସ୍ଥା ପକ୍ଷରୁ ଏକ୍‌ଜିଟ ପୋଲ୍ ତଥ୍ୟ ପ୍ରକାଶ ପାଇଛି। ଏହି କ୍ରମରେ ଓଡ଼ିଶାର ୨୧ ଲୋକ ସଭା ଆସନକୁ ନେଇ ହୋଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ଆସିଛି। ସମସ୍ତ ରିପୋର୍ଟରେ ଭାଜପାକୁ ଅଧିକ ଲୋକ ସଭା ସିଟ୍ ମିଳିବା ନେଇ ପୂର୍ବାନୁମାନ କରାଯାଇଛି। ଚଳିତ ନିର୍ବାଚନରେ ରାଜ୍ୟରେ ଭାଜପାକୁ ୨୧ ଲୋକ ସଭା ସିଟ୍‌ରୁ ୧୫ କିମ୍ବା ଏହାଠାରୁ ଅଧିକ ଆସନ ମିଳିବ ବୋଲି କେତେକ ସଂସ୍ଥାର ଏକ୍‌ଜିଟ ପୋଲ ତଥ୍ୟରୁ ଜଣାପଡ଼ିଛି। ଇଣ୍ଡିଆ ଟିଭିର ଏକ୍‌ଜିଟ ପୋଲ୍ ତଥ୍ୟ କହୁଛି ଭାଜପା ୧୫ରୁ ୧୭ ଆସନରେ ବିଜୟୀ ହେବାକୁ ଥିବାବେଳେ ବିଜେଡିକୁ ମିଳିବ ମାତ୍ର ୪ରୁ ୬ଟି ସିଟ୍। ସେହିପରି କଂଗ୍ରେସକୁ ୦-୧ ଆସନ ମିଳିବା ନେଇ ଅନୁମାନ କରାଯାଇଛି। ☞ପୃଷ୍ଠା-୪

## ଓଡ଼ିଶା: ଶେଷ ପର୍ଯ୍ୟାୟରେ ମତଦାନ ୬୮.୭୨%

**ଭୁବନେଶ୍ୱର,୧।୬(ଅନିଲ ଦାସ)**

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ୬ ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନ ୪୨ ବିଧାନସଭା ଆସନରେ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଶ୍ରୀକାନ୍ତ ଜେନା, ପ୍ରତାପ ଷଡ଼ଙ୍ଗୀ, ସୁଦାମ ମାର୍ଣ୍ଡି, ବୈଜୟନ୍ତ ପଣ୍ଡା, ବିଭୁ ପ୍ରସାଦ ତରାଇ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପଟ୍ଟନାୟକ, ପ୍ରତାପ କେଶରୀ ଦେବ, ମନମୋହନ ସାମଲ, ପ୍ରଫୁଲ୍ଲ ସାମଲ, ଅନନ୍ତ ପ୍ରସାଦ ସେଠୀଙ୍କ ସମେତ ୪୬୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଶନିବାର ରାତି ସାଢ଼େ ୧୦ଟା ସୁଦ୍ଧା ୬୮.୭୨% ମତଦାନ ରେକର୍ଡ ହୋଇଥିଲା। ବାଲେଶ୍ୱର ଲୋକ ସଭା ଆସନରେ ଭୋଟହାର ୬୮.୮୮% ☞ପୃଷ୍ଠା-୭

**ଆଜି ଅରୁଣାଚଳ, ସିକିମ ବିଧାନସଭା ଭୋଟ ଫଳାଫଳ** | **ଜାତୀୟ/ଅନ୍ତର୍ଜାତୀୟ ପୃଷ୍ଠା**

## ଗୌତମ ଆଦାନୀ ଏସିଆର ଶ୍ରେଷ୍ଠ ଧନୀ



**ନୂଆଦିଲ୍ଲୀ,୧।୬**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟପି ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ଏସିଆର ସବୁଠୁ ଧନୀ ବ୍ୟକ୍ତିର ପରିଚୟ ହାସଲ କରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ସୂଚକାଙ୍କରୁ ଏହା ଜଣାପଡ଼ିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଆଦାନୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଗଣତନ୍ତ୍ରର କ୍ଷତି**

# ଶେଷ ହେଲା ଲୋକ ସଭା ନିର୍ବାଚନ

## ସପ୍ତମ ପର୍ଯ୍ୟାୟରେ ୬୦% ମତଦାନ

**ନୂଆଦିଲ୍ଲୀ,୧।୬**

ଲୋକ ସଭା ନିର୍ବାଚନର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ୭ ରାଜ୍ୟ ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ୫୭ ଆସନ ଲାଗି ମତଦାନ ଶନିବାର ଅନୁଷ୍ଠିତ ହେବା ସହ ୯୦୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଏଥିସହିତ ଅଷ୍ଟାଦଶ ଲୋକ ସଭା ପାଇଁ ଦୀର୍ଘ ଦେଢ଼ମାସ ଧରି ଚାଲିଥିବା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ୪ ତାରିଖରେ ଭୋଟଗଣତି ପରେ ଫଳାଫଳ ପ୍ରକାଶ ପାଇବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୪୦୦ରୁ ଊର୍ଦ୍ଧ୍ୱ ଆସନ ଜିତି ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଥିବାବେଳେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଇଣ୍ଡିଆ ମେଣ୍ଟ ୧୦ ବର୍ଷ ପରେ କ୍ଷମତାକୁ ଫେରିବା ନେଇ ଆଶା ରଖିଛି।

ଶେଷ ପର୍ଯ୍ୟାୟରେ ଅପରାହ୍ନ ୬୦ ପ୍ରତିଶତ ମତଦାନ ହୋଇଛି। ବିହାରରେ ମତଦାନ ହାର ୪୮.୮୬% ଥିବାବେଳେ ଚଣ୍ଡିଗଡ଼ରେ ୬୨.୮୦%, ହିମାଚଳପ୍ରଦେଶରେ ୬୬.୫୬%, ଝାଡ଼ଖଣ୍ଡରେ ୬୭.୯୭%, ପଞ୍ଜାବରେ ୫୫.୨୦%, ଉତ୍ତରପ୍ରଦେଶରେ ୫୪% ଏବଂ ପଶ୍ଚିମବଙ୍ଗରେ ୬୯.୮୯ ପ୍ରତିଶତ ମତଦାନ ହୋଇଛି। ଏଥରର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଥିଲେ ବାରାଣସୀରୁ ନରେନ୍ଦ୍ର ମୋଦି, ମଣ୍ଡି ଆସନରୁ ☞ପୃଷ୍ଠା-୪



## ଯୁକ୍ତ୨ ନାମଲେଖା: ୭ରୁ ଆବେଦନ

**ଭୁବନେଶ୍ୱର, ୧।୬ (ଅସମାପିକା ସାହୁ)**

ଚଳିତ ଶିକ୍ଷାବର୍ଷ ୨୦୨୪-୨୫ ନିମନ୍ତେ ଯୁକ୍ତ୨ ପ୍ରଥମ ବର୍ଷ ବା ଏକାଦଶ ଶ୍ରେଣୀରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ନାମଲେଖା ନିମନ୍ତେ ଆସନ୍ତା ୭ତାରିଖଠାରୁ ପ୍ରକ୍ରିୟା ଆରମ୍ଭ ହେବ। ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ ମାଧ୍ୟମରେ ସାମ୍ସ ପୋର୍ଟାଲ www.samsodisha.gov.inରେ ଆବେଦନ କରିପାରିବେ। ସୂଚନାଯୋଗ୍ୟ, ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତ ବିଷୟରେ ନାମଲେଖା ପାଇଁ ରାଜ୍ୟର ମୋଟ ୨,୨୨୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୫,୨୫,୪୬୫ ସିଟ୍ ରହିଛି। ସେଥିମଧ୍ୟରୁ କଳାରେ ୨,୯୪,୮୪୦, ବିଜ୍ଞାନରେ ୧,୬୬,୯୨୯, ବାଣିଜ୍ୟରେ ୪୦,୧୦୪, ଧନ୍ଦାମୂଳକ ଶିକ୍ଷାରେ ୧୦,୫୦୪ ଏବଂ ସଂସ୍କୃତରେ ୧୩,୦୮୮ ☞ପୃଷ୍ଠା-୪




## ପଦ୍ମଶ୍ରୀ ମାଗୁଣି କୁଅଁରଙ୍କ ପରଲୋକ



**କେନ୍ଦୁଝର,୧।୬(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ପୁରୁଣା ସହର ବୈଦରାଜସାହିର ପ୍ରଖ୍ୟାତ କଣ୍ଢେଇ ନୃତ୍ୟଗୁରୁ ତଥା ଶିଳ୍ପୀ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର(୮୮)ଙ୍କ ଶନିବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ବ୍ୟାଧିରେ ପୀଡ଼ିତ ଥିଲେ। ☞ପୃଷ୍ଠା-୪

# ଆଜିଠୁ ଟି୨୦ ବିଶ୍ୱକପ୍

## ୱେଷ୍ଟଇଣ୍ଡିଜ-ପିଏନ୍‌ଜି ଉଦ୍‌ଘାଟନୀ ମ୍ୟାଚ୍

**ଜର୍ଜଟାଉନ୍,୧।୬(ପି.ଟି)**

ଆମେରିକା ଓ ୱେଷ୍ଟଇଣ୍ଡିଜର ମିଳିତ ଆୟୋଜନରେ ଟି୨୦ କ୍ରିକେଟ ବିଶ୍ୱକପ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ୨୦ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ମୋଟ ୫୫ ମ୍ୟାଚ୍ ଖେଳାଯିବ। ସହ ଆୟୋଜକ ରହିଥିବା ୱେଷ୍ଟଇଣ୍ଡିଜ୍ ଓ ଯୋଗ୍ୟତା ପର୍ଯ୍ୟାୟ ଖେଳି ସାମିଲ ହୋଇଥିବା ପପୁଆ ନ୍ୟୁ ଗିନି (ପିଏନ୍‌ଜି)ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ୮ ବର୍ଷ ତଳେ ଶେଷ ଥର ଚାମ୍ପିୟନ ହୋଇଥିବା ୱେଷ୍ଟଇଣ୍ଡିଜ ନିଜ ମାଟିରେ ଆଉ ଥରେ ଟ୍ରଫି ହାସଲ ପାଇଁ ଉଦ୍ୟମ କରିବ। ୨୦୧୪ ଇଡେନ ଗାର୍ଡେନ୍ସରେ ବେନ୍ ଷ୍ଟୋକ୍ସଙ୍କୁ ଲଗାତର ୪ ଛକା ମାରି କାର୍ଲୋସ ବ୍ରାଥୱେଟ ଦଳକୁ ଟ୍ରଫି ଜିତାଇଥିଲେ। ତେବେ ଏହା ପରଠାରୁ ୱେଷ୍ଟଇଣ୍ଡିଜ କ୍ରିକେଟରେ ଆସିଛି ଅନେକ ପରିବର୍ତ୍ତନ। ୨୦୨୧ରେ ଦଳ ସୁପର୍-୧୨ରୁ ବିଦା ହୋଇଥିବା ବେଳେ ୨୦୨୨ରେ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲା। ଚଳିତ ବର୍ଷ ଘରୋଇ ମାଟିରେ ଖେଳୁଥିବା କାରଣରୁ ଏହାର ଫାଇଦା ଉଠାଇବାକୁ ପ୍ରୟାସ କରିବ ୱେଷ୍ଟଇଣ୍ଡିଜ୍। ଦଳକୁ ୨ଥର ବିଶ୍ୱକପ ଜିତାଇଥିବା ଡାରେନ୍ ସାମି ବର୍ତ୍ତମାନ କୋଚ୍ ଭୂମିକାରେ ଅଛନ୍ତି। ସେହିପରି ରୋଭମାନ ପାୱେଲଙ୍କ ଦଳ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ନେଇ ସ୍ପଷ୍ଟ କରି ସାରିଛି। ଦଳ ନିକଟରେ ନିକୋଲାସ ପୁରନଙ୍କ ବ୍ୟତୀତ ରୋଭମାନ ପାୱେଲ, ଆନ୍ଦ୍ରେ ରସେଲ୍, ସିମରନ୍ ହେଟମେୟର, ☞ପୃଷ୍ଠା-୪



# ବୁଥ୍ ପରିସରରେ ସ୍ତ୍ରୀଙ୍କୁ ହାଣି ହତ୍ୟା

**ଭଦ୍ରକ,୧।୬ (ସନାତନ ରାଉତ)**

ପାରିବାରିକ କଳହକୁ କେନ୍ଦ୍ରକରି ବୁଥ୍ ପରିସରରେ ସ୍ତ୍ରୀଙ୍କୁ ଭୁଜାଲିରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ଶନିବାର ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କାଉପୁର ପଞ୍ଚାୟତର ମୁକ୍ତାଡି ସ୍କୁଲରେ ହୋଇଥିବା ୪ ନଂ. ବୁଥ୍ ପରିସରରେ ଏଭଳି ବୀଭତ୍ସ କାଣ୍ଡ ଘଟିଛି। ଏହି ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିବା ବେଳେ ବୁଥ୍‌ରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ମତଦାନ ବନ୍ଦ ରହିଥିଲା। ମୃତ ମହିଳା ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ ଜିରାଘମ୍ବୀର ଗ୍ରାମର ରଶ୍ମିରେଖା ବେହେରା(୨୫)। ତାଙ୍କ ସ୍ୱାମୀ ମୁକ୍ତାଡି ଗ୍ରାମର ପ୍ରଭାକର ରାଉତ(୩୦)ଙ୍କୁ ଗ୍ରାମାଞ୍ଚଳ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରଭାକର ୪ବର୍ଷ ତଳେ ରଶ୍ମିରେଖାଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ବର୍ଷର ଏକ ପୁଅ ଅଛି। ଗତ କିଛି ମାସ ଧରି ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଭଲ ନ ଥିବାରୁ ରଶ୍ମିରେଖା ବାପଘରେ ରହୁଥିଲେ। ପାରିବାରିକ କଳହକୁ ନେଇ ମହିଳା କମିଶନରେ ମଧ୍ୟ ମାମଲା ବିଚାରାଧୀନ ରହିଛି। ଆସନ୍ତା ୫ ତାରିଖରେ ମାମଲାର ଶୁଣାଣି ତାରିଖ ଅଛି। ଉଭୟଙ୍କ ସମ୍ପର୍କରେ ତିକ୍ତତା ବଢ଼ି ଯାଇଥିବା ବେଳେ ପ୍ରଭାକର ପ୍ରତିହିଂସା ପରାୟଣ ଥିଲେ। ଶନିବାର ରଶ୍ମିରେଖା ଭୋଟ ଦେବା ପାଇଁ ବୁଥ୍‌କୁ ଆସି ଧାଡ଼ିରେ ଠିଆ ହୋଇଥିବା ବେଳେ ପ୍ରଭାକର ତାଙ୍କୁ ଡାକିବା ପରେ ଧକ୍କା ମାରିବାରୁ ତଳେ ପଡ଼ିଯାଇଥିଲେ। ପରେ ଭୁଜାଲିରେ ତାଙ୍କ ବେକକୁ ହାଣିବା ସହ ପେଟରେ ଭୁସି ଦେଇଥିବା ରଶ୍ମିରେଖାଙ୍କ ଦାଦା ଖଗେଶ୍ୱର ବେହେରା କହିଛନ୍ତି। ମୁମୂର୍ଷୁ ଅବସ୍ଥାରେ ରଶ୍ମିରେଖାଙ୍କୁ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକେ ପ୍ରଭାକରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ସହ ପ୍ରଭାକରଙ୍କ ସାନଭାଇଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। ଖବର ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ। ଏହି ହତ୍ୟାକାଣ୍ଡ ବେଳକୁ ୫୩୪ଜଣ ଭୋଟର ମତଦାନ କରିସାରିଥିଲେ। ଘଟଣା ପରେ ସମସ୍ତ ଭୋଟର ଛତ୍ରଭଙ୍ଗ ଦେଇଥିବା ବେଳେ ବୁଥ୍ ଆଗରେ ଉତ୍ତେଜନା ଦେଖାଦେଇଥିଲା। ଫଳରେ ପୋଲିଂ କର୍ମଚାରୀ ମତଦାନ କାର୍ଯ୍ୟ ବନ୍ଦ କରି କବାଟ ଦେଇ ଭିତରେ ରହିଥିଲେ। ପରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାଶ ପହଞ୍ଚି ସମସ୍ତ ଭୋଟର ଭୋଟ ଦେବା ପାଇଁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ପୁନଃ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବୁଥ୍ ଆଗରେ ପୋଲିସ ଫୋର୍ସ ମୁତୟନ ରଖାଯାଇଥିଲା।



ମୃତ ରଶ୍ମିରେଖା ବେହେରା।

**ଘଣ୍ଟାଏରୁ ଊର୍ଦ୍ଧ୍ୱ ମତଦାନ ବନ୍ଦ**



ମଣ୍ଡିର ଭାଜପା ପ୍ରାର୍ଥୀ କଙ୍ଗନା ରାଣାଓ୍ୱତ ମତଦାନ ପରେ ସ୍ୟାହି ଲାଗିଥିବା ଆଙ୍ଗୁଠିକୁ ଦେଖାଉଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଏକ ବୁଥରେ ଭୋଟ ଦେବା ପରେ ଗଣମାଧ୍ୟମକୁ ବିଜୟ ସଙ୍କେତ ଦେଖାଉଛନ୍ତି।



ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ, ସ୍ତ୍ରୀ ରାବ୍ରୀ ଯାଦବ ଓ ଝିଅ ରୋହିଣୀ ଆଚାର୍ଯ୍ୟ ଭୋଟ ଦେବା ପରେ ସେଲ୍‌ଫି ନେଉଛନ୍ତି।

# ସନ୍ଦେଶଖାଲିରେ ବ୍ୟାପକ ହିଂସା



ସନ୍ଦେଶଖାଲିରେ ଟିଏମ୍‌ସି ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ।

**କୋଲକାତା,୧।୬**

ଲୋକ ସଭାର ଶେଷ ପର୍ଯ୍ୟାୟରେ ଶନିବାର ପଶ୍ଚିମବଙ୍ଗର ବସିରହାଟ୍ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସନ୍ଦେଶଖାଲି ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଟିଏମ୍‌ସି ଏବଂ ଭାଜପା ସମର୍ଥନଙ୍କ ମଧ୍ୟରେ ସଂଘର୍ଷରେ ୨ ଜଣ ଆହତ ହୋଇଥିବାବେଳେ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ ସମେତ ଲାଠିଚାଳନା କରିବାକୁ ପଡ଼ିଥିଲା। ଏହା ବ୍ୟତୀତ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଥିବା ପଶ୍ଚିମବଙ୍ଗର ଅନ୍ୟ ୮ଟି ନିର୍ବାଚନ ମଣ୍ଡଳୀରେ କାଁଭାଁ ହିଂସାକାଣ୍ଡ ଘଟିଛି। ବିଭିନ୍ନ ସ୍ଥାନରେ ଟିଏମ୍‌ସି, ଆଇଏସ୍‌ଏଫ୍ ଏବଂ ଭାଜପା ସମର୍ଥକ ପରସ୍ପରକୁ ଆକ୍ରମଣ କରିଥିଲେ। ଯାଦବପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସତୁଲିୟାରେ ଆଇଏସ୍‌ଏଫ୍ ଏବଂ ସିପିଆଇ(ଏମ୍) କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଅନେକେ ଆହତ ହୋଇଛନ୍ତି। ସେହିପରି ଦକ୍ଷିଣ ୨୪ ପ୍ରଗଣା ଜିଲାର କୁଲତାଲିଠାରେ ଉତ୍ତ୍ୟକ୍ତ ଲୋକେ ବୁଥ୍‌ରେ ପଶି ଇଭିଏମ୍ ଏବଂ ଭିଭିପିଏଟି ମେଶିନ ନେଇଯାଇ ପୋଖରୀରେ ଫିଙ୍ଗିଦେଇଥିଲେ। ଇଭିଏମ୍‌ରେ ତ୍ରୁଟି ଏବଂ ବୁଥ ପ୍ରବେଶରେ ବାଧା ଦେବା ଆଦି ୧.୮୯୯ ଅଭିଯୋଗ ଅପରାହ୍ଣ ସୁଦ୍ଧା ମିଳିଥିବା ନିର୍ବାଚନ କମିଶନ କହିଛନ୍ତି।

## ମୃତ୍ୟୁକାଳୀନ ଜମାନବନ୍ଦୀ ଆଧାରରେ ଦୋଷୀସାବ୍ୟସ୍ତ କରାଯାଇପାରିବ

**ନୂଆଦିଲ୍ଲୀ,୧।୬**

ମୃତ୍ୟୁକାଳୀନ ଜମାନବନ୍ଦୀ କୋର୍ଟଙ୍କ ଆତ୍ମବିଶ୍ୱାସକୁ ଅଧିକ ପ୍ରେରିତ କରିଥାଏ। ବିନା ତଥ୍ୟ ପ୍ରମାଣର ସମର୍ଥନରେ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ଏହା ଏକମାତ୍ର ଆଧାର ହୋଇପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ୨୨ ବର୍ଷ ପୂର୍ବେ ମହାରାଷ୍ଟ୍ରର ବିଦ୍ ଜିଲାରେ ଜଣେ ପୂର୍ବତନ ସେନା ଯବାନ ତାଙ୍କ କନ୍‌ଷ୍ଟେବଲ୍ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ତଳକୋର୍ଟ ସେନା ଯବାନଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଛନ୍ତି। କୋର୍ଟ ମୃତ୍ୟୁକାଳୀନ ଜମାନବନ୍ଦୀକୁ ସାବଧାନତା ସହ ଯାଞ୍ଚ କରି ଏହାର ବିଶ୍ୱସନୀୟତା ଉପରେ ନିଶ୍ଚିତ ହେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ମୃତ୍ୟୁକାଳୀନ ଜମାନବନ୍ଦୀକୁ ଗ୍ରହଣ କରିବା ପୂର୍ବରୁ ଏହା ମୃତକ ମୁମୂର୍ଷୁ ଅବସ୍ଥାରେ କୌଣସି ଚାପରେ ନ ପଡ଼ି ସ୍ୱେଚ୍ଛାକୃତ ଭାବେ ଦେଇଥିବା ନେଇ ଅଦାଲତ ସ୍ପଷ୍ଟ ହେବା ଆବଶ୍ୟକ। ଏସବୁ ସିଦ୍ଧାନ୍ତରେ ପହଞ୍ଚିବା ପରେ ମୃତ୍ୟୁକାଳୀନ ଜମାନବନ୍ଦୀ ସହ ଶୁଦ୍ଧତାର ଏକ ବଡ଼ ସଫଳତା ଯୋଡ଼ି ହେବ, ଯାହାକୁ ଦୋଷୀସାବ୍ୟସ୍ତର ଏକମାତ୍ର ଆଧାର କରାଯାଇପାରିବ ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି।

## ଭୋଟ ପରେ ମା'ଙ୍କ ଶେଷକୃତ୍ୟ

**ନୂଆଦିଲ୍ଲୀ,୧।୬**

ବିହାରର ଜେହାନାବାଦ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେବକୁଲି ଗ୍ରାମରେ ଶନିବାର ଜଣେ ୮୦ ବର୍ଷୀୟାଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ପୂର୍ବରୁ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିଲେ। ମୃତକଙ୍କ ପୁଅ ମିଥିଲେଶ ଯାଦବଙ୍କ କହିବା ଅନୁଯାୟୀ, ମାଆ ମରିଗଲେ। ସେ ଆଉ ଫେରିବେ ନାହିଁ। ତାଙ୍କ ଶେଷକୃତ୍ୟ ପାଇଁ ଅପେକ୍ଷା କରାଯାଇପାରିବ କିନ୍ତୁ ମତଦାନ ନୁହେଁ। କାରଣ ନିର୍ବାଚନ ୫ ବର୍ଷ ପରେ ଆସିବ। ତେଣୁ ଆମ ପରିବାର ମାଆଙ୍କ ଶେଷକୃତ୍ୟ କରିବା ପୂର୍ବରୁ ଭୋଟ ଦେବାକୁ ନିଷ୍ପତ୍ତି ନେଲେ ବୋଲି ମିଥିଲେଶ କହିଛନ୍ତି।

## ଚାମ୍ବା, ଡୁମ୍‌କାରେ ଭୋଟ ବର୍ଜନ

**ଶିମ୍‌ଲା/ଡୁମ୍‌କା,୧।୬**

ହିମାଚଳପ୍ରଦେଶର ଚାମ୍ବା ଜିଲା ଅନ୍ତର୍ଗତ ମାଖନ, ଚଟୁଲ ଏବଂ ଜୁରି ଗ୍ରାମର ଲୋକମାନେ ରାସ୍ତା ନିର୍ମାଣ ଦାବିରେ ଭୋଟ ବର୍ଜନ କରିଛନ୍ତି। ଜିଲା ପ୍ରଶାସନ ସେମାନଙ୍କ ଆପତ୍ତି ଅଭିଯୋଗ ନ ଶୁଣିବା ପର୍ଯ୍ୟନ୍ତ ସେମାନେ ଭୋଟ ଦେବେ ନାହିଁ ବୋଲି କହିଥିଲେ। ସେହିପରି ଝାଡ଼ଖଣ୍ଡର ଡୁମ୍‌କା ଜିଲାର ବାଗଡୁଭି ଗ୍ରାମରେ ୪୨୬ ଭୋଟର ଭୋଟ ଦେଇନାହାନ୍ତି। ରେଲ୍‌ୱେ କୋଇଲା ଡମ୍ପିଂ ୟାର୍ଡକୁ ବିରୋଧକରି ଗ୍ରାମବାସୀ ଭୋଟବର୍ଜନ କରିଥିଲେ। ସାହିବଗଞ୍ଜ ଏସ୍‌ଡିଓ ଅଜୟ କୁମାର ଗ୍ରାମବାସୀଙ୍କ ସହ ବୈଠକ କରି ଏହି ପ୍ରସଙ୍ଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଲୋକମାନେ ଭୋଟ ଦେବାକୁ ରାଜି ହୋଇ ନ ଥିଲେ।

## ଆଜି ଅରୁଣାଚଳ, ସିକିମ ବିଧାନସଭା ଭୋଟ ଫଳାଫଳ

**ଇଟାନଗର/ଗାଙ୍ଗଟକ୍,୧।୬**

ଅରୁଣାଚଳପ୍ରଦେଶ ଏବଂ ସିକିମ ବିଧାନସଭା ନିର୍ବାଚନର ଭୋଟଗଣତି ରବିବାର ସକାଳ ୬ଟାରୁ ଆରମ୍ଭ ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଅରୁଣାଚଳ ପ୍ରଦେଶ ବିଧାନସଭା ଆସନର ୬୦ ଆସନ ମଧ୍ୟରୁ ୧୦ଟିକୁ ଭାଜପା ନିର୍ଦ୍ୱନ୍ଦ୍ୱରେ ଜିତିଥିବାବେଳେ ଅବଶିଷ୍ଟ ୫୦ ଆସନ ପାଇଁ ଲଢୁଥିବା ୧୩୩ ପ୍ରାର୍ଥୀଙ୍କ ଭାଗ୍ୟ ଉପରେ ରବିବାର ନିଷ୍ପତ୍ତି ହେବ। ୨୦୧୯ ନିର୍ବାଚନରେ ଭାଜପା ସେଠାରେ ୪୧ ଆସନରେ ବିଜୟୀ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ସକାଳ ୬ରୁ ଭୋଟଗଣତି ଆରମ୍ଭ ହୋଇ ଅପରାହ୍ଣ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଜଣାପଡ଼ିଯିବ ବୋଲି ଆଶା କରାଯାଉଛି। ଏପ୍ରିଲ ୧୯ରେ ଏହି ରାଜ୍ୟରେ ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଧାନସଭା ନିର୍ବାଚନରେ ମତଦାନ ୮୨.୭୧ ପ୍ରତିଶତ ହୋଇଥିବାବେଳେ ଲେକା ସଭା ନିର୍ବାଚନରେ ମତଦାନ ହାର ୭୭.୫୧ ପ୍ରତିଶତ ଥିଲା। ସେହିପରି ସିକିମ ବିଧାନସଭାର ୩୨ ଆସନ ପାଇଁ ରବିବାର ସକାଳ ୬ରୁ ଭୋଟଗଣତି ଆରମ୍ଭ ହେବାକୁ ଥିବାବେଳେ ଶାସକ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ଦ୍ୱିତୀୟ ଥର ପାଇଁ କ୍ଷମତା ବଜାୟ ରଖିବାକୁ ଆଶାବାଦୀ ରହିଛି। ବିରୋଧୀ ଦଳ ଏସ୍‌ଡିଏଫ୍ ବର୍ତ୍ତମାନର ସରକାରକୁ ପରାଜିତ କରି କ୍ଷମତାକୁ ଆସିବା ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଥିଲା।

## ସଲମାନ୍‌ଙ୍କୁ ହତ୍ୟା ଷଡ଼ଯନ୍ତ୍ର, ୪ ଗିରଫ

**ମୁମ୍ବାଇ, ୧।୬**

ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କ ହତ୍ୟା ଷଡ଼ଯନ୍ତ୍ରର ଆଉ ଏକ ଉଦ୍ୟମକୁ ମୁମ୍ବାଇ ପୋଲିସ ବିଫଳ କରିଛି। ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ୪ ଜଣଙ୍କୁ ନଭି ମୁମ୍ବାଇର ପନଭେଲ ପୋଲିସ ଶନିବାର ଗିରଫ କରିଛି। ଗିରଫ ୪ ଜଣ ବ୍ୟକ୍ତି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ହୋଇଥିବାବେଳେ ସେମାନେ ସଲମାନ୍‌ଙ୍କ ଗାଡ଼ିକୁ ଆକ୍ରମଣ କରିବାକୁ ଯୋଜନା କରିଥିବା ପୋଲିସ କହିଛି। ଏନେଇ ପନଭେଲ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କାନାଡ଼ାରେ ଥିବା ଲରେନ୍ସ ବିଷ୍ଣୋଇଙ୍କ ସମ୍ପର୍କୀୟ ଭାଇ ଅନମୋଲ ବିଷ୍ଣୋଇଙ୍କଠାରୁ ଏକେ-୪୭, ଏମ୍-୧୬, ଏକେ-୯୨ ଆଦି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କିଣି ସଲମାନଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା ପୋଲିସ ସୂଚନା ଦେଇଛି।

## ଏକ୍‌ଜିଟ ପୋଲ୍ କେତେ ଠିକ୍

**ନୂଆଦିଲ୍ଲୀ,୧।୬**

୨୦୨୪ ଲୋକ ସଭା ନିର୍ବାଚନ ଶନିବାର ଶେଷ ହେବା ପରେ ସନ୍ଧ୍ୟାରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବହୁପ୍ରତୀକ୍ଷିତ ଏକ୍‌ଜିଟ ପୋଲ୍ ବା ବୁଥ୍‌ଫେରନ୍ତା ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ପ୍ରାୟ ସବୁ ସଂସ୍ଥା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସର୍ବାଧିକ ଆସନ ଜିତିବ ବୋଲି ପୂର୍ବାନୁମାନ କରିଛନ୍ତି। ଆସନ୍ତା ୪ ତାରିଖରେ ଭୋଟଗଣତି କରାଯାଇ ପ୍ରକୃତ ଫଳାଫଳ ପ୍ରକାଶ ପାଇବ। ତେବେ ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ଅନେକ ସମୟରେ ଠିକ୍ ହୋଇ ନ ଥାଏ। ଅତୀତରେ ଏଭଳି ଦେଖାଯାଇଛି। ୨୦୧୪ ଏବଂ ୨୦୧୯ ଲୋକ ସଭା ନିର୍ବାଚନର ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ଏବଂ ପ୍ରକୃତ ଫଳାଫଳକୁ ଦେଖିଲେ, ତାହା ସ୍ପଷ୍ଟ ବାରିହୁଏ।

୨୦୧୪ରେ ଅଧିକାଂଶ ଏକ୍‌ଜିଟ ପୋଲ୍ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଢ଼ିବେ ବୋଲି ପୂର୍ବାନୁମାନ କରିଥିଲେ ମଧ୍ୟ ଏତେ ସଂଖ୍ୟାରେ ଆସନ ଜିତି ଐତିହାସିକ ବିଜୟ ହାସଲ କରିବ ବୋଲି ଠିକ୍ ଆକଳନ କେହି କରିପାରି ନ ଥିଲେ। ଏହି ପର୍ଯ୍ୟାୟରେ ଏନ୍‌ଡିଏ ୨୭୨ ଆସନ ପାଇବ ବୋଲି ଇଣ୍ଡିଆ ଟୁଡେ-ସିସେରୋ କହିଥିବାବେଳେ ନ୍ୟୁଜ୍ ୨୪-ଚାଣକ୍ୟ ଏନ୍‌ଡିଏକୁ ୩୬୦ ଆସନ, ସିଏନ୍‌ଏନ୍-ଆଇବିଏନ୍-ସିଏସ୍‌ଡିଏସ୍ ୨୮୦ ଆସନ, ଟାଇମ୍ସ ନାଓ ଓଆର୍‌ଜି ୨୪୯ ଆସନ, ଏବିପି ନ୍ୟୁଜ-ନିଏଲସେନ୍ ୨୭୪ ଏବଂ ଏନ୍‌ଡିଟିଭି-ହଂସା ରିସର୍ଚ୍ଚ ୨୭୯ ଆସନ ଦେଇଥିଲା। ଅନ୍ୟପକ୍ଷରେ ଏହି ସଂସ୍ଥାଗୁଡ଼ିକ କଂଗ୍ରେସ ନେତୃତ୍ୱାଧୀନ ଉପାକୁ ୯୭ରୁ ୧୪୮ ଆସନ ଦେଇଥିଲେ। ସେହି ନିର୍ବାଚନର ପ୍ରକୃତ ଫଳାଫଳରେ ଏନ୍‌ଡିଏକୁ ୩୩୬ ଆସନ ମିଳିଥିବାବେଳେ କେବଳ ଭାଜପା ୧୮୨ ଆସନରେ ଜିତିଥିଲା। କଂଗ୍ରେସ ମାତ୍ର ୪୪ ଆସନ ଜିତିବାକୁ ସକ୍ଷମ ହୋଇଥିବାବେଳେ ଉପାକୁ ୬୦ ଆସନରେ ସୀମିତ ରହିବାକୁ ପଡ଼ିଥିଲା।

୨୦୧୯ ନିର୍ବାଚନରେ ଇଣ୍ଡିଆ ଟୁଡେ-ଆକ୍ସିସ୍ ଏନ୍‌ଡିଏକୁ ୩୩୯-୩୬୫ ଆସନ ଦେଇଥିବାବେଳେ ନ୍ୟୁଜ୍ ୨୪-ଟୁଡେସ୍ ଚାଣକ୍ୟ ଏହି ମେଣ୍ଟ ୩୫୦ ଆସନ ଜିତିବ ବୋଲି ପୂର୍ବାନୁମାନ କରିଥିଲା। ନ୍ୟୁଜ୍ ୧୮-ଆଇପିଏସ୍‌ଓଏସ୍ ୩୩୬ ଆସନ, ଟାଇମ୍ସ ନାଓ ଭିଏମ୍‌ଆର୍ ୩୦୬ ଆସନ, ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ୩୦୦ ଆସନ ଏବଂ ସୁଦର୍ଶନ ନ୍ୟୁଜ୍ ୩୦୫ ଆସନ ଦେଇଥିଲା। ଅନ୍ୟପକ୍ଷରେ ଉପା ୭୭ରୁ ୧୩୨ ଆସନ ମଧ୍ୟରେ ସୀମିତ ରହିବ ବୋଲି ବିଭିନ୍ନ ଏକ୍‌ଜିଟ୍ ପୋଲ୍‌ରେ ପ୍ରକାଶ ପାଇଥିଲା। ପ୍ରକୃତ ଫଳାଫଳରେ ଭାଜପା ୩୦୩ ଆସନ ଜିତିଥିବାବେଳେ ଏନ୍‌ଡିଏକୁ ୩୫୨ ଆସନ ମିଳିଥିଲା। ସେହିପରି କଂଗ୍ରେସ ୫୨ ଆସନ ପାଇଥିବାବେଳେ ଉପା ୯୧ ଆସନରେ ସୀମିତ ରହିଥିଲା।

## ଅଂଶୁଘାତ ମୃତ୍ୟୁସଂଖ୍ୟା ୮୭

**ନୂଆଦିଲ୍ଲୀ,୧।୬**

ଦେଶରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଶନିବାର ୮୭ରେ ପହଞ୍ଚିଛି। ଗତ ୩୬ ଘଣ୍ଟା ମଧ୍ୟରେ ୪୫ ଜଣ ପ୍ରାଣ ହରାଇଲେଣି। ଏହି ସମୟ ମଧ୍ୟରେ ପଶ୍ଚିମ ଓଡ଼ିଶାରେ ଆଉ ୧୯ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ଉତ୍ତରପ୍ରଦେଶରେ ୧୬, ବିହାରରେ ୫, ରାଜସ୍ଥାନରେ ୪ ଏବଂ ପଞ୍ଜାବରେ ଜଣକର ମୃତ୍ୟୁ ହୋଇଛି। ହରିୟାଣା, ଚଣ୍ଡିଗଡ଼-ଦିଲ୍ଲୀ ଏବଂ ଉତ୍ତରପ୍ରଦେଶରେ ପ୍ରଚଣ୍ଡ ଗ୍ରୀଷ୍ମଲହରି ଜାରି ରହିବ। ଏହା ବ୍ୟତୀତ ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଏବଂ ଉତ୍ତରାଖଣ୍ଡର କେତେକ ଅଞ୍ଚଳରେ ମଧ୍ୟ ଗ୍ରୀଷ୍ମଲହର ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି। ଶୁକ୍ରବାର ପଶ୍ଚିମ ଉତ୍ତରପ୍ରଦେଶର କାନପୁରରେ ସର୍ବାଧିକ ତାପମାତ୍ରା ୪୮.୨ ଡିଗ୍ରୀ ସେଲ୍‌ସିୟସ ଥିଲା।

### ସେନ୍‌ସର ତ୍ରୁଟିରୁ ମୁଙ୍ଗେଶପୁର ତାପମାତ୍ରା ୫୨.୯ ଡିଗ୍ରୀ

ଦିଲ୍ଲୀର ମୁଙ୍ଗେଶପୁରରେ ଥିବା ସ୍ୱୟଂକ୍ରିୟ ପାଣିପାଗ କେନ୍ଦ୍ର ସେନ୍‌ସର (ଏଡବ୍ଲ୍ୟୁଏସ୍)ରେ ତ୍ରୁଟି ଯୋଗୁ ସର୍ବାଧିକ ତାପମାତ୍ରା ୩ ଡିଗ୍ରୀ ସେଲ୍‌ସିୟସ ଅଧିକ ଦେଖାଇଥିଲା ବୋଲି ପାଣିପାଗ ବିଭାଗ ବିଶେଷଜ୍ଞମାନେ କହିଛନ୍ତି। ଏହି ଭୁଲ୍ ପାଇଁ ମୁଙ୍ଗେଶପୁର ତାପମାତ୍ରା ୫୨.୯ ଡିଗ୍ରୀ ସେଲ୍‌ସିୟସ୍ ଦର୍ଶାଯାଇଥିଲା। ଭୂବିଜ୍ଞାନ ମନ୍ତ୍ରୀ କିରେନ ରିଜିଜୁ ମୁଙ୍ଗେଶପୁର ତାପମାତ୍ରା ତ୍ରୁଟି ସମ୍ପର୍କରେ ଏକ ଚିଠା ରିପୋର୍ଟ ଶେୟାର କରିଛନ୍ତି। ଷ୍ଟାଣ୍ଡାର୍ଡ ଉପକରଣ ତୁଳନାରେ ଏଡବ୍ଲ୍ୟୁଏସ୍ ଅଧିକ ୩ ଡିଗ୍ରୀ ଦର୍ଶାଇଥିଲା ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।

## ଆଜି ଜେଲକୁ ଫେରିବେ କେଜ୍‌ରିୱାଲ

**ନୂଆଦିଲ୍ଲୀ, ୧।୬**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନର ଆଦେଶକୁ ଶନିବାର ସ୍ଥାନୀୟ ରାଉଜ ଆଭେନ୍ୟୁ କୋର୍ଟ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ଏହାସହ କେଜ୍‌ରିୱାଲ ରବିବାର ତିହାର ଜେଲକୁ ପ୍ରତ୍ୟାବର୍ତ୍ତନ କରିବା ସ୍ପଷ୍ଟ ହୋଇଛି। ଶୁଣାଣି ସମୟରେ କୋର୍ଟଙ୍କ ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କେଜ୍‌ରିୱାଲଙ୍କ ଜାମିନ ଆବେଦନକୁ ବିରୋଧ କରାଯାଇଛି। ଯଦି ଜେଲରେ କେଜ୍‌ରିୱାଲଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ ତେବେ ତାଙ୍କୁ ଏମ୍‌ସ କିମ୍ବା ଅନ୍ୟ ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯିବ ବୋଲି ଇଡି ପକ୍ଷରୁ କୁହାଯାଇଛି।

## ପିଓକେ ବିଦେଶୀ ଅଞ୍ଚଳ

### ହାଇକୋର୍ଟରେ ମାନିଲା ପାକିସ୍ତାନ

**ଇସ୍‌ଲାମାବାଦ,୧।୬**

ପାକ୍ ଅଧିକୃତ କଶ୍ମୀର (ପିଓକେ) ବିଦେଶୀ ଅଞ୍ଚଳ ବୋଲି ପାକିସ୍ତାନର ଅତିରିକ୍ତ ଆଟର୍ନି ଜେନେରାଲ ଇସ୍‌ଲାମାବାଦ ହାଇକୋର୍ଟରେ ସ୍ୱୀକାର କରିଛନ୍ତି। ଉକ୍ତ ଅଞ୍ଚଳ ପାକିସ୍ତାନ ସରକାରଙ୍କର କ୍ଷେତ୍ରାଧିକାର ମଧ୍ୟରେ ଆସୁନାହିଁ। ଶୁକ୍ରବାର ଇସ୍‌ଲାମାବାଦ ଉଚ୍ଚ ନ୍ୟାୟାଳୟରେ କଶ୍ମୀରୀ କବି ତଥା ସାମ୍ବାଦିକ ଅହମଦ ଫାର୍‌ହାଦ ଶାହଙ୍କୁ ଅପହରଣ ମାମଲାର ଶୁଣାଣି ବେଳେ ପାକ୍ ସରକାରଙ୍କ ପକ୍ଷରୁ ପିଓକେ ଏହାର ଅଞ୍ଚଳ ନୁହେଁ ବୋଲି ସ୍ୱୀକାର କରାଯାଇଛି, ଯାହାକି ଏକ ବିରଳ ଘଟଣା। ମେ' ୧୫ରେ ଫାର୍‌ହାଦଙ୍କୁ ତାଙ୍କ ରାୱଲପିଣ୍ଡି ସ୍ଥିତ ବାସଭବନରୁ ଅପହରଣ କରାଯାଇଥିଲା। ତାଙ୍କ ସ୍ତ୍ରୀଙ୍କ ପିଟିଶନ୍‌ର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମୋହସିନ ଅଖତର କୟାନି




କବି ଫାର୍‌ହାଦଙ୍କୁ କୋର୍ଟରେ ହାଜର କରାଇବାକୁ ଚାହିଁଥିଲେ। ଶୁକ୍ରବାର ଅତିରିକ୍ତ ଆଟର୍ନି ଜେନେରାଲ ଉକ୍ତ ମାମଲା ଉପରେ ଯୁକ୍ତି ବାଢୁଥିବାବେଳେ ଫାର୍‌ହାଦ ପିଓକେ ପୋଲିସ ହାଜତରେ ରହିଥିବାରୁ କୋର୍ଟରେ ହାଜର କରାଯାଇପାରିବ ନାହିଁ ବୋଲି କହିଥିଲେ। ପିଓକେ ଏକ ବିଦେଶୀ ଅଞ୍ଚଳ, ଏହାର ନିଜସ୍ୱ ସମ୍ବିଧାନ ଓ କୋର୍ଟ ରହିଛି। ତେଣୁ ପାକିସ୍ତାନୀ ଅଦାଲତଙ୍କ ରାୟକୁ ପିଓକେରେ ବିଦେଶୀ କୋର୍ଟ ରାୟ ଭାବେ ନିଆଯାଇଥାଏ ବୋଲି ଅତିରିକ୍ତ ଆଟର୍ନି ଜେନେରାଲ କହିଥିଲେ। ଯଦି ପିଓକେ ବିଦେଶୀ ଅଞ୍ଚଳ ତେବେ ସେଠାରେ ପାକିସ୍ତାନୀ ସେନା ଓ ରେଞ୍ଜର୍ସମାନେ ପ୍ରବେଶ କରୁଛନ୍ତି କିପରି ବୋଲି ଜବାବରେ ବିଚାରପତି ପ୍ରଶ୍ନ କରିଥିଲେ।

## ବାଇଡେନଙ୍କ ପ୍ରସ୍ତାବ: ଯୁଦ୍ଧବିରତି, ପଣବନ୍ଦୀ ମୁକ୍ତି

**ୱାଶିଂଟନ, ୧।୬**

ଗାଜାରେ ଯୁଦ୍ଧବିରତି କରିବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ପ୍ରସ୍ତାବ ଦେଇଛନ୍ତି। ଗାଜାରେ ଯୁଦ୍ଧବିରତି ବଦଳରେ ଇସ୍ରାଏଲୀ ବନ୍ଦୀମାନଙ୍କୁ ମୁକୁଳାଇବା ପ୍ରସ୍ତାବକୁ ସମର୍ଥନ କରିବାକୁ ସେ ହମାସ୍‌କୁ ଆହ୍ୱାନ କରିଛନ୍ତି। ଏହି ପ୍ରସ୍ତାବରେ ହମାସ ରାଜି ଥିବାବେଳେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଅସହମତି ପ୍ରକାଶ କରିଛନ୍ତି। ଚିରଶତ୍ରୁ ହମାସକୁ ସମୂଳେ ନାଶ ନ କରିବା ପର୍ଯ୍ୟନ୍ତ ଯୁଦ୍ଧବିରତିର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି।

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏହା ସର୍ବୋତ୍ତମ ପ୍ରସ୍ତାବ ହୋଇଥିବା ବାଇଡେନ କହିଛନ୍ତି। ପ୍ରସ୍ତାବ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଗାଜାରେ ୬ ସପ୍ତାହ ପର୍ଯ୍ୟନ୍ତ ଯୁଦ୍ଧବିରତି




ପାଲେଷ୍ଟିନୀୟଙ୍କ ସମର୍ଥନରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପାଲେଷ୍ଟାଇନ୍ ସଲିଡାରିଟି କମିଟି ପକ୍ଷରୁ ଆୟୋଜିତ ବିକ୍ଷୋଭରେ ଲୋକେ ଭାଗ ନେଇଛନ୍ତି।

ହେବା ସହ ଏଠାକାର ସମସ୍ତ ଜନବହୁଳ ଅଞ୍ଚଳରୁ ଇସ୍ରାଏଲ ନିଜ ସେନା ଫେରାଇ ଆଣିବ। ଏହାସହ ବୟସ୍କ ଏବଂ ମହିଳା ବନ୍ଦୀମାନଙ୍କୁ ୨ ପକ୍ଷ ମୁକୁଳାଇବେ। ଫଳରେ ପାଲେଷ୍ଟିନୀୟମାନେ ଗାଜାରେ ନିଜ ଘରକୁ ଫେରିପାରିବେ ଏବଂ ଗାଜାରେ ପର୍ଯ୍ୟାପ୍ତ ମାତ୍ରାରେ ମାନବୀୟ ସହାୟତା ପ୍ରଦାନ କରାଯିବ। ଦୈନିକ ୬୦୦ ଟ୍ରକ୍‌ରେ ମାନବୀୟ ସହାୟତା ଗାଜାକୁ ପଠାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ବନ୍ଧକଙ୍କୁ ଉଭୟ ପକ୍ଷ ମୁକୁଳାଇ ଅଦଳବଦଳ କରିବେ। ସେହିପରି ଏହି ପର୍ଯ୍ୟାୟରେ ଇସ୍ରାଏଲୀ ସେନା ଗାଜାରୁ ସମ୍ପୂର୍ଣ୍ଣ ଭାବେ ଓହରିଯିବ ଏବଂ ଗାଜାରେ ସ୍ଥାୟୀ ଯୁଦ୍ଧବିରତି ହେବ। ତୃତୀୟ ଚରଣରେ ଗାଜାର ପୁନଃ ନିର୍ମାଣର ଯୋଜନା ରହିଥିବା ବାଇଡେନ କହିଛନ୍ତି।

### ହମାସ ରାଜି, ମନାକଲେ ନେତାନ୍ୟାହୁ

# ଧରିତ୍ରୀ ଫଟୋଗ୍ରାଫରଙ୍କ ଅକାଳ ବିୟୋଗ

ସୁନ୍ଦରଗଡ଼,୧।୬ (ଜୟ ନାରାୟଣ ମେଣ୍ଡୁଲି)


ବିବେକ ମହାନ୍ତି

ଧରିତ୍ରୀର ରାଉରକେଲା ଫଟୋଗ୍ରାଫର ବିବେକ ମହାନ୍ତିଙ୍କ ଶନିବାର ସକାଳେ ଅକାଳ ମୃତ୍ୟୁ ଘଟିଛି। ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା। ଗତ କିଛିମାସ ହେବ ଲିଭର ଜନିତ ସମସ୍ୟା ଯୋଗୁ ସେ କଟକରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ଖବରଦାତା, ଫଟୋଗ୍ରାଫର ଓ ବନ୍ଧୁ ପରିଜନ ରାଉରକେଲା ଫର୍ଟିଲାଇଜର ଇନ୍ଦିରାପାଲିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଧରିତ୍ରୀର ଫଟୋ ଗ୍ରାଫରଭାବେ ନିଷ୍ଠାପର କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ବିବେକଙ୍କ ପରଲୋକରେ ତାଙ୍କ ମା' ବାପା ଓ ଏକମାତ୍ର ଭାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କର ଅକାଳ ବିୟୋଗରେ ଧରିତ୍ରୀ ଓ ଓଡିଶା ପୋଷ୍ଟ ପକ୍ଷରୁ ଶୋକ ପ୍ରକାଶ ପାଇଛି। ବେଦବ୍ୟାସ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ବଡ଼ଭାଇ ମୁଖାଗ୍ନି ଦେଇଛନ୍ତି।




# ଭୋଟ ଦେଲେ ୧୦୩ ବର୍ଷୀୟା

ଜଳେଶ୍ୱର, ୧।୬(ରବିନାରାୟଣ ପାତ୍ର)



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସମ୍ପତ୍ତିଆ ପଞ୍ଚାୟତ ଡେମୁରିଆ ଗାଁର ୧୦୩ ବର୍ଷୀୟ ଅଭୟାରାଣୀ ପ୍ରଧାନ ମତଦାନ କେନ୍ଦ୍ରକୁ ଆସି ଆସିଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ଭୋଟ ଦେବା ଏକ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ସେ ବୁଝିଛନ୍ତି। ତେଣୁ ପରିବାର ସହିତ ୧୪୬ନଂ. ବୁଥରେ ସକାଳେ ପହଞ୍ଚିଥିଲେ। ମତଦାନ ସାରି ସେ ଅତ୍ୟନ୍ତ ଖୁସି ବୋଲି ସମସ୍ତଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ସମୟରେ ଭୋଟରମାନେ ମତସାବ୍ୟସ୍ତ କରିବା ଉଚିତ୍ ବୋଲି ସେ କହିଛନ୍ତି। ଭୋଟଗ୍ରହଣ କେନ୍ଦ୍ରରେ ଅଭୟାରାଣୀ ଗ୍ରାମବାସୀଙ୍କ ସହିତ ନିଜର ମନକଥା ସେୟାର କରିଛନ୍ତି। ସେ ଏକ ହୁଇଲ ଚେୟାରରେ ଭୋଟ ଗ୍ରହଣ କେନ୍ଦ୍ରକୁ ଆସିଥିଲେ। ତାଙ୍କର ଏପରି ପ୍ରୟାସ ସମସ୍ତ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି ସେ ଆଶା କରିଛନ୍ତି।

# ମୃତ୍ୟୁସଂଖ୍ୟା ୧୦କୁ ବୃଦ୍ଧି

## ପୁରୀ ବାଣ ବିସ୍ଫୋରଣ ଘଟଣା

ଭୁବନେଶ୍ୱର/ କଟକ,୧।୬ (ଅସମାପିକା ସାହୁ)/ଶିଳ୍ପା ପ୍ରିୟଦର୍ଶିନୀ)

ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଏଥିରେ ଆଉ ତିନିଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏଥିସହିତ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଥିବା ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସଆର୍‌ସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ଏସ୍ଆର୍‌ସିଙ୍କ ତରଫରୁ ଏହି ସୂଚନା ଦିଆଯାଇଛି। ତେବେ ମୃତକଙ୍କ ନାଁ କୁହାଯାଇନାହିଁ। ଏହି ଘଟଣାରେ ଆହତ ହୋଇ ଆହୁରି ୨୦ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ପୁରୀ ଜିଲାପାଳ ପଦକ୍ଷେପ ନେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ପୁରୀରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳବେଳେ ବାଣ ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ପ୍ରଥମେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ତା'ପରେ ଶୁକ୍ରବାର ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶନିବାର ଆଉ ୪ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏହି ୪ଜଣଙ୍କ ମଧ୍ୟରୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ହେଉଥିବା ପୁରୀ ଜିଲା ଅରଖକୁଦା ଅଞ୍ଚଳର ଶଙ୍କର ବେହେରା(୩୮) ଏବଂ ଦିବ୍ୟରଞ୍ଜନ ସାହୁଙ୍କ ମୃତ୍ୟୁ ଘଟିଛି। ଶଙ୍କରଙ୍କ ଶରୀର ଶତପ୍ରତିଶତ ପୋଡ଼ି ଯାଇଥିବାବେଳେ ଦୁଇଦିନ ହେବ ଏସ୍‌ସିବି ପ୍ଲାଷ୍ଟିକ୍ ସର୍ଜରି ବିଭାଗ ଆଇସିୟୁ ଓ ପରେ ଭେଣ୍ଟିଲେଟରରେ ତାଙ୍କୁ ରଖାଯାଇ ଚିକିତ୍ସା ଜାରି ରହିଥିଲା। ସେହିପରି ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଦିବ୍ୟରଞ୍ଜନ ସାହୁଙ୍କ ମଧ୍ୟ ମୃତ୍ୟୁ ଘଟିଛି। ତାଙ୍କର କୌଣସି ସମ୍ପର୍କୀୟ ଶନିବାର ରାତି ସୁଦ୍ଧା ଏସ୍‌ସିବି ଆସି ନ ଥିବାରୁ ପୁରୀ ଜିଲାପାଳଙ୍କୁ ଦିବ୍ୟରଞ୍ଜନଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିବାକୁ ଏସ୍‌ସିବି ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଏସ୍‌ସିବିରେ ଏବେ ୫ଜଣ ଆହତଙ୍କ ଚିକିତ୍ସା ଜାରି ରହିଛି।

# ୪୬ ଡିଗ୍ରୀରେ ଟିଟିଲାଗଡ଼ ଉତ୍ତପ୍ତ

ଭୁବନେଶ୍ୱର,୧।୬(ଅସମାପିକା ସାହୁ)



ଜଳୁଛି ପଶ୍ଚିମ ଓଡ଼ିଶା। ପଶ୍ଚିମ ଓଡ଼ିଶାରେ ଜାରି ରହିଥିବା ଗ୍ରୀଷ୍ମପ୍ରବାହ ଯୋଗୁ ଅସ୍ତବ୍ୟସ୍ତ ହେଲାଣି ଜନଜୀବନ। ଶନିବାର ୧୨ସହରରେ ତାପମାତ୍ରା ୪୧ଡିଗ୍ରୀ ଉପରେ ଥିବାବେଳେ ୪୬ଡିଗ୍ରୀ ସେଲସିୟସ ତାପମାତ୍ରା ସହିତ ଟିଟିଲାଗଡ଼ ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ସେହିଭଳି ବରଗଡ଼ ୪୫.୮, ବଲାଙ୍ଗୀର ୪୫.୫, ଭବାନୀପାଟଣା ୪୪.୬, ନୂଆପଡ଼ା ୪୪, ସୋନପୁର ୪୩.୮, ମାଲକାନଗିରି ୪୩.୪, ହୀରାକୁଦ ୪୨.୪, ସମ୍ବଲପୁର ୪୨.୩, ବୌଦ୍ଧ ୪୧.୭, ଫୁଲବାଣୀ ୪୧.୬, ଝାରସୁଗୁଡ଼ାରେ ୪୧.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହିଭଳି ଗ୍ରୀଷ୍ମପ୍ରବାହ ଆଉ ୨୪ଘଣ୍ଟା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ୫ଜିଲାକୁ ଗ୍ରୀଷ୍ମପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଅପରପକ୍ଷରେ ଉପକୂଳରେ ଗୁଳୁଗୁଳି କଷ୍ଟ ଦେଉଛି। ଆର୍ଦ୍ରତା ଅଧିକ ରହୁଥିବାରୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ଉପକୂଳବାସୀ ଏଥିରୁ ନିସ୍ତାର ପାଇବେ ନାହିଁ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯିବା ସହିତ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି। ପାଣିପାଗ କେନ୍ଦ୍ରର ସାଢ଼େ ୬ଟା ବୁଲେଟିନ ଅନୁସାରେ ରାଜ୍ୟରେ ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ନବରଙ୍ଗପୁରରେ ସର୍ବାଧିକ ୪୪.୨ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଭବାନୀପାଟଣା, ଦାରିଙ୍ଗବାଡ଼ି, କୋରାପୁଟ, ଟିଟିଲାଗଡ଼ରେ ମଧ୍ୟ ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ କାଳବୈଶାଖୀ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଦକ୍ଷିଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ତେବେ କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ୬ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାବେଳେ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଅଂଶୁଘାତରେ ମଲେଣି ୯ଜଣ

ଭୁବନେଶ୍ୱର, ୧।୬(ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଏ ନେଇ ଶନିବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏସ୍ଆରସିଙ୍କ ସୂଚନାନୁସାରେ, ଏ ପର୍ଯ୍ୟନ୍ତ ମୋଟ ୯୬ଟି ଅଂଶୁଘାତରେ ମୃତ୍ୟୁ ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୯ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବାବେଳେ ୬ଜଣଙ୍କ ଅନ୍ୟାନ୍ୟ କାରଣ ରହିଥିଲା ଏବଂ ବାକି ୮୧ଜଣଙ୍କର ରିପୋର୍ଟ ଆସିନାହିଁ। ସୁବଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗତ ୩୦ତାରିଖ ମଧ୍ୟରେ ମୋଟ ୪୨ଟି ଅଭିଯୋଗ ମଧ୍ୟରୁ ୬ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ଗତ ୪୮ଘଣ୍ଟାରେ ୫୪ଟି ଅଂଶୁଘାତରେ ମୃତ୍ୟୁ ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୩ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏହି ତିନିଜଣଙ୍କ ମଧ୍ୟରୁ କେନ୍ଦୁଝର, ସୁବର୍ଣ୍ଣପୁର ଏବଂ ବଲାଙ୍ଗୀରରୁ ଜଣେ ଲେଖାଏ ରହିଛନ୍ତି।

# ବାଘଛାଲ ଜବତ ମାମଲା, ଅଭିଯୁକ୍ତ ସତ୍ୟବାନଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର,୧।୬ (ସୂର୍ଯ୍ୟକାନ୍ତ ବେହେରା)

ବାଘ ଛାଲ ଜବତ ଘଟଣାରେ ବରଗଡ଼ ଏସ୍‌ଡିଜେଏମ୍ ସବ୍ୟସାଚୀ ପ୍ରଧାନ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଅର୍ଥ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ସତ୍ୟବାନ୍ ସାହୁ। ୧୨ଜଣ ସାକ୍ଷୀ ଓ ସାଇଣ୍ଟିଫିକ ଅଫିସରଙ୍କ ବୟାନ ଆଧାରରେ ବିଚାରପତି ଏହି ଦଣ୍ଡ ଶୁଣାଇଥିଲେ।

୨୦୨୦ ନଭେମ୍ବର ୨୪ରେ ଅଭିଯୁକ୍ତ ସତ୍ୟବାନ କଲରାପତରିଆ ବାଘଛାଲ ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ସମ୍ପର୍କରେ ଭୁବନେଶ୍ୱର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ) ଟିମ୍ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଭିଯୁକ୍ତ ସତ୍ୟବାନଙ୍କୁ ଗିରଫ କରିବା ସହ ବାଘଛାଲ ଜବତ କରିଥିଲା। ବାଘ ଛାଲ ରଖିବା ନେଇ ଅଭିଯୁକ୍ତ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଏସ୍‌ଟିଏଫ୍ ଏକ ମାମଲା(ନଂ. ୩୦/୨୦୨୦) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସଞ୍ଜୟ କୁମାର ପ୍ରଧାନ ଓ ଅତିରିକ୍ତ ସରକାରୀ ଓକିଲ ଚନ୍ଦନ ଦାସ ମାମଲାକୁ ପରିଚାଳନା କରିଥିଲେ। ବନ୍ୟ ଜନ୍ତୁ ଆପରାଧିକ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବାରେ ଏହା ୫ମ ମାମଲା ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟ ଜନ୍ତୁ ଶିକାର ମାମଲାରେ ଦୋଷୀ ସାବ୍ୟସ୍ତ ହାର ଭାରତରେ ପାଞ୍ଚ ପ୍ରତିଶତରୁ କମ୍ ଅଟେ। ତେବେ ଓଡ଼ିଶାରେ ଏସ୍‌ଟିଏଫ୍ ଏହି ମାମଲାଗୁଡ଼ିକରେ ସ୍ୱତନ୍ତ୍ର ଡ୍ରାଇଭ୍ ନେଇ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୧୮ ରୁ ବନ୍ୟଜନ୍ତୁ ମାମଲା ଅନୁସନ୍ଧାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଅଭିଯାନରେ ଏସଟିଏଫ ୧୦୦ ଟି ମାମଲା ଚିହ୍ନଟ କରି ୨୩୨ ଅପରାଧୀଙ୍କୁ ଗିରଫ କରିଛି। ଏହାସହ ୫୮ କଲରାପତରିଆ ବାଘ ଛାଲ, ୨୭ ଟି ଦାନ୍ତ, ୨୩ ଟି ଜୀବନ୍ତ ବଜ୍ରକାପ୍ତା, ୪୨ କେଜି ବଜ୍ରକାପ୍ତା କାତି, ବାଘ ଛାଲ ୨, ହରିଣ ଚମଡ଼ା ୧୧ଟି ଜବତ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି।

## ନିର୍ବାଚନ ପରିଚାଳନା ବେଳେ ବିଏଲ୍‌ଓଙ୍କ ମୃତ୍ୟୁ

ଯାଜପୁର/ବିଞ୍ଝାରପୁର (ହର୍ଷବର୍ଦ୍ଧନ ବେହେରା/ ରାମକୃଷ୍ଣ ଦାସ),୧।୬

ଯାଜପୁର ସଂସଦୀୟ କ୍ଷେତ୍ର ଅଧୀନ ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଓଲେଇ–ଚନ୍ଦନପୁର ୧୫୭ ନମ୍ବର ବୁଥ୍‌ରେ ନିର୍ବାଚନ ପରିଚାଳନା ସମୟରେ ବିଏଲ୍‌ଓ ମନୋରଞ୍ଜନ ସାହୁଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ଶନିବାର ପୂର୍ବାହ୍ନ ୧୦ଟା ସମୟରେ ମନୋରଞ୍ଜନ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଘଟଣାକୁ ନେଇ ଯାଜପୁର ଜିଲାପାଳ ନିଖିଳ ପଵନ କଲ୍ୟାଣ ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।




**FREE HOTEL MANAGEMENT COURSES AT SIHM, BALANGIR (ODISHA)**
**(ONLY FOR SUNDARGARH DISTRICT)**

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with english one of the subject (Minimum 50% Marks) | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରାଣକୃଷ୍ଣ ପରିଜାଙ୍କ ୪୬ତମ ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାର ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ୩୨ତମ ନୃତ୍ୟାଞ୍ଜଳି ମହୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ୬୬ତମ ଅଧିବେଶନ, ସ୍ଥାନ: ଦି ମଦର୍ସ ପବ୍ଲିକ ସ୍କୁଲ ପରିସର, ପାହାଳ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ଏବଂ ଅନ୍ୟାନ୍ୟ ବାମପନ୍ଥୀ ଦଳଗୁଡ଼ିକର ଭୁବନେଶ୍ୱର ଶାଖା ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ, ସମୟ: ଅପରାହ୍ନ ୫ଟା ୩୦।
- ଲିପିକା ପ୍ରକାଶନୀ ପକ୍ଷରୁ ପୁସ୍ତକ 'ଅନୁବାଦ ଓ ଅନ୍ୟାନ୍ୟ ଆଲୋଚନା'ର ଲୋକାର୍ପଣ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- କଳିଙ୍ଗ ଗୌରବ ଫାଉଣ୍ଡେଶନ ପକ୍ଷରୁ ୧୧ତମ ଏଡିଶନ ଅଫ୍ ଆଇ ଓମେନ ଅଫ୍ ସବଷ୍ଟାନ୍ସ ଆୱାର୍ଡ ୨୦୨୪, ସ୍ଥାନ: ଲାଫେଇଷ୍ଟା, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଜେନାରି ଗଛ ମା' ରାମଚଣ୍ଡୀଙ୍କ ଜଳସାଇ ଉତ୍ସବ, ସ୍ଥାନ: ଜେନାରି ଗଛ ଛକ, ପୁରୀ, ସମୟ ସକାଳ ୯ଟା।
- ଭାରତ ବିକାଶ ପରିଷଦର ବାଲ ସଂସ୍କାର ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା

## କେନ୍ଦୁଝର
- ସୂର୍ଯ୍ୟ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଡ଼ୁଅଁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ପଞ୍ଚମୁଖୀ ହନୁମାନଙ୍କ ୨ୟ ବାର୍ଷିକ ଉତ୍ସବ, ସୁନ୍ଦରାକାଣ୍ଡ ପାଠ ଏବଂ ପୂର୍ଣ୍ଣାହୁତି, ସ୍ଥାନ: ଢେଙ୍କା, ହାଟଡିହୀ, ସମୟ: ସକାଳ ୭ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଯାପନ,ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ସକାଳ ୬ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ: କେସି ପବ୍ଲିକ ସ୍କୁଲ,ସମୟ: ସକାଳ ୯ଟା ୧୫।
- ତ୍ରିଧାରା ସାହିତ୍ୟ ସଂସଦର ମାସିକ ଆସର, ସ୍ଥାନ:ଉତ୍କଳ ଆଶ୍ରମ,ସମୟ:ପୂର୍ବାହ୍ନ ୧୦ଟା।
- ଜାତୀୟ କ୍ୟାନସର ବର୍ତ୍ତିବା ଦିବସ,ସ୍ଥାନ: ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା।
- ସ୍ରୋତସ୍ୱିନୀ ସାହିତ୍ୟ ସଂସଦର ୨ୟ ମାସିକ ସାହିତ୍ୟ ଆସର, ସ୍ଥାନ:ଶଙ୍କର ଭବନ,ସମୟ: ଅପରାହ୍ନ ୪ଟା ୩୦।
- ଲଳିତ କଲଚରାଲ ଏକାଡେମୀର ସମର କ୍ୟାମ୍ପ ଉଦ୍‌ଯାପନ,ସ୍ଥାନ: ହାଉସିଂ ବୋର୍ଡ ଗାୟତ୍ରୀ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଗ୍ରୀଷ୍ମକାଳୀନ ବକ୍ସିଂ ପ୍ରଶିକ୍ଷଣ ଉଦ୍‌ଯାପନ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ରାମଚରିତ ମାନସ ପାରାୟଣ ପ୍ରବଚନ, ସ୍ଥାନ: ଖଲ୍ଲିକୋଟ ବରାଳ ବାଲୁଙ୍କେଶ୍ୱର ମନ୍ଦିର ପରିସର,ସମୟ: ସକାଳ ୮ଟା।

## କନ୍ଧମାଳ
- ଜିରିଙ୍ଗିପଡା ଚନ୍ଦନ ଯାତ୍ରା ଉପଲକ୍ଷେ ସାଇ ସଙ୍ଗମ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ,ସ୍ଥାନ:ଲକ୍ଷ୍ମୀ ନୃସିଂହ ନାରାୟଣ ଯାତ୍ରା ପଡିଆ, ସମୟ:ସନ୍ଧ୍ୟା ୭ ଟା।
- ମା' ନାରାୟଣୀଙ୍କ ସାହି ପରିକ୍ରମା, ସ୍ଥାନ: ବସ୍ ଷ୍ଟାଣ୍ଡ, ସମୟ:ସନ୍ଧ୍ୟା ୭ ଟା।

## ରାୟଗଡ଼ା
- କାଙ୍ଖୁବାଡ଼ି ଗ୍ରାମ ଦେବୀଙ୍କ ଘଟ ପରିକ୍ରମା, ସ୍ଥାନ: କୋଲନରା ବ୍ଲକ ମୁଖ୍ୟ ସାହି, ତଳ ସାହି, କାଙ୍ଖୁବାଡ଼ି, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ନବରଙ୍ଗପୁର ସୌରସାହି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ୱାର୍କର୍ସ କ୍ଲବ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର, ସ୍ଥାନ: କୋରାପୁଟ ପୌରାଞ୍ଚଳର ଗୌଡ଼ଗୁଡ଼ା, ସମୟ: ସକାଳ ୭ଟା।
- ଭୋଟ ଗଣତି ନେଇ ପ୍ରସ୍ତୁତି, ସ୍ଥାନ: କୋରାପୁଟ ସରକାରୀ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।

## ମାଲକାନଗିରି
- ଭୋଟ ଗଣତି ନେଇ ଜିଲାପାଳଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଆଦିବାସୀ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷ, ମାଲକାନଗିରି, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର
- ଗ୍ରୀଷ୍ମକାଳୀନ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଧନୁପାଲିସ୍ଥିତ ସମ୍ବଲପୁର କଳା ଏକାଡେମୀ, ସମୟ : ସକାଳ ୭ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ : ସକାଳ ୯ଟା ।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ଗୁରୁ ସତ୍ୟନାରାୟଣ ପାର୍କ, ସମୟ : ସକାଳ ୯ଟା ।
- ଗ୍ରୀଷ୍ମକାଳୀନ ମହାବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ଧନୁପାଲି ସ୍ଥିତ ସମ୍ବଲପୁର କଳା ଏକାଡେମୀ, ସମୟ : ସକାଳ ୯ଟା ।
- ପଶ୍ଚିମଓଡ଼ିଶା ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ଶୀତଳଷଷ୍ଠୀ ଯାତ୍ରା- ୨୦୨୪ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ, ସ୍ଥାନ : ଅପସରା ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଭାରତୀ ସମାଜର ବୈଠକ, ସ୍ଥାନ : ଗୁରୁ ପଦ୍ମସମ୍ଭବ ଭବନ, ସମୟ : ରାତି ୯ଟା ।
- ରାଜ୍ୟସ୍ତରୀୟ ସିନିୟର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଇଣ୍ଡୋର ଷ୍ଟାଡିୟମ, ସମୟ : ରାତି ୯ଟା ।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା

## ସୁବର୍ଣ୍ଣପୁର
- କେପିଏଲ ଧମାକାର ଅଷ୍ଟମ ଦିବସ,ସ୍ଥାନ: କୋଟସମଲାଇ, ଉଲୁଣ୍ଡା ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।

## ବରଗଡ଼
- ନ୍ୟାଶନାଲ କ୍ୟାନସର ସର୍ଭାଇଭର୍ସ ଡେ', ସ୍ଥାନ: ପାର୍ବତୀଗିରି ମହିଳା କଲେଜ ନିକଟ ମାର୍କେଟ କମ୍ପ୍ଲେକ୍ସ ପରିସର, ବରଗଡ଼, ସମୟ: ସକାଳ ୭ଟା।
- ଶ୍ରୀ ଶ୍ୟାମ ପରିବାରର ବାର୍ଷିକ ଉତ୍ସବ, ସ୍ଥାନ: ଅଗ୍ରସେନ ଭବନ, ସୋହେଲା, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳପ୍ରହର ନାମଯଜ୍ଞ କଳସଯାତ୍ରା, ସ୍ଥାନ: କୋମନା ବ୍ଲକ ବୁଦ୍ଧିକୋମନା ପଞ୍ଚାୟତ ଧୁମାଭଟା ଗ୍ରାମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ବରଗାଁ ଶ୍ରୀରଘୁନାଥ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଓ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ ; ବରଗାଁ, କଣ୍ଟାମାଳ ବ୍ଲକ, ସମୟ: ସକାଳ ୯ ଟା।

## ଝାରସୁଗୁଡ଼ା
- ରୁଦ୍ରାଭିଷେକ ପୂଜା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ଝାରସୁଗୁଡା ଡ୍ରାଇଭର ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ସହରସ୍ଥିତ ମେଘଦୂତ ହୋଟେଲ, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ
- ମାଳପୁରା ୨ୟ ରଜ ମହୋତ୍ସବର ନୃତ୍ୟ, ସଂଗୀତ, ଅଭିନୟ ବିଭାଗର ଅଡିସନ, ସ୍ଥାନ: ମାଳପୁରା ରାମମନ୍ଦିର ପରିସର ସମୟ: ସକାଳ ୮ ଟା।

## ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପ୍ରବଚନର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ରାମଚରିତ ମାନସ ପାରାୟଣର ସପ୍ତମ ଦିବସରେ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡ଼ା ତିନି ଦୋଳ ଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଗ୍ରାମଦେବତୀଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଅମୃତମଣୋହୀ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର, କଲ୍ୟାଣଚନ୍ଦ୍ର ଯୋଗୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ିବାରେ ସମର୍ଥ ହେବେ। ଭଲ ସମ୍ପର୍କ ନ ଥିବା ନିକଟସ୍ଥ ବ୍ୟକ୍ତିବିଶେଷଙ୍କ କଟାକ୍ଷ ମନକୁ ବେଶି ବାଧିବ। ପିଲାଙ୍କ ଅସୁସ୍ଥତା ଆପଣଙ୍କ କାର୍ଯ୍ୟଶୈଳୀକୁ ପ୍ରଭାବିତ କରିବ। ଜମିଜମା କାରବାର ସମ୍ପର୍କୀୟ କଥାବାର୍ତ୍ତା ଠପ୍ ହୋଇଯିବାର ଆଶଙ୍କା ରହିଛି।

**ବୃଷ** ରାଶ୍ୟାଧିପ ଶୁକ୍ର ରୋହିଣୀ ନକ୍ଷତ୍ରସ୍ଥ ଯୋଗୁ ସଂଯମତା ହିତୈଷୀଙ୍କ ପ୍ରରୋଚନାରେ ଧର୍ମକାର୍ଯ୍ୟ ପ୍ରତି ମନ ବଳିପାରେ। ନାଚ, ଗୀତ, ସିନେମା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟିକ କ୍ଷେତ୍ରରେ ସଫଳତା ପାଇବେ। ଅନ୍ୟମନସ୍କ ରହିବା ଯୋଗୁ କେତେକ ବ୍ୟତିକ୍ରମ ଦେଖାଦେବ।

**ମିଥୁନ** କର୍ମାଧିପଙ୍କ ସହ ରାଶ୍ୟାଧିପ ଥିବାରୁ ପଦସ୍ଥ ବ୍ୟକ୍ତି ଆପଣଙ୍କ କଥାରେ ସହମତି ପ୍ରକାଶ କରିପାରନ୍ତି। ଆରଦ୍ରା ନକ୍ଷତ୍ର ଚେଷ୍ଟା କରୁଥିବା କାମ ଅସମ୍ପୂର୍ଣ୍ଣ ରହିଯିବାରୁ ମନ ବିକ୍ଷେଇଯିବ। ଆଜିର ଯାତ୍ରାରେ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇବେ। ବାଣିଜ୍ୟ ତଥା ବ୍ୟବସାୟିକ ସ୍ଥିତି ବିଶେଷ ଭଲ ନହେଲେ ମଧ୍ୟ ମନ୍ଦ ହେବନାହିଁ।

**କର୍କଟ** ଭାଗ୍ୟସ୍ଥାନରେ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ବିକ୍ଷିପ୍ତ ଚିନ୍ତାଧାରା ସମ୍ପନ୍ନ ହୋଇପାରନ୍ତି। ଆର୍ଥିକ ଦିଗରୁ ପୂର୍ଣ୍ଣ ସନ୍ତୋଷ ଲାଭ କରିବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି, ବାସ୍ତବରେ ଅଶ୍ଳେଷା। ନକ୍ଷତ୍ର ସକାଶେ ସେପରି କିଛି ହେବନି। ଶିଳ୍ପ, ବ୍ୟବସାୟ, ନିର୍ମାଣ, ଯାତ୍ରା ପ୍ରଭୃତିରେ ସଫଳତା ହାସଲ କରିବେ।

**ସିଂହ** ଆଜି ରବି ମିତ୍ର ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହେତୁ ସକଳ ଉଦ୍ୟମକୁ ସାକାର କରିବେ। ବଡ଼ଲୋକଙ୍କ ସହ ମିଶିବେ ଏବଂ ସରକାରୀ ସ୍ତରରେ କାମ ସହଜ ଓ ସୁବିଧାରେ ହୋଇପାରିବ। ଅର୍ଥଲାଭ, ବ୍ୟବସାୟ ତଥା ପରିବହନରେ ଲାଭବାନ ହେବେ। କର୍ମକ୍ଷେତ୍ରରେ କେତେକ ଛୋଟ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କନ୍ୟା** ଷଷ୍ଠ ଭାବସ୍ଥ ଶନି ଆପଣଙ୍କ ସାଙ୍ଗସାଥୀ, ଭାଇ, ବନ୍ଧୁ ତଥା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ଅସମର୍ଥ ହେବେ। ଜମିବାଡ଼ିକୁ ନେଇ କଳହ ଲାଗିପାରେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶିଳ୍ପ, ବ୍ୟବସାୟ ତଥା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ତୁଳା** ରାଶି ପ୍ରତି ଧନ ସପ୍ତମାଧିପତିଙ୍କ ଦୃଷ୍ଟି ଯାତ୍ରା, ବ୍ୟବସାୟ ପାଇଁ ଶୁଭପ୍ରଦ ହେବ। ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରତିକୂଳତା ମଧ୍ୟରେ ଚଳିଲେ ମଧ୍ୟ ପାରିବାରିକ ସମର୍ଥନ କର୍ମକୁ ତ୍ୱରାନ୍ୱିତ କରିବ। ଆଜି ବନ୍ଧୁଙ୍କ ଜରିଆରେ ଅର୍ଥ, ଜମିଜମା ଲାଭର ସୂଚନା ମିଳିପାରିବ। ସକାଳୁ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ।

**ବିଛା** ମଙ୍ଗଳ ସ୍ୱଗୃହରେ ରହି ରାଶିକୁ ଦେଖୁଥିବାରୁ ସଙ୍କଟ ଦୂର କରିବା ସହ ଅଭିଳାଷ ପୂରଣରେ ସାହାଯ୍ୟ କରିବେ। ବାଧ୍ୟବାଧକତାରେ କେତେକ କାମ କରିବାକୁ ପଡ଼ିବ ଓ ସେଥିରେ ସଫଳତା ଅବଶ୍ୟ ହାସଲ କରିବେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଦେବଗୁରୁ ରବିଙ୍କ ସହ ଦୁଃସ୍ଥାନରେ ଥିବାରୁ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିବାରେ ଅସମର୍ଥ ହେବେ। ନିଜ ଲୋକ ଦାଉ ସାଧିବାରୁ କିଛି କହି ପାରିବେନି କିମ୍ବା ସହିପାରିବେନି। ପାରିବାରିକ ଜୀବନ ଗତାନୁଗତିକ ରୀତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଶିକ୍ଷା କ୍ଷେତ୍ର, ପରୀକ୍ଷା, ଲେଖାପଢ଼ା ଦିଗ ପ୍ରାୟତଃ ମନ୍ଦ ହେବନାହିଁ।

**ମକର** ଭାଗ୍ୟାଧିପ ବୁଧ ଯୋଗକାରକ ହୋଇଥିବାରୁ ଅଭିଳଷିତ କାମ ତ୍ୱରାନ୍ୱିତ କରିବା ସକାଶେ ଅନ୍ୟମାନଙ୍କୁ ମନେଇବାରେ ସମର୍ଥ ହେବେ। ନିଜ ଲୋକଙ୍କ ଉପରୁ ବିଶ୍ୱାସ ତୁଟିଯିବ ଓ ସେମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**କୁମ୍ଭ** କେନ୍ଦ୍ରସ୍ଥ ବୃହସ୍ପତି ପ୍ରଭାବରେ ନୂଆ ଯୋଜନାକୁ ଗୁରୁତ୍ୱ ଦେଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ପାରିବାରିକ କ୍ଷେତ୍ରରେ କିଛି ଉଣା ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ ଘରୋଇ କାମକୁ ପାସୋରି ଦେଇପାରନ୍ତି।

**ମୀନ** ରାଶିରେ ଚନ୍ଦ୍ର ହେତୁ ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରିବ। ପାରିବାରିକ କ୍ଷେତ୍ରରେ ଭିତରେ ଭିତରେ କୁହୁଳୁଥିବା ସମସ୍ୟାର ସରଳ ସମାଧାନ ପାଇଁ ରାସ୍ତା ଖୋଲିଯିବ। ସରକାରୀ ସ୍ତରରୁ ଆଶା କରି ରହିଥିବା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସଙ୍ଗଠନ, ରାଜନୀତିରେ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ।

ଆଜି ଜୁନ୍ ୨ ତାରିଖ, ଜ୍ୟେଷ୍ଠ କୃଷ୍ଣ ପକ୍ଷର ସ୍ମାର୍ତ୍ତସମ୍ମତ ଅପରା (ଜଳକ୍ରୀଡ଼ା) ଏକାଦଶୀ ରବିବାର, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ, ରାଶିନକ୍ଷତ୍ର-ରେବତୀ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୫ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୦ ଗତେ ଘ.୦୬।୧୮ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଏକ୍‌ଜିଟ୍ ପୋଲ୍‌ରେ ...
୨ ଓ କେରଳରେ ଗୋଟିଏ ଆସନ ପାଇପାରେ। ସେହିପରି ଓଡ଼ିଶାରେ ଭାଜପା ୧୫ ଏବଂ ଶାସକ ବିଜୁ ଜନତା ଦଳ (ବିଜେଡି) ୩ରୁ ୮ ଆସନ ପାଇବ ବୋଲି ଏକ୍‌ଜିଟ୍ ପୋଲ୍ କହୁଛି। ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଆସାମ ଓ ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ ଭାଜପାର ପ୍ରଦର୍ଶନ ଭଲ ରହିବା ନେଇ ଅନେକ ସଂସ୍ଥା ଆକଳନ କରିଛନ୍ତି। କିନ୍ତୁ ବିହାରରେ ଗତ ନିର୍ବାଚନରେ ୪୦ରୁ ୩୯ ଆସନ ଦଖଲ କରିଥିବା ଏନ୍‌ଡିଏକୁ ଏଥର ନିରାଶ ହେବାକୁ ପଡ଼ିପାରେ। ତେଜସ୍ୱୀ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ୭ ଆସନ ଦଖଲ କରିପାରେ। ହରିୟାଣା ଓ ରାଜସ୍ଥାନରେ ମଧ୍ୟ ବିରୋଧୀ ମେଣ୍ଟ ପୂର୍ବାପେକ୍ଷା ଅଧିକ ଆସନ ନେଇପାରେ। ଅନ୍ୟପକ୍ଷେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏକ୍‌ଜିଟ୍ ପୋଲ୍ ଆକଳନକୁ ଭୁଲ୍ ପ୍ରମାଣିତ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ଏକାକୀ ୩୦୩ ଆସନ ଦଖଲ କରିଥିବାବେଳେ ଏନ୍‌ଡିଏକୁ ୩୫୨ ଆସନରେ ସଫଳତା ମିଳିଥିଲା। ସେତେବେଳେ କଂଗ୍ରେସ ୫୨ ଆସନ ପାଇଥିବାବେଳେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ୯୧ ଆସନରେ ସୀମିତ ହୋଇ ରହିଯାଇଥିଲା। ଚଳିତ ନିର୍ବାଚନରେ ଭାଜପା ଏକୁଟିଆ ୩୭୦ ଟାର୍ଗେଟ ରଖିବା ସହ ଏନ୍‌ଡିଏ ୪୦୦ରୁ ଅଧିକ ଆସନ ଦଖଲ କରିବା ନେଇ ଲକ୍ଷ୍ୟ ରଖିଥିଲା, ଯାହାକି ପୂରଣ ହୋଇ ନ ପାରେ। ପାର୍ଲାମେଣ୍ଟର ନିମ୍ନ ସଦନରେ ୫୪୩ ଆସନ ଥିବାବେଳେ ସରକାର ଗଠନ ପାଇଁ କୌଣସି ଦଳ ବା ମେଣ୍ଟକୁ ୨୭୨ ଆସନରେ ବିଜୟୀ ହେବା ଜରୁରୀ। ମଙ୍ଗଳବାର ସମସ୍ତ ଆସନରେ ଭୋଟ ଗଣତି କରାଯିବା ପରେ ପ୍ରକୃତ ଫଳାଫଳ ଆସିବ।

## ଶେଷ ହେଲା ଲୋକ ...
ଅଭିନେତ୍ରୀ ତଥା ଭାଜପା ପ୍ରାର୍ଥୀ କଙ୍ଗନା ରାଣାୱତ୍, ଚଣ୍ଡିଗଡ଼ରୁ କଂଗ୍ରେସର ମନୀଷ ତିୱାରୀ ଏବଂ ଡାଇମଣ୍ଡ ହାର୍ବରରୁ ଟିଏମ୍‌ସିର ଅଭିଷେକ ବାନାର୍ଜୀ। ଉତ୍ତରପ୍ରଦେଶର ୧୩ ଲୋକ ସଭା ଆସନ ସମେତ ପଶ୍ଚିମବଙ୍ଗର ୯, ବିହାରର ୮, ଓଡ଼ିଶାର ୬, ହିମାଚଳପ୍ରଦେଶର ୪, ଝାଡ଼ଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଗୋଟିଏ ଆସନରେ ଶନିବାର ଭୋଟିଂ ହୋଇଥିଲା। ପୂର୍ବରୁ ୬ ପର୍ଯ୍ୟାୟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୮୬ ଆସନରେ ମତଦାନ ଶେଷ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୬୬.୧୪% ମତଦାନ ହୋଇଥିବାବେଳେ ଦ୍ୱିତୀୟରେ ୬୬.୧୭%, ତୃତୀୟରେ ୬୫.୬୮%, ଚତୁର୍ଥରେ ୬୯.୧୬%, ପଞ୍ଚମରେ ୬୨.୨% ଏବଂ ଷଷ୍ଠ ପର୍ଯ୍ୟାୟରେ ୬୩.୩୬% ମତଦାନ ହୋଇଥିଲା।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାଜପା ନେତାମାନେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାମାନଙ୍କୁ ଦୁର୍ନୀତିଗ୍ରସ୍ତ, ହିନ୍ଦୁ ବିରୋଧୀ ଏବଂ ଲୁଟ୍, ତୁଷ୍ଟୀକରଣ ତଥା ବଂଶବାଦ ରାଜନୀତିରେ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ। ମୋଦି ୨୦୬ ରାଲି ଓ ରୋଡ୍‌ଶୋ'ରେ ଯୋଗଦେଇ ଦଳ ପାଇଁ ପ୍ରଚାର କରିଥିଲେ। ବହୁ କେନ୍ଦ୍ରମନ୍ତ୍ରୀ ଓ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ମାରାଥନ ପ୍ରଚାର କରିଥିଲେ। ଅନ୍ୟପକ୍ଷରେ ଦରଦାମ୍ ବୃଦ୍ଧି, ବେରୋଜଗାରି ଆଦିକୁ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ପ୍ରସଙ୍ଗ କରିବା ସହ ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଭାଜପାକୁ ପରାଜିତ କରିବା ପାଇଁ ଆହ୍ୱାନ ଦେଇଥିଲା। ରାହୁଲ ୧୦୭ଟି ରାଲି ଓ ରୋଡ୍‌ଶୋ'ରେ ଯୋଗଦେଇଥିବାବେଳେ ତାଙ୍କ ଭଉଣୀ ତଥା କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ୧୦୮ଟି ରାଲି ଓ ରୋଡ୍‌ଶୋ' କରିଥିଲେ। ଭାଜପାକୁ ହରାଇ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟକୁ କ୍ଷମତାକୁ ଆଣିବା ପାଇଁ ସେମାନେ ଜୋର୍‌ଦାର ଉଦ୍ୟମ କରିଥିଲେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରକୁ ଜୋର୍‌ଦାର କରିଥିଲେ। ଇଣ୍ଡିଆ ମେଣ୍ଟର ଅନ୍ୟ ପ୍ରମୁଖ ଦଳଗୁଡ଼ିକର ନେତାମାନେ ମଧ୍ୟ ବିଭିନ୍ନ ରାଜ୍ୟରେ ରାଲି କରି ସେମାନଙ୍କ ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିଥିଲେ। ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅନ୍ତରୀଣ ଜାମିନରେ ଆସି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପାଇଁ ଜୋର୍‌ଦାର ପ୍ରଚାର କରିଥିଲେ।

ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨,୭୦୭ ଫ୍ଲାଇଂ ସ୍କ୍ୱାଡ୍ ସାଙ୍ଗକୁ ୨,୭୯୯ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍, ୧,୦୮୦ ସର୍ଭିଲାନ୍ସ ଟିମ୍, ୫୬୦ ଭିଡିଓ ଭିଉଇଙ୍ଗ୍ ଟିମ୍ ନିର୍ବାଚନ ପ୍ରକ୍ରିୟା ଉପରେ ୨୪ ଘଣ୍ଟା ନଜର ରଖିଥିଲେ। ମଦ, ଡ୍ରଗ୍ସ, ଟଙ୍କା ଓ ବିଭିନ୍ନ ଉପହାର ଯେପରି ବେଆଇନ ଭାବେ ପ୍ରବେଶ ନ କରେ ସେଥିପାଇଁ ୨୦୧ଟି ଅନ୍ତର୍ଜାତୀୟ ଚେକ୍‌ପୋଷ୍ଟ ଏବଂ ୯୦୬ଟି ଆନ୍ତଃରାଜ୍ୟ ଚେକ୍‌ପୋଷ୍ଟରେ କଡ଼ା ସତର୍କତା ବ୍ୟବସ୍ଥା କରାଯାଇଥିଲା।

## ଭାଜପାକୁ ଅଧିକ...
ଚାଣକ୍ୟ ପକ୍ଷରୁ କରାଯାଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ଭାଜପା ୧୬ଟି ଲୋକ ସଭା ଆସନରେ ବିଜୟୀ ହେବ। ବିଜେଡିକୁ ୪ଟି ଆସନ ଓ କଂଗ୍ରେସକୁ ଏଥର ମଧ୍ୟ ଗୋଟିଏ ଆସନ ମିଳିବ। ଇଣ୍ଡିଆ ନ୍ୟୁଜ୍'ର ଏକ୍‌ଜିଟ ପୋଲ୍ ଅନୁଯାୟୀ ରାଜ୍ୟରେ ୨୧ଟି ଲୋକ ସଭା ଆସନରୁ ୧୩ଟିରେ ଭାଜପା ଓ ବିଜେଡିକୁ ୮ଟି ଆସନ ମିଳିବ। କଂଗ୍ରେସ ଗୋଟିଏ ଆସନରେ ବି ଜିତିପାରିବ ନାହିଁ। 'ଜନ୍ କି ବାତ୍'ର ଏକ୍‌ଜିଟ ପୋଲ୍ ତଥ୍ୟ କହୁଛି ଭାଜପା ରାଜ୍ୟରେ ୧୫-୧୮ଟି ଲୋକ ସଭା ଆସନ ହାତେଇବାରେ ସଫଳ ହୋଇପାରେ। ବିଜେଡିକୁ ୩ରୁ ୭ଟି ଆସନ ମିଳିବା ସମ୍ଭାବନା ରହିଛି। ୨୦୧୯ରେ ଗୋଟିଏ ଆସନ ଜିତିଥିବା କଂଗ୍ରେସର ହାତ ଖାଲି ରହିପାରେ ବୋଲି ଆକଳନ କରାଯାଇଛି।

ରିପବ୍ଲିକ ମାଟ୍ରିଜ୍‌ର ଏକ୍‌ଜିଟ ପୋଲ୍ ରିପୋର୍ଟରେ ଟିକେ ଅଲଗା ତଥ୍ୟ ରହିଛି। ଏହାର ଆକଳନ କହୁଛି ଭାଜପା ୯ରୁ ୧୨ଟି ଆସନ ଜିତିବ। ବିଜେଡି ହାତକୁ ୭ରୁ ୧୦ଟି ସିଟ୍ ଯିବ। କଂଗ୍ରେସ ଗୋଟିଏ ଆସନ ଜିତିପାରେ। ସେହିପରି ଏନ୍‌ଟିଭିରେ ପ୍ରସାରିତ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ଭାଜପା ୧୫ ଲୋକ ସଭା ଆସନରେ ବିଜୟୀ ହେବାକୁ ଥିବାବେଳେ ବିଜେଡି ୩ରୁ ୮ଟି ଆସନ ହାସଲ କରିପାରେ। କଂଗ୍ରେସକୁ ନିରାଶ ହେବାକୁ ପଡ଼ିପାରେ। ସେହିପରି ଆଜତକ୍ ଏକ୍‌ଜିଟ ପୋଲ୍ ସର୍ଭେ କହୁଛି ଭାଜପା ୨୧ ଆସନରୁ ୧୮ରୁ ୨୦ରେ ବିଜୟୀ ହେବ। ବିଜେଡି ୦-୨ ଓ କଂଗ୍ରେସ ଗୋଟିଏ ସିଟ୍ ନେଇପାରେ। ଇଣ୍ଡିଆ ନ୍ୟୁଜ୍ ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁଯାୟୀ ଭାଜପାକୁ ୧୩, ବିଜେଡିକୁ ୮ ଲୋକ ସଭା ସିଟ୍ ମିଳିବ। କଂଗ୍ରେସ ଖାତା ଖୋଲିପାରିବ ନାହିଁ। ସି-ଭୋଟରର ସର୍ଭେ ଅନୁସାରେ ଭାଜପା ୧୭ରୁ ୧୯ଟି ଆସନ ଜିତିବ। ବିଜେଡିକୁ ମାତ୍ର ୧ରୁ ୩ଟି ଆସନ ମିଳିବ। କଂଗ୍ରେସ ଗୋଟିଏ ଆସନ ପାଇପାରେ। ଉଲ୍ଲେଖଯୋଗ୍ୟ ଯେ ୨୦୧୯ ନିର୍ବାଚନରେ ୨୧ ଲୋକ ସଭା ଆସନରୁ ବିଜେଡି ୧୨ଟି ଜିତିଥିବା ବେଳେ ଭାଜପା ୮ ଓ କଂଗ୍ରେସ ଗୋଟିଏ ଆସନ ପାଇଥିଲା। ୨୦୧୪ରେ ବିଜେଡି ୨୧ଟିରୁ ୨୦ଟି ଲୋକ ସଭା ଆସନ ଜିତିଥିଲା।

## ଆଜିଠୁ ଟି୨୦ ...
ଶର୍ଫେନ୍ ରଦରଫୋର୍ଡ ଓ ରୋମାରିଓ ଶେଫର୍ଡଙ୍କ ଭଳି ଖେଳାଳି ରହିଛନ୍ତି। ଏହି ଦଳର ସମସ୍ତ ଖେଳାଳି ଏକାକୀ ମ୍ୟାଚ୍‌ର ମୋଡ ପରିବର୍ତ୍ତନର ଦକ୍ଷତା ରଖନ୍ତି। ଖାସ୍ କରି ଆନ୍ଦ୍ରେ ରସେଲ୍ ବର୍ତ୍ତମାନ ଚମତ୍କାର ଲୟରେ ଅଛନ୍ତି। ଉଭୟ ବ୍ୟାଟ ଓ ବଲରେ ଦମଦାର ପ୍ରଦର୍ଶନ କରୁଥିବା ରସେଲ ଘରୋଇ ଦଳ ପାଇଁ ଗେମ୍ ଚେଞ୍ଜର ରହିବେ। ଅଭିଜ୍ଞ ଜାସନ୍ ହୋଲ୍ଡରଙ୍କ ସ୍ଥାନରେ ଓବେଡ୍ ମ୍ୟାକୟଙ୍କୁ ଦଳରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ପପୁଆ ନ୍ୟୁ ଗିନି ଅଧିନାୟକ ଅସଦୁଲ୍ଲା ଭାଲାଙ୍କ ଅଧୀନରେ ଖେଳିବ। ଦଳରେ ୮ ଜଣ ଅଲରାଉଣ୍ଡର ରହିଥିଲେ ମଧ୍ୟ ଅଭିଜ୍ଞତାର ଅଭାବ ରହିଛି।

ଅନ୍ୟପକ୍ଷରେ ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ଆମେରିକା ଓ କାନାଡା। ଉଭୟ ଦଳ ପ୍ରଥମ ଥର ପାଇଁ ବିଶ୍ୱକପ୍ ଭଳି ଟୁର୍ନାମେଣ୍ଟ ଖେଳିବେ। ତେବେ ଆମେରିକାକୁ ଏହି ମ୍ୟାଚ୍‌ରେ ଫେଭରିଟ୍ ବିବେଚନା କରାଯାଉଛି।ନିକଟରେକାନାଡାକୁଦଳ୪-୦ରେପରାସ୍ତ କରିଥିବା ବେଳେ ଏହା ନିକଟରେ ଏକାଧିକ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଉଭୟ ଦଳରେ ଏକାଧିକ ଭାରତୀୟ ବଂଶୋଦ୍ଭବ ଖେଳାଳି ରହିଛନ୍ତି।

## ଯୁକ୍ତ୨ ନାମଲେଖା...
ସିଟ୍ ଉପଲବ୍ଧ ରହିଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଇ-ଆଡ୍‌ମିଶନ୍ ନିମନ୍ତେ ସବିଶେଷ ବିବରଣୀ www.samsodisha.gov.in ୱେବ୍‌ସାଇଟ୍‌ରେ ରହିଛି। ଛାତ୍ରୀଛାତ୍ରମାନେ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ଏବଂ ସଂଯୋଗ ହେଲ୍‌ପଲାଇନ୍ ନମ୍ବର ୧୫୫୩୩୫/୧୮୦୦୩୪୫୬୭୭୦ରେ ଡାଏଲ୍ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

## ଗୌତମ ଆଦାନୀ ...
୧୧୧ ବିଲିୟନ ଡଲାର ସମ୍ପତ୍ତି ସହ ସୂଚକାଙ୍କର ୧୧ତମ ସ୍ଥାନରେ ଥିବାବେଳେ ଅମ୍ବାନୀଙ୍କ ସମ୍ପତ୍ତି ୧୦୯ ବିଲିୟନ ଡଲାର ରହିଛି। ଆଦାନୀ ଗ୍ରୁପ୍‌ର ଷ୍ଟକ୍ କାରବାରରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁ ସେ ଅମ୍ବାନୀକୁ ଟପିଛନ୍ତି। ଆଦାନୀ ଗ୍ରୁପ୍‌ର ଆଗାମୀ ଦଶନ୍ଧିରେ ୯୦ ବିଲିୟନ ଡଲାର ବିନିଯୋଗ କରି ଏହାର ବ୍ୟବସାୟକୁ ସମ୍ପ୍ରସାରଣ କରିବାକୁ ଯାଉଥିବା ଯୋଜନା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏହାର ସବୁ କମ୍ପାନୀର ଶେୟାର ମୂଲ୍ୟ ବଢ଼ିଥିଲା। ଆଦାନୀ ଗ୍ରୁପ୍ ଷ୍ଟକ୍‌ରେ ୧.୨୩ ଲକ୍ଷ କୋଟି ନିବେଶକ ପୁଞ୍ଜି ସାମିଲ ହେବା ସହ ଏହାର ମୋଟ ବଜାର ପୁଞ୍ଜି ୧୭.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଶୁକ୍ରବାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜିରେ ୮୪,୦୬୪ କୋଟି ଟଙ୍କା ଯୋଡ଼ିହେବା ସହ ମୋଟ ବଜାର ପୁଞ୍ଜି ୧୭.୫୧ ଲକ୍ଷ କୋଟି ଟଙ୍କା ରହିଥିଲା।

## ପଦ୍ମଶ୍ରୀ ମାଗୁଣି ...
ତାଙ୍କ ମୃତ୍ୟୁରେ ଜିଲାରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ କରାଯାଇଛି। ତାଙ୍କ ଦେହାନ୍ତରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଓଡ଼ିଶାର କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ମାଗୁଣିଙ୍କ ମରଶରୀରକୁ ଏକ ସୁସଜ୍ଜିତ ଗାଡ଼ିରେ ପୁରୁଣା ସହର ପରିକ୍ରମାକରି ଅପରାହ୍ନରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପୋଲିସ ପକ୍ଷରୁ ତୋପ ସଲାମୀ ଓ ଗାର୍ଡ ଅଫ୍ ଅନର ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ସଦର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ପଦାଧିକାରୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ସଦର ବିଧାୟକ ମୋହନ ମାଝି, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ଜିଲା ଓକିଲ ସଂଘ ସଭାପତି ଆଲୋକ ମହାନ୍ତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ମାଗୁଣି ଚରଣ କୁଅଁର ଏକାଧାରରେ ମୂର୍ତ୍ତିକାର, କଳାକାର, କଣ୍ଢେଇ ନୃତ୍ୟଶିଳ୍ପୀ ଥିଲେ। ମାଟି, କାଠ ଓ ବାଉଁଶରେ ବିଭିନ୍ନ ପ୍ରକାର ମୂର୍ତ୍ତି, କଣ୍ଢେଇ, ଘରୋଇ ସାଜସଜ୍ଜା ଉପକରଣ ଓ ସାମଗ୍ରୀ ପ୍ରସ୍ତୁତ କରି ସୁନାମ ଅର୍ଜନ କରିଥିଲେ। ଦୀର୍ଘ ପ୍ରାୟ ୫ ଦଶନ୍ଧି ଧରି କଣ୍ଢେଇ ନୃତ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ। ବାପା ବୈଷ୍ଣବ ଚରଣ କୁଅଁରଙ୍କଠାରୁ ଏହି କଳା ଶିଖିବା ସହ ୧୫ ବର୍ଷ ବୟସରୁ ଗୁରୁ ମକରଧ୍ୱଜ ବେହେରାଙ୍କଠାରୁ କଣ୍ଢେଇ ନୃତ୍ୟ ଶିକ୍ଷା ଗ୍ରହଣ କରିଥିଲେ। ପରେ ନିଜ ପରିଶ୍ରମ ବଳରେ ଉତ୍କଳ କଳାକୁଞ୍ଜ କଣ୍ଢେଇ ନାଚ ନାମରେ ଏକ ଅନୁଷ୍ଠାନ ଗଠନ କରିଥିଲେ। ଦେଶ ବିଦେଶରେ କଣ୍ଢେଇ ନୃତ୍ୟ ପରିବେଷଣକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କାଠ କଣ୍ଢେଇ ଜରିଆରେ ନିଖୁଣ ଭାବେ ମଞ୍ଚ ପରିଚାଳନା କରିବା ସହ ବିଷୟବସ୍ତୁର ଅଭିନେତାଙ୍କୁ ନେଇ ଶବ୍ଦ ପରିବେଷଣ ଆଦି କରି ସମସ୍ତଙ୍କୁ ବିସ୍ମିତ କରୁଥିଲେ। ତାଙ୍କର ଜୀବନବ୍ୟାପୀ କଳା ପାଇଁ ୨୦୨୩ରେ ଭାରତ ସରକାର ତାଙ୍କୁ ଦେଶର ସର୍ବୋଚ୍ଚ ସିଭିଲିଆନ ସମ୍ମାନ ପଦ୍ମଶ୍ରୀରେ ସମ୍ମାନିତ କରିଥିଲେ। ଏଥିସହ କାଠ କଣ୍ଢେଇ ନୃତ୍ୟ ପାଇଁ ୨୦୦୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୨୦୧୪ରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ସମେତ ଦେଶର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, କିଛିଦିନ ମଧ୍ୟରେ ସେ ନିଜ ୨ ପୁଅ ଓ ସ୍ତ୍ରୀଙ୍କୁ ହରାଇଥିଲେ। ଏଥିସହ ବାର୍ଦ୍ଧକ୍ୟଜନିତ ଯନ୍ତ୍ରଣା ପାଇ ଆସୁଥିଲେ। ଏଣୁ ବାରମ୍ବାର ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ।

## ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ
ଭୁବନେଶ୍ୱର, ୧।୬ (ବନ୍ଦନା ସେଠୀ)- ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ ପାରମ୍ପରିକ କଣ୍ଢେଇ ନୃତ୍ୟର ପ୍ରଚାର ପ୍ରସାର ପାଇଁ ମାଗୁଣି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ଛାଡ଼ି ଯାଇଥିବା ପଦଚିହ୍ନ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ ବୋଲି ଉଲ୍ଲେଖ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ ତାଙ୍କ ଶୋକବାର୍ତ୍ତାରେ କଣ୍ଢେଇ ନାଚକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ପଦ୍ମଶ୍ରୀ ମାଗୁଣିଙ୍କର ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଓଡ଼ିଶାର ଲୁପ୍ତପ୍ରାୟ କଣ୍ଢେଇ ନାଚ ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ କେନ୍ଦୁଝର ଜିଲାର ଗୁରୁ ମାଗୁଣିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଗୁରୁ ମାଗୁଣିଙ୍କ ବିୟୋଗ ଓଡ଼ିଶାର ପାରମ୍ପରିକ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମାଗୁଣିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଡ.ପ୍ରଭାତ ରଞ୍ଜନ ବେଉରିଆ କୋଲକାତା ବିମାନବନ୍ଦରର ନୂତନ ନିର୍ଦ୍ଦେଶକ



ଭୁବନେଶ୍ୱର,୧।୬(ବନ୍ଦନା ସେଠୀ)

କୋଲକାତା ବିମାନବନ୍ଦରର ନୂତନ ନିର୍ଦ୍ଦେଶକ ଭାବେ ଡ. ପ୍ରଭାତ ରଞ୍ଜନ ବେଉରିଆ ଶନିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବେଉରିଆ ଏହା ପୂର୍ବରୁ ରାଜମାତା ବିଜୟାରାଜେ ସିନ୍ଧିଆ ବିମାନବନ୍ଦରର ନୂଆ ଟର୍ମିନାଲ ନିର୍ମାଣ କାର୍ଯ୍ୟରେ ପ୍ରୋଜେକ୍ଟ ହେଡ୍ ଭାବେ କାର୍ଯ୍ୟରତ ଥିଲେ। ସେହିପରି ପୂର୍ବରୁ ସେ ଭୁବନେଶ୍ୱର, ଜମ୍ମୁ, ରାଞ୍ଚି, ଲେହ୍, ଝାରସୁଗୁଡ଼ା ବିମାନବନ୍ଦରର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅନ୍ୟାନ୍ୟ କାର୍ଯ୍ୟ ସହ ସେ କୋଲକାତା ବିମାନବନ୍ଦରର ପାସେଞ୍ଜର ସୁବିଧା ଜଡ଼ିତ ବିମାନବନ୍ଦର ଏବଂ ମେଟ୍ରୋରେଲ୍ ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ବେଉରିଆ ପ୍ରକାଶ କରିଛନ୍ତି।

## ଜଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅନ୍ୟ ଜଣଙ୍କ ଆଧାର ଲିଙ୍କ୍

- ମିଳିପାରୁନାହିଁ ଆବାସ ଯୋଜନା ଟଙ୍କା
- ବିଡିଓଙ୍କ ଦ୍ୱାରସ୍ଥ ହେଲେ ମହିଳା

ଲାଞ୍ଜିଗଡ଼,୧।୬ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ପାର୍ବତୀ ସାହୁ (୭୪)ଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ମାଲିଗୁବାଙ୍ଗ ପଞ୍ଚାୟତର ପାର୍ବତୀ ସାହୁ ନାମକ ଅନ୍ୟ ଜଣେ ମହିଳାଙ୍କ ଆଧାର ଲିଙ୍କ୍ ଯୋଗୁ ହିତାଧିକାରୀ ପାର୍ବତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ଘରଟଙ୍କା ପାଇପାରୁ ନାହାନ୍ତି। ଏ ବିଷୟରେ ପାର୍ବତୀ ବ୍ୟାଙ୍କକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଶେଷରେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି।

ସୂଚନାନୁସାରେ ପାର୍ବତୀ ସାହୁ ୨୦୨୧-୨୨ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। ପ୍ରଥମ କିସ୍ତିରେ ଘର ନିର୍ମାଣ ଆରମ୍ଭ କରିବା ପାଇଁ ୪୦ ହଜାର ଟଙ୍କା ରହିଥିବା ବେଳେ ତମ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଯିବ ବୋଲି ବ୍ଲକ ପକ୍ଷରୁ କୁହାଯାଇଥିଲା। ପାର୍ବତୀ ଧାରଉଧାର କରି ଘର କାମ ଆରମ୍ଭ କରିଥିଲେ। କିନ୍ତୁ ଆକାଉଣ୍ଟକୁ ଟଙ୍କା ଆସି ନ ଥିଲା। ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ପ୍ରଥମ କିସ୍ତିର ଟଙ୍କା ତମ ବ୍ୟାଙ୍କ ଆକାଉଣ୍ଟକୁ ଛଡ଼ାଯାଇଛି ବୋଲି ବ୍ଲକ ପକ୍ଷରୁ କୁହାଯାଇଥିଲା। ଏହାପରେ ପାର୍ବତୀ ବେନଗାଁ ଷ୍ଟେଟବ୍ୟାଙ୍କକୁ ଯାଇ ଆକାଉଣ୍ଟ ଯାଞ୍ଚ କରିଥିଲେ। ତଦନ୍ତ ପରେ ଜଣାପଡ଼ିଲା ଯେ ଲାଞ୍ଜିଗଡ଼ ବ୍ଲକ ମାଲିଗୁବାଙ୍ଗ ପଞ୍ଚାୟତର ପାର୍ବତୀ ସାହୁ ନାମକ ଅନ୍ୟଜଣେ ମହିଳାଙ୍କ ଆଧାର କାର୍ଡ ନମ୍ବର ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଯାଇଛି। ଫଳରେ ତାଙ୍କ ଆକାଉଣ୍ଟର ଟଙ୍କା ସେ ମହିଳା ଜଣକ ଉଠାଇଥିବା ଜାଣିବାକୁ ପାଇଥିଲେ। ବ୍ୟାଙ୍କ କର୍ମଚାରୀଙ୍କ ଭୁଲ ଲାଗି ପାର୍ବତୀଙ୍କ ଆବାସ ଯୋଜନାରେ ଆସିଥିବା ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ସହିତ ତାଙ୍କ କାଳିଆ ଯୋଜନାରେ ଆସିଥିବା ଟଙ୍କା, ଭତ୍ତା ଟଙ୍କା ଓ ନିଜେ ସଞ୍ଚୟ କରିଥିବା ଆଉ ୨୦ ହଜାର ଟଙ୍କା ମଧ୍ୟ ସେହି ମହିଳା ଜଣଙ୍କ ନିଜ ଆଧାର କାର୍ଡରେ ଉଠାଇ ନେଇଥିବା ଜଣାପଡିଥିଲା। ଏମିତି କିଭଳି ହେଲା ବୋଲି ପାର୍ବତୀ ବ୍ୟାଙ୍କରେ ପଚାରିବାରୁ ଆଧାର ଲିଙ୍କ କରିବା ସମୟରେ ଦୁଇଜଣ ମହିଳାଙ୍କ ନାମ ସମାନ ରହିଥିବାରୁ ଆଧାର ଲିଙ୍କ ହୋଇଯିବାରୁ ଏଭଳି ସମସ୍ୟା ହୋଇଛି। ଆମେ ସେହି ଆକାଉଣ୍ଟକୁ ଲକ୍ କରୁଛୁ। ଏହାର ସମାଧାନ ଅତିଶୀଘ୍ର କରାଯିବ ବୋଲି ପାର୍ବତୀଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଆଧାର କାର୍ଡରେ ପଇସା ଉଠାଇଥିବା ମାଲିଗୁବାଙ୍ଗର ମହିଳା ପାର୍ବତୀ ସାହୁ ନିଜ ହାତରେ ଥିବା ୪୦ ହଜାର ଟଙ୍କା ବ୍ୟାଙ୍କକୁ ଫେରସ୍ତ କରିଥିବା ବେଳେ ଅନ୍ୟ ୨୦ ହଜାର ଟଙ୍କା ଖର୍ଚ୍ଚ କରିଦେଇଛି ବର୍ତ୍ତମାନ ଦେଇପାରିବିନାହିଁ ବୋଲି ବ୍ୟାଙ୍କ ମ୍ୟାନେଜରଙ୍କୁ କହିଥିଲେ। ପାର୍ବତୀ ନିଜ ଟଙ୍କା ଫେରିପାଇବା ପାଇଁ ବ୍ୟାଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସମୟ ଗଡାଉଥିବାରୁ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଏ ନେଇ ବିଡିଓ ପାତ୍ରଙ୍କୁ ପଚାରିବାରୁ କେବଳ ପାର୍ବତୀ ନୁହେଁ ବହୁ ଲୋକଙ୍କ ଏଭଳି ହୋଇଥିବା ଅଭିଯୋଗ ଆସିଛି। ଆମେ ଅତିଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ବ୍ୟାଙ୍କକୁ ଚିଠି କରିବୁ ବୋଲି ପ୍ରକାଶ କରିଥିଲେ।

## ରାଉରକେଲା: ମୃତ୍ୟୁ ସଂଖ୍ୟା ୧୭କୁ ବୃଦ୍ଧି

### ଅଂଶୁଘାତ ସନ୍ଦେହ

ରାଉରକେଲା,୧।୬ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାରେ ଅଂଶୁଘାତ ପ୍ରକୋପ ଥମିବାର ନାଁ ଧରୁନାହିଁ। ଶୁକ୍ରବାର ସୁଦ୍ଧା ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ଏହି ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ରାଉରକେଲା ସରକାରୀ ଡାକ୍ତରଖାନାର ଅଂଶୁଘାତ ଉପଶମ ପ୍ରକୋଷ୍ଠରେ ଶନିବାର ୨୬ ରୋଗୀ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ଅନେକ ରୋଗୀ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ୫୫ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି। ଅଂଶୁଘାତ ପ୍ରକୋଷ୍ଠରେ ୫୫ଟି କୁଲର ବ୍ୟବସ୍ଥା ହୋଇଛି। ଏଥିସହ ବ୍ୟାପକ ମାତ୍ରାରେ ଓଆର୍ଏସ୍ ଦ୍ରବଣ ସାଙ୍ଗକୁ ଭିଟାମିନଯୁକ୍ତ ସାଲାଇନ ମଧ୍ୟ ଅଂଶୁଘାତ ପୀଡିତଙ୍କୁ ପ୍ରଦାନ କରାଯାଉଛି। ଶନିବାର ଦିଲ୍ଲୀ, ଭୁବନେଶ୍ୱର ଏବଂ ସୁନ୍ଦରଗଡ଼ର ମୁଖ୍ୟ ସରକାରୀ ଡାକ୍ତରଖାନାର ବିଶେଷଜ୍ଞ ଡାକ୍ତରୀ ଦଳ ଡା. ଅଶୋକ ପାଇକେରା ଓ ଡା. ଅର୍ଘ୍ୟ ପଧାନଙ୍କ ସହ ମିଶି ସମସ୍ତ ୱାର୍ଡ ନିରୀକ୍ଷଣ କରିଛନ୍ତି। ତେବେ ଗତ ୫ଦିନରେ ଆର୍‌ଜିଏଚ୍‌ରେ ୪ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ କ୍ରମେ ଅଂଶୁଘାତଜନିତ ମୃତ୍ୟୁ ସ୍ପଷ୍ଟ ହୋଇଛି। ଅନ୍ୟ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ମୃତ୍ୟୁର କାରଣ ଜଣାପଡିନାହିଁ।



ଶନିବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଲାଗିଥିବା ନିଆଁର ଦୃଶ୍ୟ।

## ପୋଲିଂ ଏଜେଣ୍ଟଙ୍କୁ ଆକ୍ରମଣ

### ବୁଥ୍ ସାମ୍ନାରେ ବିଜେଡି କର୍ମୀଙ୍କ ଧାରଣା

ତିହିଡ଼ି,୧।୬(ସଞ୍ଜିତ ବଳ)

ଧାମନଗର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ଥାନା ଦୋଳସାହି ପଞ୍ଚାୟତର ହିଡିମ୍ବାଇ ପ୍ରାଥମିକ ସ୍କୁଲ ବୁଥ୍‌ରେ ଶନିବାର ମଧ୍ୟାହ୍ନରେ ବିରୋଧୀ ଦଳର କର୍ମୀ ପୋଲିଂ ଏଜେଣ୍ଟ ଅଣାକାର ଦଳେଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଜେଡି କର୍ମୀମାନେ ବୁଥ୍ ସାମ୍ନାରେ ଧାରଣା ଦେଇଥିଲେ। ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ ପହଞ୍ଚି ବିଜେଡି କର୍ମୀମାନଙ୍କୁ ବୁଝାଶୁଝା କରି ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସରପଞ୍ଚ ଗୌରୀଶଙ୍କର ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ରବୀନ୍ଦ୍ର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଏହି ଆକ୍ରମଣ ସମ୍ପର୍କରେ ଏଜେଣ୍ଟଙ୍କ ସ୍ତ୍ରୀ ଭାଗ୍ୟବତୀ ଦଳେଇ ଥାନାରେ ଏତଲା ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସ୍କୁଲର ୪୬ନଂ. ବୁଥ୍‌ରେ ମତଦାନ ଚାଲିଥିବା ବେଳେ ବିରୋଧୀ ଦଳର କେତେଜଣ କର୍ମୀ ଭିତରକୁ ପଶି ପାଟିତୁଣ୍ଡ କରିଥିଲେ। ଏଥିସହ ସେମାନେ ଅଣାକାରଙ୍କୁ ଆକ୍ରମଣ କରିଥିଲେ। ସେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## କୋଏଲ ନଦୀରେ ବୁଡ଼ି ଯୁବକ ମୃତ

ରାଉରକେଲା,୧।୬(ଦିନେଶ ମିଶ୍ର)

ରାଉରକେଲା ସ୍ଥିତ କୋଏଲନଦୀରେ ଜଳକ୍ରୀଡ଼ା କରୁଥିବାବେଳେ ଜଣେ ଯୁବକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଝାରଖଣ୍ଡ ଚକ୍ରଧରପୁର ଅଞ୍ଚଳର ଆଶିଷ ଆନଥୋନି(୨୯)। ସୂଚନା ଅନୁଯାୟୀ, ଆଶିଷ ଶନିବାର ମିଟକୁନ୍ଦରୀ ସ୍ଥିତ କୋଏଲ ନଦୀରେ ଜଳକ୍ରୀଡ଼ା କରୁଥିବାବେଳେ ହଠାତ୍ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଆର୍‌ଜିଏଚ ମର୍ଗ ହାଉସରେ ରଖିଛି।

## ଶୋଇବା ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧।୬(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ପାଟପୁର ଗ୍ରାମରେ ଜଣେ ଯୁବକଙ୍କ ଶୋଇବା ଘରୁ ତାଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ନିରଞ୍ଜନ ସାମଲ। ଏନେଇ ପୋଲିସ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ନିରଞ୍ଜନ ପ୍ରଚୁର ମଦ୍ୟପାନ କରି ନିଜ ଘରକୁ ଫେରିଥିଲେ। ପୂର୍ବରୁ ପରିବାର ସହିତ କଳହ କରି ମାନସିକ ଭାରସାମ୍ୟ ହରାଇ ଦୁଶ୍ଚିନ୍ତାରେ ଥିଲେ। ସେ ରାତ୍ରିରେ ଖାଇବା ପରେ ଶୋଇବା ଘରେ କବାଟ ବନ୍ଦ ନ କରି ଶୋଇଯାଇଥିଲେ। ହେଲେ ପରିବାର ଲୋକେ ବିଳମ୍ବିତ ରାତିରେ ନିରଞ୍ଜନଙ୍କୁ ଫ୍ୟାନରେ ଏକ ରଶିରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଅଗ୍ନିକାଣ୍ଡ

ପୁରୀ,୧।୬(ଅଜିତ୍ ମହାନ୍ତି)

ଗତ ୨୯ ତାରିଖ ଭଉଁରି ଅବସରରେ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ହୋଇଥିବା ବାଣ ବିସ୍ଫୋରଣର ଦୁଃଖଦ ଅନୁଭୂତି ପୁରୀବାସୀଙ୍କ ମନରୁ ଲିଭି ନ ଥିବାବେଳେ ଶନିବାର ଭୋର ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଅଗ୍ନିକାଣ୍ଡ ହୋଇଛି। ଅଗ୍ନିକାଣ୍ଡରେ ନାକଚଣା ଦ୍ୱାର ନିକଟରେ ଥିବା ପ୍ଲାଷ୍ଟିକ ନିର୍ମିତ ବ୍ୟାରିକେଡଟି ଜଳିବା ସହ ମନ୍ଦିର ପାଚେରିର କିଛି ଅଂଶ କଳା ପଡ଼ିବା ସହିତ ସେଠାରେ ଥିବା ଗଛ ମଧ୍ୟ କଳା ପଡ଼ିଯାଇଛି। ତେବେ ଅଗ୍ନିକାଣ୍ଡରେ ସେପରି କିଛି କ୍ଷୟକ୍ଷତି ହୋଇନାହିଁ। କେହି ଦୁର୍ବୃତ୍ତ ମନ୍ଦିର ପାଚେରି ପାର୍ଶ୍ୱରେ ଥିବା କିଛି ସାମଗ୍ରୀରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ତେବେ ନିଆଁ କିପରି ଲାଗିଲା ତାହା ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ, ଶନିବାର ଭୋର ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ଫାଇବାର ବ୍ୟାରିକେଡରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିବା ସହ ପ୍ରବଳ ମାତ୍ରାରେ ଧୂଆଁ ବାହାରୁଥିବା କେତେଜଣ ଲୋକ ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ଅଧିକାରୀଙ୍କ ସନ୍ଦେହ ଅନୁସାରେ, ବ୍ୟାରିକେଡ ପାଖରେ ଶୁଖିଲା ପତ୍ର ପଡି ରହିଥିଲା। କେହି ବ୍ୟକ୍ତି ସିଗାରେଟ୍ ଟାଣି ସେଠାରେ ପକାଇବା ପରେ ସେଥିରୁ ଅଳିଆରେ ନିଆଁ ଲାଗି ତାହା ବ୍ୟାରିକେଡରେ ଲାଗିବା ସହ ଉଗ୍ରରୂପ ନେଇ ଅଗ୍ନିକାଣ୍ଡ ଘଟିଥାଇପାରେ। ତେବେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି କି, ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟରେ ୨୪ ଘଣ୍ଟା ଅସାମାଜିକ ଲୋକ ଓ ନିଶା ଖୋରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏନେଇ ପ୍ରଶାସନ ଓ ପୋଲିସ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ପୋଲିସ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ କଡ଼ା ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହୋଇଛି।

## ଜ୍ୱାଇଁଙ୍କ ଗୋଡ଼ ହାଣିଲେ ଶ୍ୱଶୁର

ବୌଦ୍ଧ/ବଘିଆପଡା,୧।୬ (ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଆମ୍ୱଝରୀ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜ୍ୱାଇଁଙ୍କ ଗୋଡ଼କୁ ଶ୍ୱଶୁର କାଟି ଅଲଗା କରି ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ସୋନପୁର ଜିଲା ଟିଁକିପାଲି ଗ୍ରାମର କୁଶଲେଶ୍ୱର ବିଭାର (୩୫) ବୌଦ୍ଧ ଜିଲା ଆମ୍ୱଝରୀ ଗ୍ରାମର ଭାଗିରଥି ଲୁହାଙ୍କ ଝିଅକୁ ୧୦ ବର୍ଷ ହେବ ବିବାହ କରିଥିଲେ। ଗତ ଶୁକ୍ରବାର କୁଶଲେଶ୍ୱର ଶ୍ୱଶୁର ଘରକୁ ଆସି ପାରିବାରିକ କଳହରୁ ପାଟିତୁଣ୍ଡ କରି ଫେରି ଯାଇଥିଲେ। ପୁଣି ଶନିବାର ଦିନ ଶ୍ୱଶୁର ଘରକୁ ଆସି ଗଣ୍ଡଗୋଳ କରିଥିଲେ। ଏନେଇ ଶ୍ୱଶୁର ଭାଗିରଥି ଉତ୍ତ୍ୟକ୍ତ ହୋଇ ଗୁହାଳ ଘରେ ଜ୍ୱାଇଁ କୁଶଲେଶ୍ୱରଙ୍କ ଡାହାଣ ଗୋଡ଼କୁ ଟାଙ୍ଗିଆ ଦ୍ୱାରା ହାଣି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ବଘିଆପଡା ପୋଲିସ ପହଞ୍ଚି କୁଶଲେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ମେଡିକାଲକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି। ଏନେଇ ବୌଦ୍ଧ ଥାନାରେ ନଂ ୨୨୭/୨୪ ଏକ ମାମଲା ରୁଜୁ ହୋଇଛି। ଶ୍ୱଶୁର ଭାଗିରଥିଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡିଛି।

## ବୁଥ୍‌ରେ ଟଳିପଡ଼ିଲେ ଭୋଟର

### ମତଦାନ କେନ୍ଦ୍ରରେ କରାଯାଇନାହିଁ ଛାମୁଡିଆ

ଆଳି,୧।୬(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଳି ବ୍ଲକରେ ଶନିବାର ଭୋଟ ଗ୍ରହଣ ଶେଷ ହୋଇଛି। ଉକ୍ତ ବ୍ଲକର ୧୬୬ଟି ବୁଥ୍ ହୋଇଛି। ହେଲେ କିନ୍ତୁ କୌଣସି ବୁଥ୍‌ରେ ଭୋଟରଙ୍କ ପାଇଁ ଛାମୁଡ଼ିଆ ତିଆରି ହୋଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ପ୍ରବଳ ଖରାରେ ଭୋଟ ଦେବାକୁ ଆସିଥିବା ଜଣେ ଭୋଟର ଗରମ ସହି ନ ପାରି ମୃତ୍ୟୁବରଣ କରିଛନ୍ତି। ଆଳି ଥାନା ଅନ୍ତର୍ଗତ ଦେମାଳ ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ବୁଥ୍‌ରେ ବିନା ଛାମୁଡ଼ିଆରେ ଠିଆ ହୋଇଥିବା ଦେମାଳ ଗ୍ରାମର ମାଧବାନନ୍ଦ ସେଠୀ(୫୫ )ସେହି ଧାଡ଼ିରେ ଟଳି ପଡ଼ିଥିଲେ। ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ଲକ ପ୍ରଶାସନ ପକ୍ଷରୁ କ'ଣ ପାଇଁ ଛାମୁଡ଼ିଆ ପ୍ରତି ଅଣଦେଖା କରାଗଲା ତାହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛାମୁଡ଼ିଆ ପାଇଁ ପଇସା ଆସିଥିଲେ ମଧ୍ୟ କାହିଁକି କରାଗଲାନାହିଁ ସେ ନେଇରେ ଭୋଟରମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବିବାହିତ ମହିଳାଙ୍କୁ ହତ୍ୟା ଅଭିଯୋଗ | ସ୍ୱାମୀ ସହ ଶ୍ୱଶୁର, ଦେଢଶ୍ୱଶୁର ଗିରଫ

ଖୁଣ୍ଟିଗୋରା,୧।୬(ମକରନ୍ଦ ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଗିଧାମାଲ ଗ୍ରାମରେ ବିବାହିତା ମହିଳା ଧନେଶ୍ୱରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୋଲିସ ସ୍ୱାମୀ କେଶରାଜ ମାଝୀ, ଦେଢଶ୍ୱଶୁର ତେଜରାଜ ମାଝି ଓ ଶ୍ୱଶୁର ଲିଙ୍ଗ ମାଝୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏନେଇ ଘଣ୍ଟାପଡା ଥାନାରେ ନଂ ୮୬/୨୯।୫।୨୦୨୪ରେ ମାମଲା ରୁଜୁ ହୋଇଛି। କଳାହାଣ୍ଡି ଜିଲା ଏ.ରାମପୁର ଥାନା ଅନ୍ତର୍ଗତ ଖରଜୁରା ଗ୍ରାମର କ୍ଷୀରଧର ମାଝିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରକାଶ ଯେ, ଧନେଶ୍ୱରୀ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ଥାନା ଗିଧାମାଲ ଗ୍ରାମର କେଶରାଜ ମାଝିଙ୍କୁ ଗତ ୨୦୨୩ ଜାନୁୟାରୀ ୧୦ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଧନେଶ୍ୱରୀଙ୍କୁ ଯୌତୁକ ବାବଦରେ ଏକ ଲକ୍ଷ ଟଙ୍କା ଓ ଏକ ଭରି ସୁନା ଗହଣା ଆଣିବାକୁ ବାଧ କରାଯାଇଥିଲା। ଏହାପରେ ଯୌତୁକ ପାଇଁ ପାରିବାରିକ କଳହ ଲାଗି ରହିଥିବା ବେଳେ ଧନେଶ୍ୱରୀ କିଛି ଦିନ ବାପ ଘରେ ରହି ଆସୁଥିଲେ। ଗତ ୨ମାସ ହେବ ସେ ନିଜ ସ୍ୱାମୀଙ୍କ ଗାଁ ଗିଧାମାଲ ଗ୍ରାମକୁ ଆସିଥିଲେ। ମଙ୍ଗଳବାର ରାତିରେ ବାପଘର ପରିବାର ସହ ଧନେଶ୍ୱରୀ ଫୋନରେ କଥା ହୋଇଥିଲେ। ବୁଧବାର ସକାଳେ ଧନେଶ୍ୱରୀଙ୍କ ମୃତ୍ୟୁ ଘଟିଥିବା ଶଶୁର ଘର ଲୋକେ ଫୋନ କରି ଜଣାଇଥିଲେ। ଫୋନ ପାଇବା ପରେ ବାପା ନିଜ ସମ୍ପର୍କୀୟଙ୍କ ସହ ଗିଧାମାଲ ଗ୍ରାମରେ ପହଞ୍ଚି ଝିଅ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ କ୍ଷୀରଧର ଥାନାରେ ଯୌତୁକ ପାଇଁ ତାଙ୍କ ଝିଅଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ।

## ଭୋଟ ଦେବାକୁ ଆସି ଯୁବକ ମୃତ

କାଳିଆପାଣି,୧।୬(ଅସିତ୍ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ମହ୍ଲାର ସାହିର ଏଲେକ୍ଟ୍ରନ ମାଝି ଭୋଟ ଦେବା ପାଇଁ କଲରଙ୍ଗୀର ୧୪ ନମ୍ବର ବୁଥକୁ ଯାଇଥିଲେ। ଧାଡ଼ିରେ ଠିଆ ହୋଇଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ତଳେ ବସି ପଡ଼ିଥିଲେ। ସେଠାରେ ଉପସ୍ଥିତ ଲୋକମାନେ ତାଙ୍କୁ ପାଣି ପିଇବାକୁ ଦେବାପରେ ଘରକୁ ପଠାଇ ଦେଇଥିଲେ। ହେଲେ ଘରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

WARE HOUSE AVAILABLE
Ware Housing Space
measuring Appx. 36000 Sq.ft. available
(Four Godown's X 9000 Sq.ft. Appx.)
Most Centrally Located on
NH-5, Rudrapur, Pahal, Bhubaneswar
Interested party may Call
Mr. R.K. Barik Mob: 9861084873 OR Mr. Rajinder Singh Mob: 9937020527, 7735374900
(Between 10.00 AM to 02.00 PM)

## ଜରୁରୀ କାରଣ ନ ଥିଲେ ବାହାରକୁ ଯାଆନି, ସତର୍କତା ଅବଲମ୍ବନ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧।୬(ସୁନିତ୍ ମିଶ୍ର)

ଗତ କିଛିଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ କେତେକ ଜିଲାରେ ଅତ୍ୟଧିକ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି। ଏହି ଅସ୍ୱାଭାବିକ ପରିସ୍ଥିତିରେ ସତର୍କତା ଅବଲମ୍ବନ ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରାଜ୍ୟର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି)ଙ୍କ କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦିଆଯାଇଛି। ସମ୍ପ୍ରତି ଏହି ସମୟରେ ରାଜ୍ୟରେ ଉତ୍ତାପ ଅଧିକ ରହେ, ଏଥିପାଇଁ ପୂର୍ବାହ୍ନ ୧୦ଟା ବା ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଯେକୌଣସି କାମ ଯଥା ବ୍ୟକ୍ତିଗତ, କୌଣସି ଠିକାଦାରଙ୍କ କାମ ବା କୌଣସି ବାହାର କାମକୁ ଯିବାରୁ ନିବୃତ୍ତ ରହିବାର ଆବଶ୍ୟକତା ରହିଛି। ଯଦି ଅନିବାର୍ଯ୍ୟ କାରଣବଶତଃ ବାହାରକୁ କାମରେ ଯିବାକୁ ପଡୁଛି, ତେବେ ପାଖରେ ଛତା, ଜୋତା ବ୍ୟବହାର, ସାଙ୍ଗରେ ପାଣି ବୋତଲ ନେବା, ତଉଲିଆ ବା ଓଦା ଗାମୁଛା ପକାଇ ଯିବାକୁ ସେ ଅନୁରୋଧ କରିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ଏଥିପାଇଁ ସମସ୍ତ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବର୍ତ୍ତମାନ ସେ ସମସ୍ତ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକ କରି ଡାକବାଜି ଯନ୍ତ୍ର ଜରିଆରେ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ପ୍ରଚାରକୁ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଡାକ୍ତରଖାନାକୁ ପ୍ରସ୍ତୁତ କରି ରଖାଯାଇଛି। ରୌଦ୍ରତାପ ପ୍ରଭାବିତ ସ୍ଥିତିରେ ବା ଯଦି ଏଭଳି ଅସ୍ୱାଭାବିକ ତାପମାତ୍ରାରେ ପ୍ରଭାବିତ ଯଦି କେହି ସନ୍ଦିଗ୍ଧ ବ୍ୟକ୍ତି ଡାକ୍ତରଖାନାକୁ ଆସନ୍ତି, ତେବେ ତାଙ୍କର କିପରି ଚିକିତ୍ସା କରାଯିବ, ସେନେଇ ସବିଶେଷ ନିର୍ଦ୍ଦେଶ ଆଗରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିଆଯାଇଛି। ଗତ କିଛିଦିନରେ ମଧ୍ୟ ଡାକ୍ତରମାନଙ୍କ ସହ ଆଲୋଚନା କରାଯାଇଛି। ଯଦି କୌଣସି କ୍ଷେତ୍ରରେ ଏପରି କୌଣସି ଅସୁସ୍ଥତାଜନିତ ବ୍ୟକ୍ତି ନିକଟସ୍ଥ ଡାକ୍ତରଖାନାରେ ପହଞ୍ଚନ୍ତି, ତେବେ ଡାକ୍ତରଖାନାରେ ତୁରନ୍ତ ସୁବିଧା ମିଳିପାରିବ ବୋଲି ସେ କହିଛନ୍ତି। ଏହି ଗ୍ରୀଷ୍ମ ପ୍ରବାହଜନିତ ଉତ୍ତାପ ଆହୁରି କିଛିଦିନ ରହିବ ବୋଲି ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଉଛି। ଏଣୁ ସମସ୍ତେ ସତର୍କତା ଅବଲମ୍ବନ କରିବା, ଅଯଥାରେ ଖରାରେ ବେଶି ସମୟ ବୁଲାବୁଲି କରିବା ନାହିଁ, ଯୁବକମାନେ ମୋଟରସାଇକେଲ ବା ଗାଡ଼ିରେ ବୁଲାବୁଲି କରୁଥିଲେ ସାଙ୍ଗରେ ହେଲ୍‌ମେଟ୍, ପାଣି ରଖିବେ, ଓଦା ତଉଲିଆ ରଖି ବ୍ୟବହାର କରିବାକୁ ସେ କହିଛନ୍ତି। ଶ୍ରମିକମାନଙ୍କୁ ଅତ୍ୟଧିକ ଖରାରେ କାମ କରିବାକୁ ବାଧ ନ କରିବା, ଶ୍ରମିକମାନେ ମଧ୍ୟ ସିଧାସଳଖ ଖରାରେ ପୂର୍ବାହ୍ନ ୧୧ଟାରୁ ୩ ଟା ମଧ୍ୟରେ, ଯେତେବେଳେ ସବୁଠୁ ଅଧିକ ତାପମାତ୍ରା ଥାଏ, ସେ ସମୟରେ କାମ ନ କରିବାକୁ ସେ ଅନୁରୋଧ କରିଛନ୍ତି। ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସାଙ୍ଗରେ ପାଣି ବୋତଲ ନେବା, ତଉଲିଆ ନେବାକୁ ପରାମର୍ଶ ଦେବା ସହ ବସ୍ ଚାଳକ ବା ବସ୍ ମାଲିକମାନେ ବସ୍‌ରେ ପର୍ଯ୍ୟାପ୍ତ ପରିମାଣର ଆଇସ୍ କ୍ୟୁବ୍ ବା ଥଣ୍ଡା ପାନୀୟ ଜଳ ରଖିବା, ଓଆର୍ଏସ୍ ପ୍ୟାକେଟ ରଖିବା ଆବଶ୍ୟକ। ଯେତେଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗ ତରଫରୁ ସତର୍କ କରାଯାଉଛି, ସେ ପର୍ଯ୍ୟନ୍ତ ଓଡ଼ିଶାର ଜନସାଧାରଣଙ୍କୁ ଏଥିପ୍ରତି ସମସ୍ତ ସତର୍କତା ଅବଲମ୍ବନ କରିବାକୁ ସେ ଅନୁରୋଧ କରିଛନ୍ତି।

ADMISSION NOTIFICATION : 2024-26 FOR THE COURSES
C.P.Ed. | B.P.Ed. | M.P.Ed.
BALIAPAL COLLEGE OF PHYSICAL EDUCATION
Baliapal, Balasore, Odisha - 756026
Recognized by N.C.T.E., New Delhi, Govt. of Odisha and affiliated to F.M. University, Balasore, Odisha under 2(f) of U.G.C. New Delhi & Board of Secondary Education, Odisha, Cuttack.
ONLINE APPLICATION FOR ADMISSION OPEN
FOR LIMITED SEATS AVOID LAST HOUR RUSH
For detail notification and online application please visit our Website: www.bcpe.in, Contact: Mob.: 8917438152

"ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି । ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ । -ଶ୍ରୀଅରବିନ୍ଦ



# ଗଣତନ୍ତ୍ରର କ୍ଷତି



ଆକାର ପଟେଲ

ଅସହ୍ୟ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏକ ଦୀର୍ଘ ତଥା ଯନ୍ତ୍ରଣାଦାୟକ ନିର୍ବାଚନ ଶେଷ ହୋଇଯାଇଛି। ଏକ୍‌ଜିଟ ପୋଲ୍‌ରେ ନିର୍ବାଚନ ଫଳାଫଳକୁ ନେଇ ଅନେକ ଆକଳନ ସାମ୍ନାକୁ ଆସିବ । କିନ୍ତୁ ସେମାନଙ୍କ ତ୍ରୁଟିପୂର୍ଣ୍ଣ ରେକର୍ଡ ଉପରେ ଧ୍ୟାନଦେବାକୁ ହେବ। ୨୦୨୧ରେ କେବଳ ପଶ୍ଚିମବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ଏକଚତୁର୍ଥାଂଶ ଫଳାଫଳ ଭୁଲ୍ ହୋଇଥିଲା। ଏହି ଦୀର୍ଘ ସମୟର ନିର୍ବାଚନ ଘୋଷଣା ପୂର୍ବରୁ କରାଯାଇଥିବା ଜନମତ ସର୍ଭେରେ ଭାଜପା ସଂଖ୍ୟାଗରିଷ୍ଠତା ପାଇବ ବୋଲି ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ସମ୍ପ୍ରତି ଏମିତି କିଛି ହେବ ବୋଲି ଅନେକେ ନିଶ୍ଚିତ ନୁହନ୍ତି, କିନ୍ତୁ ଆମକୁ ଏହା ଉପରେ ବିଚାର କରିବାକୁ ହେବ। ତେବେ ଫଳାଫଳ ନ ଜାଣି ଏଯାବତ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ବିଷୟରେ କ'ଣ କୁହାଯାଇପାରେ ? ପ୍ରଥମଟି ହେଉଛି, ଯିଏ ଜତୁ ନା କାହିଁକି, ଏହା ଏକ ମୁକ୍ତ କିମ୍ବା ନିରପେକ୍ଷ ନିର୍ବାଚନ ନୁହେଁ। ପ୍ରଚାର ଆରମ୍ଭ ହେବା ପୂର୍ବରୁ ଦୁଇ ମୁଖ୍ୟମନ୍ତ୍ରୀ ଜେଲରେ ଥିଲେ। ସେମାନେ ଦୋଷୀ ସାବ୍ୟସ୍ତ ହେତୁ ନୁହେଁ ବରଂ ଭାଜପା ଚାହୁଁଥିବାରୁ ସେମାନଙ୍କୁ ଜେଲରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ କିଛିଦିନ ପ୍ରଚାର ପାଇଁ ମୁକ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ। ଭାଜପା ନିୟନ୍ତ୍ରିତ ଏଜେନ୍ସି ଦ୍ୱାରା ବିରୋଧୀଙ୍କ ବ୍ୟାଙ୍କ ଆକାଉଣ୍ଟ ଉପରେ କଟକଣା ଲଗାଗଲା। ଦୁଃଖର ବିଷୟ, ନିର୍ବାଚନ ଆୟୋଗ ନିଜର ବିଶ୍ୱସନୀୟତା ଓ ସ୍ୱଚ୍ଛତା ପ୍ରତି କ୍ଷତି ପହଞ୍ଚାଇଲେ। ଉଭୟ ନିର୍ବାଚନ ପର୍ଯ୍ୟାୟର ଯୋଜନା ଏବଂ କାର୍ଯ୍ୟକାରିତାକୁ ନିୟନ୍ତ୍ରଣକରିବା ପାଇଁ ଭାଜପାକୁ ଅନୁମତି ଦେଲେ। ବିରୋଧୀଙ୍କୁ ଆୟୋଗର ଅସମ୍ମାନିତ କଲାଭଳି ଉତ୍ତର, ମୁସଲମାନଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଘୃଣା ମନ୍ତବ୍ୟ ଉପରେ କାର୍ଯ୍ୟ କରିବାକୁ ମନା କରିବା ଏବଂ ଠିକ୍ ସମୟରେ ପୋଲ୍ ତଥ୍ୟ ପ୍ରକାଶ କରିବାକୁ ମନା କରିବା ହିଁ ଗଣତନ୍ତ୍ରର କ୍ଷତି କରିଛି। ନିର୍ବାଚନ ବଣ୍ଡ ଯୋଜନା ଅସାମ୍ବିଧାନିକ ବୋଲି କୋର୍ଟ କହିଥିଲେ ମଧ୍ୟ ଏହା ଅଧୀନରେ ସଂଗ୍ରହ କରାଯାଇଥିବା ଅନେକ ହଜାର କୋଟି ଟଙ୍କା ଏହି ନିର୍ବାଚନରେ ବ୍ୟବହାର ହୋଇଥିଲା ଏବଂ ମୋ ମତରେ ଏହା ନିର୍ବାଚନର ସ୍ୱଚ୍ଛ ବ୍ୟବସ୍ଥାରେ କ୍ଷତି ପହଞ୍ଚାଇଲା। ଆସନ୍ତୁ, ଦେଖିବା ଏହି ସମ୍ଭାବନାଗୁଡ଼ିକ କ'ଣ। ଯେହେତୁ ଜନମତ ସର୍ଭେଗୁଡ଼ିକ ଏକମତ ହୋଇଥିଲେ, ସେଥିପାଇଁ ସମାନ ସଂଖ୍ୟାଗରିଷ୍ଠତା ସହ ନରେନ୍ଦ୍ର ମୋଦି ପୁନର୍ବାର କ୍ଷମତାକୁ ଫେରିବେ ବୋଲି ଅତ୍ୟଧିକ ସମ୍ଭାବନା ସୃଷ୍ଟି ହୋଇଥିଲା । ଏ କ୍ଷେତ୍ରରେ ଜଣେ ଅଧିକ ଆଶା କରିବା ଉଚିତ। ସେ ଏକ ଦେଶକୁ ରାଜତନ୍ତ୍ର ଭାବେ ଚଲାଇଛନ୍ତି । ଏଜେନ୍ସିଗୁଡ଼ିକର ଅପବ୍ୟବହାରକରି ବିରୋଧୀ ଦଳ ଉପରେ ଆକ୍ରମଣ ଜାରି ରହିବ, ନାଗରିକ ସମାଜ ବିଲୁପ୍ତହେବାକୁ ବାଧହେବ ଏବଂ ବିଶ୍ୱର ସୂଚକାଙ୍କରେ ଭାରତର ଅବନତି ଜାରି ରହିବ। ସଂଖ୍ୟାଲଘୁ, ବିଶେଷକରି ମୁସଲମାନଙ୍କ ଉପରେ ଅନ୍ୟାୟ କାର୍ଯ୍ୟ ଚାଲିବ। ସଂସ୍ଥାଗୁଡ଼ିକର ମାନ ହ୍ରାସ ହେବ।

ଜଣେ ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା କହିଛନ୍ତି, ଅର୍ଥ ବ୍ୟବସ୍ଥାରେ କର୍ପୋରେଟ କବ୍‌ଜା ଜାରି ରହିବ। ସଂକ୍ଷେପରେ ଆଜି ଆମେ ଚାରିପାଖରେ ଯାହା ଦେଖୁଛୁ ତାହା ପୂର୍ବପରି ରହିବ। ଗୁଜରାଟ ଭଳି ଏକ ଦଳୀୟ ରାଜ୍ୟ ହୋଇ ରହିବା କ୍ଷତିକାରକ। ସେଠାରେ ବିରୋଧୀ ଅଛନ୍ତି, କିନ୍ତୁ ଅନିଚ୍ଛାରେ କାମ କରୁଛି। ସୁରଟ ଏବଂ ବାରାଣସୀରେ ବିରୋଧୀ ତଥା ଆଶାୟୀ ପ୍ରାର୍ଥୀଙ୍କ ସହ ଯାହା ଘଟିଛି ତାହା ଅଧିକ ସ୍ଥାନରେ ପୁନରାବୃତ୍ତି ହେବ। ଏହା ସ୍ୱୀକାର କରିବା ଉଚିତ , ଯଦି ମୋଦି ପୁନର୍ବାର ଜିତନ୍ତି ତେବେ ସେ ସବୁଠୁ ସଫଳ ନେତା ହେବେ ଏବଂ ତିନିଟି ବିଧାନସଭା ଜିତିବା ପରେ କ୍ରମାଗତ ତିନିଟି ଲୋକ ସଭା ଜିତିବାର ବିରଳ ସଫଳତା ପାଇବେ। ଦ୍ୱିତୀୟରେ ଭାଜପା ଯଦି ୨୫୦ ସିଟ୍ ପାଇ ସରକାର ଗଠନ କରେ, ତେବେ ଏହି କ୍ଷେତ୍ରରେ ପରିସ୍ଥିତି ବିଭିନ୍ନ ଉପାୟରେ ପରିବର୍ତ୍ତନ ହେବ। ପ୍ରଥମେ ସହଯୋଗୀମାନେ ନିଜକୁ ଦୃଢ଼ କରିବା ଆରମ୍ଭ କରିବେ । ମୋଦି ଏଭଳି ସ୍ଥିତିରେ ରହି ଅଧିକ ଗଣତାନ୍ତ୍ରିକ ଢଙ୍ଗରେ କାର୍ଯ୍ୟ କରିପାରିବେ ନାହିଁ। ସରକାରକୁ ଏହି ସ୍ଥିତି ଅଧିକ ଅସ୍ଥିର କରିବ। ନାଗପୁରରେ ସର୍ବଦା ଭବିଷ୍ୟତରେ ସଫଳ ହେବା ଲାଗି ଯୋଜନା କରୁଥିବା ବୟସ୍କମାନେ ଖୋଲାଖୋଲି ଭାବେ ନିଜ ବିଚାରକୁ ପ୍ରକାଶ କରିବା ସହ ଅଧିକ ଦୃଶ୍ୟମାନ ହେବେ। ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଜାରି ରହିଲେ କିଛି ପ୍ରସଙ୍ଗ ବଦଳିଯିବ। କାରଣ ଧର୍ମାନ୍ଧତା ହେତୁ ଭାଜପା ଲୋକପ୍ରିୟତା ଉପଭୋଗ କରୁଥିବା ରାଜ୍ୟଗୁଡ଼ିକର ଅନେକ ସ୍ଥାନରେ ଏହା ଘଟିଥାଏ। ଆଜି ଭାରତ କେବଳ ନାମରେ ଫେଡେରାଲ। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ କରିବାରେ ରାଜ୍ୟଗୁଡିକର କୌଣସି କ୍ଷମତା ନାହିଁ। ଆଇନଶୃଙ୍ଖଳା ରାଜ୍ୟ ପ୍ରସଙ୍ଗ ହେଲେ ମଧ୍ୟ ଦିଲ୍ଲୀ, ଝାଡ଼ଖଣ୍ଡ, କର୍ଣ୍ଣାଟକ, ପଶ୍ଚିମବଙ୍ଗରେ ରାଜ୍ୟ ସରକାର ଏବଂ ସେମାନଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ବଳ କରିବାକୁ କେନ୍ଦ୍ର ଏହାର ଏଜେନ୍ସିଗୁଡ଼ିକୁ ପଠାଇଛି। କେନ୍ଦ୍ର ସରକାର ଏଭଳି ସ୍ଥିତିରେ ପରିବର୍ତ୍ତନ କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ଏବଂ ଏହାର ସମାଧାନ ପାଇଁ କୌଣସି ଚେଷ୍ଟା କରାଯାଇ ନାହିଁ। ଏହାକୁ ଏକ ମିଳିତ ସରକାର ବଦଳାଇବାର ସମ୍ଭାବନା ରହିଛି ଏବଂ ଏହା ଆମ ଦେଶ ପାଇଁ ଭଲ। ଅବଶ୍ୟ ଶେଷ ସମ୍ଭାବନା ନିଶ୍ଚିତ ଭାବରେ ଭାଜପା ହରାଇଛି। ଜନମତ ସର୍ଭେ ପରିପ୍ରେକ୍ଷୀରେ ସବୁଠାରୁ କମ୍ ସମ୍ଭାବନା ରହିଛି। ମୋ ମତରେ ଏହା ଏକ ଭଲ ପରିଣାମ ହେବ ଏବଂ ବ୍ୟକ୍ତିଗତ ପସନ୍ଦ ହେତୁ ନୁହେଁ। ସରକାରରେ ପରିବର୍ତ୍ତନ ହେଲେ ଗଣତନ୍ତ୍ର ନିଜକୁ ନବୀକରଣ ଓ ମଜଭୁତ କରେ। ଅପରପକ୍ଷେ ଅନେକ ଦଶନ୍ଧି ଧରି ଶାସନ କରୁଥିବା ଭ୍ଲାଦିମିର ପୁଟିନ, ଶି ଜିନ୍‌ପିଙ୍ଗ୍ ଏବଂ କିମ୍‌ଙ୍କ କାର୍ଯ୍ୟରେ କ୍ୱଚିତ ସକାରାତ୍ମକ ପରିଣାମ ସୃଷ୍ଟି ହୁଏ। କିଛି ଜିନିଷ, ସେଥିମଧ୍ୟରୁ ଅନେକ, ଯାହା ଆମେ ୨୦୧୪ଠାରୁ ଗ୍ରହଣ କରିଛୁ ,ସେଥିରୁ ମୁକ୍ତି ପାଇବା ଆବଶ୍ୟକ । ଏହା ସତ୍ୟ ଯେ ଆମର ଗଣତନ୍ତ୍ର ଆମକୁ କୋର୍ଟ କିମ୍ବା ପ୍ରତିବାଦ ମାଧ୍ୟମରେ ପ୍ରତିରୋଧ କରିବାର ବିକଳ୍ପ ବାଟ ଦେଇଛି। କିନ୍ତୁ ନିର୍ବାଚନ ହେଉଛି ଏକମାତ୍ର ପଥ, ଯେଉଁଥିରେ ଢାଞ୍ଚାଗତ ଭାବେ ଗଠନମୂଳକ ପରିବର୍ତ୍ତନ ହୋଇଥାଏ।

Email:aakar.patel@gmail.com

# ପ୍ରଶ୍ନବାଚୀରେ ନିର୍ବାଚନ କମିଶନ



ସୌଭାଗ୍ୟ ସୁନ୍ଦରରାୟ

ଭାରତବର୍ଷ ଏକ ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ରରେ ନିର୍ବାଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ନିର୍ବାଚନ ପରିଚାଳନା ପାଇଁ ରହିଛି ଭାରତୀୟ ନିର୍ବାଚନ କମିଶନ। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବାର ଦାୟିତ୍ୱ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ ରହିଥାଏ। ତେବେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ନ୍ୟସ୍ତ ଥିବା ଦାୟିତ୍ୱକୁ ନିର୍ବାଚନ କମିଶନ ଠିକ୍‌ଭାବେ ପାଳନ କରୁଛନ୍ତି କି ନାହିଁ ତାହା ଏବେ ତର୍ଜମା କରିବାର ସମୟ ଆସିଛି। ଚଳିତ ନିର୍ବାଚନରେ ବିଭିନ୍ନ କାରଣରୁ ନିର୍ବାଚନ କମିଶନ ବିବାଦ ଘେରକୁ ଆସିଛନ୍ତି।

ପ୍ରଥମତଃ ନିର୍ବାଚନ ପ୍ରସ୍ତୁତି ପ୍ରକ୍ରିୟା ଚାଲିଥିବା ସମୟରେ ଅନ୍ୟତମ କମିଶନର ଅରୁଣ ଗୋଏଲ ଆକସ୍ମିକ ଭାବେ ଇସ୍ତଫା ପ୍ରଦାନକଲେ। ସେହିପରି ନିର୍ବାଚନ ତାରିଖ ଘୋଷଣାର ମାତ୍ର ଦୁଇଦିନ ପୂର୍ବରୁ ୨ ଜଣ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଓ ସୁଖ୍‌ବୀର ସିଂହ ସାନ୍ଧୁଙ୍କୁ ନିଯୁକ୍ତି ପ୍ରଦାନ କରାଗଲା। ଏହିତରବରିଆ ନିଯୁକ୍ତିବିରୋଧରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଏର ହେଲା। ତେବେ ଏଥିରେ ଅଦାଲତ ହସ୍ତକ୍ଷେପ କରିବାକୁ ମନାକରିଥିଲେ। ଏହାଦ୍ୱାରା ନିର୍ବାଚନରେ ବିଭ୍ରାଟ ଦେଖାଦେଇପାରେ ବୋଲି ଅଦାଲତ ନିଜ କାରଣରେ ଦର୍ଶାଇଥିଲେ। ତେବେ ମାମଲାଟି ବିଚାରାଧୀନ ରହିଛି। ସେହିପରି ମତଦାନ ପ୍ରକ୍ରିୟା ଆରମ୍ଭ ହେବାପରେ ପ୍ରାରମ୍ଭିକ ଭୋଟ ହାର ଓ ଚୂଡ଼ାନ୍ତ ଭୋଟ ହାର ସମ୍ପର୍କରେ ନିର୍ବାଚନ କମିଶନର ତଥ୍ୟରେ ଅଧିକ ତାରତମ୍ୟ ରହୁଥିବା ବିଷୟକୁ ନେଇ ବିବାଦ ଦେଖାଦେଇଛି। ଏଥିପାଇଁ ନିର୍ବାଚନ କମିଶନଙ୍କ ନିକଟରୁ ୧୭(ସି) ଫର୍ମ ତଥ୍ୟ ଅର୍ଥାତ୍ ବୁଥ୍‌ୱାରି ଭୋଟଦାନର ହିସାବ ସୂଚନା ଅଧିକାର ଆଇନରେ ମଗାଯାଇଥିଲା। କମିଶନ ତାହା ଦେବାକୁ ମନାକରିଦେଲେ। ଏହି ମାମଲା ମଧ୍ୟ ସୁପ୍ରିମ୍‌କୋର୍ଟ ଯାଇଛି। ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ଅଦାଲତ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ଇଏତ ଆଇନଗତ ଦିଗ। ଚଳିତ ବର୍ଷ ରିୟଲ ଟାଇମ୍ ମତଦାନ ହାର ଜଣାଇବା ପାଇଁ ନିର୍ବାଚନ କମିଶନ ଏକ ଆପ୍ ଖୋଲିଛନ୍ତି। ବାସ୍ତବରେ ଏଥିରେ ରିୟଲ ଟାଇମ୍ ତଥ୍ୟ ମିଳୁନାହିଁ। ୨୪ ଘଣ୍ଟାରେ ମଧ୍ୟ ତଥ୍ୟ ମିଳୁନାହିଁ। ଏହି ପ୍ରଶ୍ନ ଉଠିବାରୁ ନିର୍ବାଚନ ପ୍ରକ୍ରିୟାରେ ଦ୍ୱନ୍ଦ୍ୱ ସୃଷ୍ଟି ପାଇଁ ଉଦ୍ୟମ ହେଉଥିବା କମିଶନ କହୁଛନ୍ତି। ଏହା ଗ୍ରହଣୀୟ ନୁହେଁ। କମିଶନଙ୍କ ଆପ୍ ଠିକ୍‌ଭାବେ କାର୍ଯ୍ୟ କରୁନାହିଁ, କେବଳ ଲୋକଦେଖାଣିଆ ଭାବେ ଏହା କରାଯାଇଥିବା ମନେହୁଏ। ଏହାକୁ ଏକ ପରୀକ୍ଷା ନିରୀକ୍ଷା ଆପ୍ ଭାବେ କମିଶନ ଆରମ୍ଭ କରିପାରିଥାନ୍ତେ। ଏହି ଆପ୍‌କୁ ସାର୍ବଜନୀନ କରାଯିବା ଉଚିତ୍ ନ ଥିଲା। ସେହିପରି ବୁଥ୍‌ୱାରି ତଥ୍ୟ ପ୍ରଦାନ କରିବାରେ କମିଶନ କୁଣ୍ଠିତ। ଏପରି କରି କମିଶନ ଏକ ଅସ୍ୱଚ୍ଛ ବ୍ୟବସ୍ଥା ମଧ୍ୟକୁ ଠେଲିହୋଇ




ଯାଉଛନ୍ତି। ସ୍ୱଚ୍ଛତା ଦ୍ୱାରା ଏକ ସଂସ୍ଥା ବିଶ୍ୱସନୀୟ ହୋଇଥାଏ। ଅସ୍ୱଚ୍ଛ ଦ୍ୱାରା ସଂସ୍ଥା ଆଡ଼କୁ ଆଙ୍ଗୁଠି ଉଠିବା ସ୍ୱାଭାବିକ୍। ବୁଥ୍‌ୱାରି ତଥ୍ୟ ସାର୍ବଜନୀନ ହୋଇସାରିଛି। ପ୍ରତି ବୁଥ୍‌ର ରାଜନୈତିକ ଦଳର ଏଜେଣ୍ଟ ଓ ପ୍ରାର୍ଥୀଙ୍କ ନିକଟରେ ଏହି ତଥ୍ୟ ରହିଥାଏ। ଏଣୁ ଆନୁଷ୍ଠାନିକ ଭାବେ ଏହି ତଥ୍ୟ ପ୍ରଦାନ କରିବାରେ ଅସୁବିଧା କେଉଁଠି ? ଦେଶରେ ଭୋଟର ତାଲିକା ପ୍ରସ୍ତୁତ କରିବା, ଅଧିକରୁ ଅଧିକ ଭୋଟରଙ୍କୁ ତାଲିକାଭୁକ୍ତ କରିବା, ସ୍ୱଚ୍ଛ ନିର୍ବାଚନ ପରିଚାଳନା କରିବା ଦାୟିତ୍ୱ ନିର୍ବାଚନ କମିଶନରଙ୍କର। ଏଥିସହ ମତଦାନ ହାର ବୃଦ୍ଧି କରାଇବା କମିଶନଙ୍କ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। କିନ୍ତୁ ଦେଖାଯାଇଛି ଏହି କାର୍ଯ୍ୟ ଆଶାନୁରୂପ ହୋଇପାରିନାହିଁ। ଦେଶର ସମସ୍ତ ଯୁବପିଢ଼ିଙ୍କୁ ଭୋଟର ତାଲିକାଭୁକ୍ତ କରିବାରେ କମିଶନ ସଫଳ ହୋଇପାରିନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ୧୮ରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା ୩୮% ଭୋଟର ବା ୧ କୋଟି ୮୦ ଲକ୍ଷ ଭୋଟର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଛି। ଅର୍ଥାତ୍ ୬୦%ରୁ ଅଧିକ ଭୋଟର ତାଲିକାଭୁକ୍ତ ହୋଇନାହାନ୍ତି। ବିହାର, ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ତାଲିକାଭୁକ୍ତଙ୍କ ସଂଖ୍ୟା ଆହୁରି କମ୍ ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଚଳିତ ନିର୍ବାଚନ ପାଇଁ ମୋଟ୍ ୪.୯ କୋଟି ନବ ଭୋଟର ତାଲିକାଭୁକ୍ତ ହେବାର ଆବଶ୍ୟକତା ଥିଲା। ୨୦୨୪ ନିର୍ବାଚନ ପାଇଁ ସର୍ବାଧିକ ୬୭% ନୂଆ ଭୋଟର ତେଲଙ୍ଗାନାରେ ପଞ୍ଜିକୃତ ହୋଇଥିବାବେଳେ ସବୁଠାରୁ କମ୍ ଭୋଟର ୧୭% ବିହାରରେ ପଞ୍ଜିକୃତ ହୋଇଛନ୍ତି। ରାଜଧାନୀ ଦିଲ୍ଲୀରେ ୨୧% ଭୋଟର ପଞ୍ଜିକୃତ ହୋଇଛନ୍ତି। ମହାରାଷ୍ଟ୍ରରେ ୨୭% ଭୋଟର ତାଲିକାଭୁକ୍ତ ହୋଇଥିବା ବେଳେ ଓଡ଼ିଶାରେ ୪୯% ପଞ୍ଜୀକରଣ ହୋଇଛି। ରାଜନୈତିକ ଦଳ ବା ନେତାଙ୍କ ପ୍ରତି ଅନାଗ୍ରହ ଓ ନାମ ଦରଜ ପାଇଁ ଆବଶ୍ୟକ କାଗଜପତ୍ର ବ୍ୟବସ୍ଥା ଯୋଗୁ ଯୁବପିଢ଼ି ଏଥିପ୍ରତି ଆଗ୍ରହ ପ୍ରକାଶ ନ କରିବା ଅନ୍ୟତମ କାରଣ ହୋଇପାରେ। ତେବେ ନିର୍ବାଚନ କମିଶନ ଅଳ୍ପ କିଛିଦିନ ପାଇଁ ବିଜ୍ଞାପନ ଦେଇ ଯିଏ ନାମ ତାଲିକାଭୁକ୍ତ କଲା ତ ଭଲ, ନ ହେଲେ ନାହିଁ ବୋଲି ମନୋଭାବ ଗ୍ରହଣ କରିବା ଅନୁଚିତ୍। ଯୁବ ଭୋଟର ତାଲିକାଭୁକ୍ତ ନିମନ୍ତେ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଘରୋଇ କମ୍ପାନୀ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଆଦିରେ ଭୋଟର ପଞ୍ଜୀକରଣ ଶିବିର ଆୟୋଜନ କରାଯିବା ଆବଶ୍ୟକ। ଏଠାରେ ସମସ୍ତ ନିର୍ବାଚନମଣ୍ଡଳୀ ପାଇଁ ଭୋଟରଙ୍କୁ ତାଲିକାଭୁକ୍ତ କରାଯିବା ଆବଶ୍ୟକ। ଚଳିତ ବର୍ଷ ବିଭିନ୍ନ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ନାମ ବାଦ୍ ପଡ଼ିଯାଇଥିବା ଦେଖାଯାଇଛି। ଓଡ଼ିଶାର ନିଆଳି ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଥିବାରୁ ତାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା। କୌତୂହଳର ବିଷୟ ଗତ ପଞ୍ଚାୟତ ନିର୍ବାଚନରେ ସେ ଭୋଟ ଦାନ କରିଥିଲେ। ଏହାକୁ ଏକ ଗୁରୁତର ଅପରାଧ ଭାବେ ବିବେଚନା କରାଯିବା ଆବଶ୍ୟକ।

ଏବେ ଦେଖିବା ମତଦାନ ହାର ବିଷୟକୁ। ଦେଶରେ ମତଦାନ ହାର ହ୍ରାସ ପାଇବା ଘଟଣା ଗଣତନ୍ତ୍ରର ଉଜ୍ଜ୍ୱଳ ଛବିକୁ ମଳିନ କରିଥାଏ। ପୂର୍ବ ନିର୍ବାଚନ ତୁଳନାରେ ଚଳିତଥର ମତଦାନ ପାଖାପାଖି ୩% ହ୍ରାସ ପାଇଛି। ୨୦୧୯ ନିର୍ବାଚନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ୬୯.୪୩%, ୬୯.୬୪%, ୬୬% ମତଦାନ ହୋଇଥିବାବେଳେ ୨୦୨୪ ମସିହା ନିର୍ବାଚନରେ ଏହି ୩ ପର୍ଯ୍ୟାୟରେ ୬୬.୧୪%, ୬୬.୭୧% ଓ ୬୪.୫% ମତଦାନ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ମଧ୍ୟ ମତଦାନ ପୂର୍ବ ତୁଳନାରେ ଦଶମିକ ୪% କମ୍ ରହିଛି। ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟରେ ଭୋଟଦାନ ହାର ଯଥାକ୍ରମେ ୬୨.୨% ଓ ୬୩.୪% ଥିଲା। ୨୦୧୯ ନିର୍ବାଚନରେ ଏହି ପର୍ଯ୍ୟାୟର ଭୋଟ ହାର ଥିଲା ୬୨.୫%। ପ୍ରଥମ ୫ ପର୍ଯ୍ୟାୟ ଭୋଟ ବିଶ୍ଳେଷଣରୁ ଜଣାଯାଇଛି ଯେ, ଏହି ସମୟରେ ମତଦାନ ହୋଇଥିବା ମୋଟ ୪୦୯ଟି ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦୧୯ ନିର୍ବାଚନ ତୁଳନାରେ ୨୫୮ଟି ଆସନରେ ମତଦାନ ହାର ହ୍ରାସ ପାଇଛି। ୮୮ଟିରେ ମତଦାନ ବୃଦ୍ଧି ପାଇଛି। ଗ୍ରୀଷ୍ମପ୍ରବାହ ଏହାର ଏକ କାରଣ ବୋଲି କୁହାଯାଉଛି। କିନ୍ତୁ ଏହା ସେତେଟା ଗ୍ରହଣୀୟ ନୁହେଁ। କାରଣ ୨୦୧୯ ନିର୍ବାଚନ ମଧ୍ୟ ଏହି ଗ୍ରୀଷ୍ମପ୍ରବାହ ମଧ୍ୟରେ ହୋଇଥିଲା। ବିଭିନ୍ନ କାରଣ ପାଇଁ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଭୋଟର ନିରୁତ୍ସାହିତ ହୋଇପଡୁଛନ୍ତି।

ଭୋଟଦାନ ହାର ହ୍ରାସ ପାଇବା ସହ ଯୁବପିଢ଼ି ଭୋଟର ତାଲିକାଭୁକ୍ତ ହେବାରେ ଆଗ୍ରହ ପ୍ରକାଶ କରୁ ନ ଥିବା ବିଷୟ ନିର୍ବାଚନ କମିଶନଙ୍କ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କେବଳ ଶାନ୍ତି ଶୃଙ୍ଖଳାର ମତଦାନ କରାଇବା ଘଟଣାକୁ ଯଦି ନିର୍ବାଚନ କମିଶନ ଅଗ୍ରାଧିକାର ବୋଲି ଭାବୁଥାନ୍ତି ତାହା ଠିକ୍ ନୁହେଁ। ଗଣତନ୍ତ୍ରର ଶକ୍ତି ଭୋଟରେ ନିହିତ ରହିଛି। ଭୋଟଦାନ ବୃଦ୍ଧି ନ ପାଇଲେ ଗଣତନ୍ତ୍ର ଦୁର୍ବଳ ହେବ। ଏଣୁ ଭୋଟର ପଞ୍ଜୀକରଣ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ନିର୍ବାଚନର କିଛି ମାସ ପୂର୍ବରୁ କରା ନ ଯାଇ ଏହା ନିୟମିତ କରାଯିବାର ଆବଶ୍ୟକତା ରହିଛି।

ମୋ:୯୪୩୭୨୨୯୨୩୩

# ଅନ୍‌ଲାଇନ ଟ୍ରେଡିଂରେ ସାଇବର ଠକ



ଯୁଧିଷ୍ଠିର ମହାରଣା

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇ ନ ଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତ କରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥାଠାରୁ ଆଣିଥିବା କରଜ ଶୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ ହୋଇଥାନ୍ତି। ସାଇବର ଠକମାନେ ଅନ୍‌ଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ୍ କରି ଅନେକଙ୍କୁ ରାସ୍ତା କଡ଼ର ଭିକାରି କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାନ୍ତି। ଆଜିକାଲି ଠକମାନେ ଅନ୍‌ଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନ୍‌କୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନ କରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନ୍‌ଲାଇନ ଟ୍ରେଡିଂକୁ ମାଧ୍ୟମ କରି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନ୍‌ଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ୍ୟ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୋଲିସ ସୂଚନା ଦେଇଛି। ଅନ୍‌ଲାଇନ ଟ୍ରେଡିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ି ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି।



ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା' ଜରିଆରେ ଟ୍ରେଡିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ୍, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନ୍‌ଲାଇନ ଟ୍ରେଡିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ୍ ନମ୍ବର ଟେଲିଗ୍ରାମ୍ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନ ଲଗାଉଛି ତେବେ ଠକ ତା'ର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ୍ୟ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଏନେଇ ସାଇବର ଏକ୍ସପର୍ଟ କହିବା କଥା, ପ୍ରଥମତଃ ଅନ୍‌ଲାଇନ ଟ୍ରେଡିଂ କରୁଥିବା ବ୍ୟକ୍ତି ବୁଝିଯିବା ଉଚିତ ଯେ କୌଣସି କମ୍ପାନୀ ଦୁଇ ଦିନରେ ଟଙ୍କା ଡବଲ କରନ୍ତି ନାହିଁ। ସବୁ କମ୍ପାନୀ ଏକ ସୀମା ଭିତରେ ଲାଭ ଦେଇଥାନ୍ତି। ଏସବୁ ବିଷୟରେ ଜ୍ଞାନ ନଥିବା ବ୍ୟକ୍ତି ଏହି ବ୍ୟବସାୟରେ ଅଭିଜ୍ଞ ଲୋକଙ୍କ ସହ ପରାମର୍ଶ କରିବା ଉଚିତ। ପ୍ରଥମରୁ ଟଙ୍କା ଉଠାଣ ସମସ୍ୟା ହେଲା ତ ଆଗକୁ ନିବେଶ କରିବା ଅନୁଚିତ। ତୁରନ୍ତ ସାଇବର କ୍ରାଇମ ସେଲରେ ଜଣାଇବା ଦରକାର। କିନ୍ତୁ ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ଅଭିଯୋଗ ହେଉଛି। ସେତେବେଳକୁ ଠକ ସବୁ ଲୁଟି ସାରିଥାଏ ଆଉ ନିଜକୁ ଲୁଚାଇ ମଧ୍ୟ ସାରିଥାଏ। ତେଣୁ ଏଥିପ୍ରତି ସଜାଗ ରହିବା ଦରକାର। ପ୍ରଥମରୁ ସନ୍ଦେହ ହେଲେ ସାଇବର ସେଲର ସହଯୋଗ ନିଅନ୍ତୁ। ଆପଣଙ୍କ ଜୀବନର ମୂଲ୍ୟବାନ ପୁଞ୍ଜିକୁ କୌଣସି ସଫଳ ବ୍ୟବସାୟରେ ବିନିଯୋଗ ପୂର୍ବରୁ ଭଲ ଭାବରେ ଏ ନେଇ ସମସ୍ତ ଖବର ସଂଗ୍ରହ କରି ନୂଆ ବ୍ୟବସାୟରେ ପାଦ ଦିଅନ୍ତୁ ନଚେତ୍ ଆପଣ ସର୍ବସ୍ୱାନ୍ତ ହେବା ସହ ଅନ୍ୟମାନଙ୍କ ପାଇଁ ବିପଦର କାରଣ ଯେପରି ନହୁଅନ୍ତି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୧୬୩୫୨୮

## ଏଇ ଭାରତରେ

ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟ ବାହାରେ ଫିଙ୍ଗି ଦେବା ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ଏଭଳି ସମସ୍ୟାର ସମାଧାନ କରିବାକୁ ସଫଳ ହୋଇଥିବା ମହିଳା ଜଣକ ହେଉଛନ୍ତି ହାଇଦ୍ରାବାଦର ପାବନି ଲୋଲା। ସେ ୨୦୨୦ରେ 'ଭାପ୍ରା କମ୍ପୋଷ୍ଟ'ର ବିକାଶ କରିଥିଲେ। ଏଥିରେ ଜୈବିକ ବର୍ଜ୍ୟକୁ ଖତରେ ପରିଣତ କରାଯାଉଛି। ସାତ ଦିନ ମଧ୍ୟରେ ଖତ ହୋଇଯାଉଛି। ପାରମ୍ପରିକ ପଦ୍ଧତିରେ ଖତ ହେବାକୁ ୪୦-୬୦ ଦିନ ଲାଗୁଥିବାବେଳ ପ୍ରାକୃତିକ ଉପାୟରେ କମ୍ପୋଷ୍ଟର ତାପମାତ୍ରା ବୃଦ୍ଧି ନ କରି ଖତ ତିଆରି କରାଯାଇପାରୁଛି। ଏହାର ମୂଲ୍ୟ ୩,୫୦୦ ଟଙ୍କା ରଖାଯାଇଛି। ଜୈବିକ ବର୍ଜ୍ୟରେ ଗ୍ରୀନ୍ ମିକ୍ସ ପାଉଡର ମିଶାଇ କମ୍ପୋଷ୍ଟରେ ରଖାଯାଇଛି। ଗୋଟିଏ ମାସରେ ସେ ୬,୦୦୦ କମ୍ପୋଷ୍ଟିଙ୍ଗ କିଟ୍ ତେଲଙ୍ଗାନା, ମହାରାଷ୍ଟ୍ର, ଦିଲ୍ଲୀ ଓ କର୍ଣ୍ଣାଟକରେ ବିକ୍ରି କରିବା ପାଇଁ ଯୋଜନା କରିଛନ୍ତି। ଏହି ଛୋଟ କମ୍ପୋଷ୍ଟରକୁ ଘରର ଯେ କୌଣସି ସ୍ଥାନରେ ରଖାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨ ଜୁନ୍ ୧୯୭୫

- ନଦୀଜଳ ଦୂଷିତ କରିବା ଅଭିଯୋଗରେ ଚୌଦ୍ୱାରସ୍ଥ ଟିଟାଗଡ଼ କାଗଜକଳ ଉପରେ ୨୦ ହଜାର ଟଙ୍କା ଜୋରିମାନା।
- ମେଦିନପୁର ନିକଟରେ ଦୁଇଟି ଯାତ୍ରୀବାହୀ ବସ୍ ମଧ୍ୟରେ ଧକ୍କା ଲାଗିବା ଫଳରେ ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ସହୀଦ ଭଗତସିଂହଙ୍କ ଜନନୀ 'ପଞ୍ଜାବ ମାତା' ବିଦ୍ୟାବତୀଙ୍କ ୯୮ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

(ସେହି) ମଧୁ ଶେଯୁଁ ମୋତେ
ଜଗାଇବ ସେ ତ
ଲାଗିଲେ ଉଷା ପବନ
ନବୀନ ସେ ମୋର ଦରୋଟି ସେ ମୋର
ସାଥୀ ମୋର ଚିରନ୍ତନ।
ଜୀବନେ ଜୀବନେ ଚିର ସହଚର
ସଜାଇବ ଚିର ବିବାହ-ବାସର
ବଳିନାହିଁ ମୋର ବିବାହର ତିଥି
ସରିନାହିଁ ଯଉବନ
ମଧୁ ଶେଯୁଁ ମୋତେ ଜଗାଇବ ସେ ତ
ଲାଗିଲେ ଉଷା-ପବନ। -(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | |
| 2 | | 7 | 9 | | 3 | | | |
| 1 | | | | | | | | |
| | | 3 | | | 6 | | 7 | |
| 8 | | 6 | | | | | | 9 |
| | | 4 | 8 | | 2 | | 1 | |
| | 9 | 1 | | | 5 | | | |
| 5 | | | | | | | | 3 |
| | | | | | | 7 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 4 | 5 | 2 | 6 | 7 | 3 | 1 |
| 5 | 1 | 6 | 7 | 8 | 3 | 4 | 9 | 2 |
| 7 | 2 | 3 | 4 | 1 | 9 | 8 | 5 | 6 |
| 1 | 3 | 8 | 2 | 4 | 7 | 5 | 6 | 9 |
| 2 | 7 | 5 | 9 | 6 | 8 | 3 | 1 | 4 |
| 6 | 4 | 9 | 1 | 3 | 5 | 2 | 7 | 8 |
| 3 | 9 | 2 | 8 | 5 | 1 | 6 | 4 | 7 |
| 4 | 5 | 7 | 6 | 9 | 2 | 1 | 8 | 3 |
| 8 | 6 | 1 | 3 | 7 | 4 | 9 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାକି ଚାଳକଙ୍କ ଦାଦାଗିରି

ମହାଶୟ,

ଖାକି ପୋଷାକ ପିନ୍ଧି ଭାରିଯାନ ଚାଳକମାନେ ସଡ଼କପଥରେ ବେପରୁଆ ଗାଡି ଚାଳନା କରି ଦୁର୍ଘଟଣା ଘଟାଇ ଚାଲିଛନ୍ତି । ଖାକି ପୋଷାକରେ ପୋଲିସର ଭ୍ରମ ସୃଷ୍ଟି କରୁଥିବା ଏହି ଚାଳକମାନେ ମଦ୍ୟପାନ କରି ଦ୍ରୁତ ଗାଡି ଚାଳନା ସହିତ ରଙ୍ଗସାଇଡ୍ ଡ୍ରାଇଭିଂ, ରଙ୍ଗ ସାଇଡ୍ ପାର୍କିଂ, ଓଭର ଲୋଡିଂ, ଓଭର ଟେକିଂ, ବିକଟାଳ ହର୍ନ ବ୍ୟବହାର କରି ଆତଙ୍କ ସୃଷ୍ଟି କରୁଛନ୍ତି । ଏପରିକି ପ୍ରତିବାଦ କଲେ ଚାଳକ ସଂଘ ନାମରେ ପ୍ରତିବାଦକାରୀଙ୍କୁ ଧମକଚମକ ଦେଉଛନ୍ତି । ବିଶେଷକରି ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଥିବା ୫୫ନଂ ଜାତୀୟ ରାଜପଥରେ ଏହି ଚାଳକଙ୍କ ଧମକଚମକ ଘଟଣା ନିତିଦିନିଆ ହୋଇଥିବା ବେଳେ ଚାଳକ ସଂଘକୁ ଡରି ପୋଲିସ ନୀରବ ରହିବା ଘଟଣା ପଥଚାରୀଙ୍କୁ ଚକିତ କରିଛି । ଏହି ଜାତୀୟ ରାଜପଥରେ ଟ୍ରାଫିକ ନିୟମକୁ କଡାକଡି କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲେ ମଧ୍ୟ ପୋଲିସ ଓ ପରିବହନ ବିଭାଗ ନୀରବ ରହିବା ଘଟଣା ଜନସାଧାରଣଙ୍କୁ ଅଧିକ ଚକିତ କରିଛି । କେବଳ ସେତିକି ନୁହେଁ ଭାରିଯାନର ଆଗ ଓ ପଛରେ ମନଇଚ୍ଛା ରଙ୍ଗିନ ଉଜ୍ଜ୍ୱଳ ଆଲୋକ ଲଗାଇବା, ହେଡ୍‌ଲାଇଟ୍ କାଚର ଉପର ପାର୍ଶ୍ୱରେ କଳା ନ ଲଗାଇବା, ସ୍ପିଡଗଭର୍ନର ଲଗା ନ ଯିବା ଇତ୍ୟାଦି ଉପରେ ପୋଲିସ ଓ ପରିବହନ ବିଭାଗ ଦୃଷ୍ଟି ନ ଦେବା ପରିତାପର ବିଷୟ । ଏଣୁ ରାଜପଥରେ ଚାଳକମାନଙ୍କ ଦାଦାଗିରିକୁ ପୋଲିସ ପକ୍ଷରୁ ରୋକ୍ ଲଗାଯାଉ ।

-ବିଷ୍ଣୁ ପ୍ରସାଦ ମହାରଣା,ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘଡ଼ଘଡ଼ିରୁ ଶର୍ଟ ସର୍କିଟ: ଜଳିଗଲା ୪ ବସ୍

ବିଷମକଟକ, ୧।୬
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବସ୍‌ଷ୍ଟାଣ୍ଡରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ବସ୍‌ଷ୍ଟାଣ୍ଡରେ ଛିଡ଼ାହୋଇଥିବା ୪ଗୋଟି ବସ୍ ଏଥିରେ ଜଳିଯାଇଛି। ଘଡ଼ଘଡ଼ି ମାରିବାରୁ ଶର୍ଟ ସର୍କିଟ ଘଟି ବସ୍‌ଗୁଡ଼ିକରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସୂଚନାନୁଯାୟୀ, ବିଷମକଟକ ବସ୍‌ଷ୍ଟାଣ୍ଡରେ ସ୍ଥାନୀୟ ବାସିନ୍ଦା କିରଣ କୁମାର ସାହୁଙ୍କର ବେଦମାତା ନାମକ ୪ଟି ବସ୍ ଥିଲା। ହଠାତ୍ ଗୋଟିଏ ବସ୍‌ରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚିବା ବେଳକୁ ନିଆଁ ବ୍ୟାପି ୪ଟି ବସ୍‌ରେ ଲାଗିଯାଇଥିଲା। ଦମକଳ ବାହିନୀ ପହଞ୍ଚିବା ପରେ ନିଆଁକୁ ଆୟତ କରିଥିଲେ। ଖବରପାଇ ବିଷମକଟକ ତହସିଲଦାର କେ.ଭି. ରେଡ୍ଡୀ ଓ ବିଡିଓ ସଦାଶିବ ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।



ରାୟଗଡ଼ା ଜିଲା ବିଷମକଟକ ବସ୍‌ଷ୍ଟାଣ୍ଡରେ ଶନିବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡର ଦୃଶ୍ୟ।

# ଯାତ୍ରୀବାହୀ ଅଟୋ ଓଲଟି ଜଣେ ମୃତ, ୮ ଆହତ

ଦାମନଯୋଡି, ୧।୬
(ମାନସ ରଞ୍ଜନ କର)

ଦାମନଯୋଡିରୁ ତେନ୍ତୁଳିପଦର ରାସ୍ତାର କସମପଦର ହାତୀମୁଣ୍ଡା ଛକଠାରେ ଶନିବାର ସନ୍ଧ୍ୟା ୭ଟାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଫଳରେ ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୮ଜଣ ଆହତ ହୋଇଛନ୍ତି। ମୃତକ ହେଲେ ତେନ୍ତୁଳିପଦର ପଞ୍ଚାୟତ କରଡାପାଇ ଗ୍ରାମର ରବି ତାଡିଙ୍ଗି(୨୫)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ମୃତକ ଓ ଆହତମାନଙ୍କୁ ସ୍ଥାନୀୟ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଆହତମାନେ କରଡାପାଇ ଗ୍ରାମର ଲଦ୍ରା ତାଡିଙ୍ଗ, ଶମ୍ଭୁ ନାଚିକା, ପ୍ରଶାନ୍ତ ତାଡିଙ୍ଗି, ସୁଲୁ ତାଡିଙ୍ଗି, ଅଜିତ ତାଡିଙ୍ଗି ଏବଂ ତେନ୍ତୁଳିପଦର ଗ୍ରାମର କିଆ ନାଚିକା, ଚୁନା ମାଡିଙ୍ଗ, ସିମାଦ୍ରୀ ମାଡିଙ୍ଗି ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କିଆ ନାଚିକା (୨୨)ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ମୃତକ ଓ ଆହତମାନେ ଏକ ଯାତ୍ରୀବାହୀ ଅଟୋ (ଓଡି୧୦ଏକ୍ସ-୬୧୮୧) ଯୋଗେ ସେମିଳିଗୁଡା ଯାଇ ଗ୍ରାମକୁ ଫେରୁଥିବା ବେଳେ ହାତୀମୁଣ୍ଡା ଛକ ଗଡାଣିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅଟୋ ଚାଳକ ତେନ୍ତୁଳିପଦରର ପ୍ରହଲ୍ଲାଦ ନାଚିକାଙ୍କୁ ଅଟକ ରଖି ଦାମନଯୋଡି ପୋଲିସ ପଚରାଉଚରା କରୁଛି। ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଧରାପଡ଼ିଲେ

ମାଲକାନଗିରି, ୧।୬(ଦୁର୍ଯ୍ୟୋଧନ ପାତ୍ର)

- ଚାକିରି ଦେବା ନାଁରେ ଠକିଥିଲେ ୨ କୋଟିରୁ ଊର୍ଦ୍ଧ୍ୱ
- ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫକଲା ମାଲକାନଗିରି ପୋଲିସ
- ମନୋଜଙ୍କ ନାମରେ ଥାନାରେ ବଢୁଛି ଅଭିଯୋଗ

ନିଜକୁ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଚାକିରି ଦେବା ନାଁରେ ମାଲକାନଗିରି ଜିଲାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ପୋଲିସ ଭୁବନେଶ୍ୱରରୁ ଶନିବାର ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଚାର୍ଡିଆ ଗ୍ରାମର ମନୋଜ ସୂତାର। ସେ ନିଜକୁ ଆଇଏଏସ୍ ଅଧିକାରୀ ବୋଲି ପରିଚୟ ଦେଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ଚାକିରି କରାଇଦେବାକୁ କହି ଏମ୍‌ଭି-୪୨ ଗ୍ରାମର ୨ଜଣ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଜଣଙ୍କଠାରୁ ୪ ଲକ୍ଷ ଓ ଅନ୍ୟ ଜଣଙ୍କଠାରୁ ୪.୫୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏନେଇ ମାଲକାନଗିରି ଥାନାରେ ୨୮।୧୨।୨୦୨୩ରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ମାଲକାନଗିରି ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ମନୋଜ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ସୂଚନା ପାଇ ମାଲକାନଗିରି ପୋଲିସ ସେଠାରୁ ତାଙ୍କୁ ଗିରଫକରି ମାଲକାନଗିରି ଆଣିଛି। ତାଙ୍କୁ ପଚରାଉଚୁରା କରିବା ପରେ ସେ ମାଲକାନଗିରି ଜିଲାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଆଦିବାସୀ ଓ ଅଣଆଦିବାସୀ ଲୋକଙ୍କଠାରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ପୋଲିସ ପ୍ରକାଶ କରିଛି। ମନୋଜଙ୍କ ନାମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ଲିଖିତ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ଜିଲାରେ ବେକାର ଯୁବତୀଯୁବକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ଜିଲାର ଉଚ୍ଚଶିକ୍ଷିତ ଯୁବତୀଯୁବକମାନେ ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକିରି ପାଇବା ପାଇଁ ବିଭିନ୍ନ ବ୍ୟକ୍ତିଙ୍କ ସହାୟତା ନେଇ ଠକାମିର ଶିକାର ହେଉଛନ୍ତି।



ଗିରଫ ନକଲି ଆଇଏଏସ୍ ଅଧିକାରୀ ମନୋଜ ସୂତାର।

# ଗୋ-ସମ୍ପଦ ପାଇଁ ସ୍ୱାସ୍ଥ୍ୟବୀମା ପ୍ରଚଳନ କରାଯାଉ

ଭୁବନେଶ୍ୱର, ୧।୬(ବନ୍ଦନା ସେଠୀ)

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଏସ୍‌କେୱାଇ ଯୋଜନା ପ୍ରଚଳନ କରାଯାଉଛି। ଫଳରେ ରୋଗୀଟିଏ ଯେକୌଣସି କର୍ପୋରେଟ୍ ହସ୍ପିଟାଲ୍‌ରେ ମାଗଣା ସ୍ୱାସ୍ଥ୍ୟସେବା ପାଇପାରୁଛି। ମାତ୍ର ଦୁଃଖର କଥା ଗାଈଗୋରୁଙ୍କ ଦେହ ଖରାପ ହେଲେ ରକ୍ତ, ମଳ, ମୂତ୍ର ପରୀକ୍ଷା କରିବା ପାଇଁ ୨୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ଦୁଗ୍ଧଚାଷୀମାନଙ୍କୁ ଖର୍ଚ୍ଚ କରିବାକୁ ପଡୁଛି। ସ୍ଥଳବିଶେଷରେ ଔଷଧ, ଇଞ୍ଜେକ୍ସନ୍ ଓ ଗାଈଗୋରୁଙ୍କ ପାଇଁ ଟିକା କିଣିବାକୁ ମଧ୍ୟ ପଡୁଛି। ଅନେକ ସମୟରେ ଗାଈଗୋରୁଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜୁଛି। ତେଣୁ ଗୋ-ସମ୍ପଦର ଉନ୍ନତି ପାଇଁ ବିଏସ୍‌କେୱାଇ ଭଳି ସ୍ୱାସ୍ଥ୍ୟବୀମା ପ୍ରଚଳନ କରିବା ପାଇଁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ରାଜ୍ୟର ୧୧ଲକ୍ଷ ପରିବାର ଦୁଗ୍ଧ ଅର୍ଥନୀତି ଉପରେ ନିର୍ଭର କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ସାଧାରଣ ଚାଷୀଟିଏ ପାଇଁ ଗୋସମ୍ପଦ ତା' ଅର୍ଥନୀତିର ମୁଖ୍ୟ ଆଧାରଶୀଳା। ମାତ୍ର ଦୀର୍ଘଦିନ ଧରି ସରକାର ଦୁଗ୍ଧର ମୂଲ୍ୟ ବଢ଼ାଉ ନ ଥିବାରୁ ସେମାନଙ୍କ ରୋଜଗାର ବଢୁନାହିଁ। ଅପରପକ୍ଷେ ଓମ୍‌ଫେଡ୍, ମିଲ୍କମୁ ଓ ପ୍ରଗତି ଭଳି ଦୁଗ୍ଧ କମ୍ପାନୀକୁ କ୍ଷୀର ବିକ୍ରି କରି ଚାଷୀ ମାତ୍ର ୩୫ରୁ ୪୨ ଟଙ୍କା ପାଉଛି। କ୍ଷୀର ଲିଟରେ ପିଛା ସର୍ବନିମ୍ନ ୪୦ ଟଙ୍କା କରାଗଲେ ଚାଷୀମାନଙ୍କ ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରନ୍ତା ବୋଲି ମହାସଂଘ ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଏଥିସହ ଅପପୁଷ୍ଟି ଓ ରକ୍ତହୀନତାର ଶିକାର, ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଆଇସିଡିଏସ୍ ଯୋଜନାରେ ସପ୍ତାହକୁ ଗୋଟିଏ ଦିନ ମିଲ୍କ ପାଉଡର(ଗୁଣ୍ଡ ଦୁଗ୍ଧ), ପନିର ଓ କ୍ଷୀର ଯୋଗାଇଦେବା, ରାଜ୍ୟର ୫୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଗୋଟିଏ ଦିନ କ୍ଷୀର, ପନିର ଆଦି ଦିଆଯିବା, କୃଷି ପରି ଦୁଗ୍ଧଚାଷୀଙ୍କୁ ବିନା ସୁଧରେ ଋଣ ଯୋଗାଇଦେବା, ଦୁଗ୍ଧର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସ୍ଥିର କରିବା, ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉପରେ ମହାସଂଘ ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ ଓ ଦୁଗ୍ଧଚାଷୀ ପ୍ରମୁଖ ଗୁରୁତ୍ୱାରୋପ କରିଛନ୍ତି।

# ଷ୍ଟୋରି ଟେଲିଂ ଫେଷ୍ଟିଭାଲ

ଭୁବନେଶ୍ୱର, ୧।୬(ବନ୍ଦନା ସେଠୀ)

ବକୁଳ ଲାଇବ୍ରେରୀ ପକ୍ଷରୁ ପୁଣି ଥରେ ଆରମ୍ଭ ହୋଇଛି ଷ୍ଟୋରୀ ଟେଲିଂ ଫେଷ୍ଟିଭାଲ୍। ବକୁଳ ଷ୍ଟୋରିଟେଲିଂ ଫେଷ୍ଟିଭାଲର ଏହା ହେଉଛି ୨ୟ ସଂସ୍କରଣ। ଶନିବାର ଠାରୁ ଆରମ୍ଭ ହୋଇଥିବା ଏହି ଫେଷ୍ଟିଭାଲ୍ ଦୁଇଦିନ ଧରି ସତ୍ୟନଗରସ୍ଥିତ ପାଠାଗାରରେ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ସହରର ଜଣାଶୁଣା କାହାଣୀକାରଙ୍କ ଠାରୁ ଗପ ଶୁଣି ପିଲାମାନେ ନାଚିଗାଇ ଉଲ୍ଲସିତ ହୋଇଥିଲେ। ତେବେ କେବଳ କାହାଣୀ ଶୁଣିବା ନୁହେଁ, ବରଂ ଭଲଭଲ ଷ୍ଟୋରୀ ଟେଲରଙ୍କୁ ଆବିଷ୍କାର କରିବା ମଧ୍ୟ ଏହି ଫେଷ୍ଟିଭାଲର ଅନ୍ୟତମ ଲକ୍ଷ୍ୟ। ଏହି କ୍ରମରେ ଏକାଧିକ ଷ୍ଟୋରୀ ଟେଲର ନିଜର ଭିଡିଓ ପଠାଇ ଏନେଇ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଶର୍ମିଷ୍ଠା ପଣ୍ଡା ଷ୍ଟୋରୀ ଟେଲରଭାବେ ଏହି କାର୍ଯ୍ୟକ୍ରମରେ ଗପ ଶୁଣାଇବାକୁ ମନୋନୀତ ହୋଇଥିଲେ। ତେବେ ଫାଉଣ୍ଡେଶନ ୧୦ରୁ ୧୭ବର୍ଷ ଯୁବ କାହାଣୀକାର ଚାହୁଁଛି। ସେମାନେ ଯଦି ମନୋନୀତ ହେଲେ ଆସନ୍ତା ଜୁନ୍ ୮ ଓ ୯ରେ ହେବାକୁ କାର୍ଯ୍ୟକ୍ରମରେ କାହାଣୀ ଶୁଣାଇବେ। ଏନେଇ ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର କହିଛନ୍ତି, କାହାଣୀର ଲୋକପ୍ରିୟତାକୁ ଫେରାଇ ଆଣିବାରେ ବକୁଳ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।




# ସୀମାନ୍ତରୁ ୩ ମାଓବାଦୀ ଗିରଫ



ମାଲକାନଗିରି, ୧।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ଶନିବାର ୩ଜଣ ମାଓବାଦୀଙ୍କୁ ଗିରଫ କରିଛି। ଏଥିସହ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି। ଗିରଫ ମାଓବାଦୀମାନେ ହେଲେ ମାଡବୀ ଜଗା, ମୁଚାକି ନନ୍ଦା, ମାଡବି ହିଡମା। ମାଓବାଦୀ ଦମନ ଅଭିଯାନରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବର ପାଇ କେର୍ଲାପାଲ ଥାନାର ଡିଆର୍‌ଜି ଓ ଜିଲା ପୋଲିସ ମିଳିତ ଭାବେ ବଗଡେଗୁଡା, ସିମେଲ, ପରିୟା ଆଦି ଗ୍ରାମରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ତେବେ ବଗଡେଗୁଡା ଓ ସିମେଲ ଗ୍ରାମକୁ ଯିବା ରାସ୍ତାରେ ଉପରୋକ୍ତ ୩ ମାଓବାଦୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଗୋଟିଏ ଟିଫିନ୍ ବୋମା, ଡିଟୋନେଟର, ବ୍ୟାଟେରି, ୧୦ ମିଟର ବିଦ୍ୟୁତ୍ ତାର, କୋଡେକ୍ସ ତାର ଜବତ ହୋଇଛି। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ କହିଛି।

# କନ୍‌ଷ୍ଟେବଲଙ୍କ ସହ ୧୩ ଗିରଫ

## ନବରଙ୍ଗପୁର ଶିକ୍ଷକ ଦମ୍ପତିଙ୍କ ଘରୁ ଡକାୟତି ମାମଲା

ନବରଙ୍ଗପୁର, ୧।୬
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଜଣାଶୁଣା ବ୍ୟବସାୟୀ ତଥା ବରିଷ୍ଠ ବିଜେଡି ନେତା ସୁନୀଲ ସାହୁଙ୍କ ଡଙ୍ଗରଭେଜା ସ୍ଥିତ ପୈତୃକ ବାସଭବନରେ ଭଡ଼ାରେ ରହୁଥିବା ଶିକ୍ଷକ ଦମ୍ପତିଙ୍କ ଘରୁ ବନ୍ଧୁକ ମୁନରେ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୧୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ କୋରାପୁଟ ଜିଲାରେ କାର୍ଯ୍ୟରତ ଏପିଆର୍ ପୋଲିସ କନ୍‌ଷ୍ଟେବଲ ସୋନୁ ଜାନି ରହିଛନ୍ତି। ସେହିଭଳି ଚୋରି ସୁନା, ରୁପା ରଖି ଟଙ୍କା ଦେଇଥିବା ଜୟପୁର ଥାନା ଅଧୀନ ଭୂପତି ସାହିର ଏଲ୍. ଅଶୋକ କୁମାରଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ କୋରାପୁଟ ଜିଲା ଜୟପୁର ଥାନା ଉମୁରି ଗାଁର ଶିବଶଙ୍କର ହରିଜନ, ବିକାଶ ହରିଜନ, ତେଲିଆ ଗାଁର ବିକାଶ ହରିଜନ, ଜୟପୁର ହାଟପଦା ସାହିର ସଞ୍ଜୟ ବେନିଆ, ବୀରେନ୍ଦ୍ର ଟାକ୍ରି, ଖ୍ରୀଷ୍ଟିଆନ ପେତାର ଆକବର ଗରଡ଼ା, ଜୟପୁର ଥାନା ମୁନିଗୁଡା ଗାଁର ସୁଶାନ୍ତ କନ୍ଧପାନ, ହାଟପଦା ସାହିର ମୋହନ ସାଗର, କୋରାପୁଟ ଜିଲା କୁନ୍ଦୁରା ଥାନା ଅଧୀନ ଭୁସଙ୍ଗଗୁଡାର ଆନନ୍ଦ ହରିଜନ, ନବରଙ୍ଗପୁର ସହର ସେନାପତି ସାହିର ଜହନ ଯତୀନ ସୁନା ଓ ତେନ୍ତୁଳିଖୁଣ୍ଟି ଥାନା ଅଧୀନ ମରାଳି ଗାଁର ବିରଞ୍ଚି ମହାନନ୍ଦିଆ। ଅଭିଯୁକ୍ତମାନଙ୍କଠାରୁ ୨୮.୪ ଗ୍ରାମ ସୁନା, ୩୦୦ ଗ୍ରାମ ରୁପା, ୩ ବାଇକ, ୨ ଖେଳନା ବନ୍ଧୁକ, ୨ ଛୁରି, ଫେସ୍ ମାସ୍କ , ଆଇରନ ରଡ୍, ୧୨ ମୋବାଇଲ ଫୋନ ଜବତ ହୋଇଥିବା ନେଇ ଶନିବାର ନବରଙ୍ଗପୁର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି।

ପୋଲିସ ସୂଚନାନୁଯାୟୀ, ନିର୍ବାଚନରେ ଖର୍ଚ୍ଚ ପାଇଁ ସୁନୀଲଙ୍କ ପୈତୃକ ଘରେ ଟଙ୍କା ରଖାଯାଇଥିବା ସନ୍ଦେହକରି ଗତ ମେ ୧୪ ରାତିରେ ତାଙ୍କ ଡଙ୍ଗରଭେଜା ସ୍ଥିତ ପୈତୃକ ବାସଭବନ ତାଲା ଭାଙ୍ଗି ୮ ଜଣ ଦୁର୍ବୃତ୍ତ ଘର ଭିତରେ ପଶିଥିଲେ। କିନ୍ତୁ ସେଠାରେ କିଛି ନ ମିଳିବାରୁ ତାଙ୍କ ଘରେ ଭଡ଼ାରେ ରହୁଥିବା ଶିକ୍ଷୟିତ୍ରୀଙ୍କ ଘରକୁ ପଶିଥିଲେ। ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ସେଠାରୁ ସୁନାଗହଣା ଚୋରି କରିନେଇଥିଲେ। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା। ଏ ନେଇ ଶିକ୍ଷକ ଦମ୍ପତି ନବରଙ୍ଗପୁର ଥାନାରେ ଅଭିଯୋଗ ପରେ ୨୧୬/୨୪ରେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା, ଏସ୍‌ଆଇ ସବୀର ଅହମ୍ମଦ, ଏଏସ୍‌ଆଇ ତୁଳସୀ ରାମ ପୂଜାରୀଙ୍କ ନେତୃତ୍ୱରେ ସାଇବର ସେଲ୍ କର୍ମଚାରୀଙ୍କୁ ନେଇ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉକରି ୧୨ ଅଭିଯୁକ୍ତ ଓ ଚୋରି ସାମଗ୍ରୀ କିଣିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଏହି ଡକାୟତି ଘଟଣାରେ ଆଉ ୨ ଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ଧରିବାକୁ ଚେଷ୍ଟା ଚାଲିଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସୋନୁ ଡକାୟତି ଚାଲିଥିବାବେଳେ ବାହାରେ ପୋଲିସର ଗତିବିଧି ଉପରେ ନଜର ରଖୁଥିବା ପୋଲିସ କହିଛି। ଶନିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଥାନାଧିକାରୀ ସମ୍ବିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଏସ୍‌ପି ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଭୋଟ ପରେ ଗୋଷ୍ଠୀସଂଘର୍ଷ, ୯ ଆହତ

ବାସୁଦେବପୁର, ୧।୬(ନାରାୟଣ ବାରିକ)

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବାଲିମେଦ ପଞ୍ଚାୟତର ଖସରବାଡ଼ି ଗ୍ରାମରେ ଶନିବାର ରାତିରେ ନିର୍ବାଚନୀ ହିଂସା ଘଟିଛି। ଗୋଷ୍ଠୀସଂଘର୍ଷ ଘଟି ୯ଜଣ ଆହତ ହୋଇଛନ୍ତି। ଆହତ ସୁଶାନ୍ତ ମାଝୀ(୩୬), ରୟନ ପରିଡ଼ା(୩୫), ସାନ୍ତା ପରିଡ଼ା(୬୦), ଅଖିଳମାଝୀ(୪୦), ସଞ୍ଜୟ ପରିଡ଼ା(୩୦), ଦୁର୍ଯ୍ୟୋଧନ ପରିଡ଼ା(୬୨), ରଞ୍ଜନ ମାଝୀ(୩୫), ମୁରଲୀ ମାଝୀ(୫୮) ଓ ସୁକୁଟା ମାଝୀ(୩୫)ଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯଇଛି। ସମସ୍ତ ଆହତ କଂଗେସ ସମର୍ଥକ ହୋଇଥିବା ବେଳେ ବିଜେଡି କର୍ମୀ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେମାନେ ରାସ୍ତାରେ ଯାଉଥିବା ବେଳେ ଯୋଜନାବଦ୍ଧ ଭାବେ ୩୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ସେମାନଙ୍କୁ ଲୁହ ରଡ୍ ଓ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିବା ଆହତମାନେ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈରେ ବାଲିଆ ଚହଟିଲା
କଜ୍ଜଳ ସିନ୍ଦୂର ନାଆଲୋ ରାଣ୍ଡେ
ପୁଣି ଚାଖିଆ ଲେଉଟିଲା।**

ରଘୁନାଥ ହଜୁରୀ ବା ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ ଭାବେ ଖ୍ୟାତ ଥିଲେ। ସେ ବହୁ ବର୍ଷ ପୁରୀରେ ଅନୁପସ୍ଥିତ ରହିବାରୁ ମୃତ ବୋଲି ସମସ୍ତେ ଧରିନେଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ। ପରନ୍ତୁ କିଛି ବର୍ଷର ବ୍ୟବଧାନ ପରେ ସେ ପୁନଶ୍ଚ ପୁରୀ ଫେରିଆସିବା ଫଳରେ ତାଙ୍କ ସ୍ତ୍ରୀ ପୁଣି ଶଙ୍ଖା ସିନ୍ଦୂର ପିନ୍ଧି ସଧବା ବେଶ ଧାରଣ କରିଥିଲେ। ବହୁ ଦିନ ଧରି ଘରୁ ବାହାରିଯାଇଥିବା ବା ନିଖୋଜ ହୋଇଯାଇଥିବା ବ୍ୟକ୍ତି ପୁଣି ଫେରିଆସିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନାଚି ନ ଜାଣି
ଅଗଣାର ଦୋଷ।**

ନିଜର ଅପାରଗତା ଘୋଡ଼ାଇବା ପାଇଁ ଅନେକେ ବୃଥାରେ ଅନ୍ୟ ଉପରେ ଦୋଷ ଲଦି ଦେଇଥାନ୍ତି। ନିଜେ ଠିକ୍‌ରେ ନାଚି ନ ଜାଣି ଅଗଣାର ଦୋଷ ଦେଖେଇବା ହାସ୍ୟାସ୍ପଦ କଥା ହେବାପରି ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା: ଶେଷ ପର୍ଯ୍ୟାୟରେ...

ପ୍ରଥମ ପୃଷ୍ଠାରୁ...

ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବଡ଼ସାହିରେ ୭୨.୨%, ବାଲେଶ୍ୱରରେ ୭୨.୯%, ବସ୍ତାରେ ୬୭.୧%, ଭୋଗରାଇରେ ୬୯.୯%, ଜଳେଶ୍ୱରରେ ୬୬.୭୩%, ନୀଳଗିରିରେ ୬୨.୧୫% ଏବଂ ରେମୁଣାରେ ୭୦.୪୬% ମତଦାନ ହୋଇଛି। ଭଦ୍ରକ ଲୋକ ସଭା କ୍ଷେତ୍ରରେ ୬୨.୨୩% ଭୋଟର ମତଦାନ କରିଛନ୍ତି। ଏହା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ବାସୁଦେବପୁରରେ ୫୬.୫%, ଭଦ୍ରକରେ ୫୫.୬%, ଭଣ୍ଡାରିପୋଖରୀରେ ୫୪.୭%, ଚାନ୍ଦବାଲିରେ ୭୩.୮୪%, ଧାମନଗରରେ ୭୧.୨୫%, ସିମୁଳିଆରେ ୬୨.୩% ଏବଂ ସୋରରେ ୬୨.୨% ମତଦାନ ହୋଇଛି। ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ଭୋଟହାର ରହିଛି ୭୩.୦୬%। ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ମଧ୍ୟରୁ ବାଲିକୁଦା-ଏରସମାରେ ୭୨.୯୨%, ଜଗତ୍‌ସିଂହପୁରରେ ୭୫.୧୨%, କାକଟପୁରରେ ୭୨.୩%, ନିଆଳିରେ ୭୩.୫%, ନିମାପଡ଼ାରେ ୭୬.୫%, ପାରାଦୀପରେ ୬୯.୩୧% ଏବଂ ତିର୍ତ୍ତୋଲରେ ୭୧.୬୧% ମତଦାନ ହୋଇଛି। ଯାଜପୁର ଲୋକ ସଭା ଆସନରେ ୬୭.୯୧% ମତଦାନ ହୋଇଥିବାବେଳେ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବଡ଼ଚଣାରେ ୭୦%, ବରୀରେ ୬୯%, ବିଞ୍ଝାରପୁରରେ ୬୫.୩%, ଧର୍ମଶାଳାରେ ୭୦%, ଯାଜପୁରରେ ୬୫.୮%, କୋରେଇରେ ୬୫.୭% ଏବଂ ସୁକିନ୍ଦାରେ ୭୦% ମତଦାନ ହୋଇଛି। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀରେ ୬୮.୬୪% ଲୋକ ଭୋଟ ଦେଇଥିବାବେଳେ ଏହି ଆସନ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ଆଳିରେ ୬୨.୩୮%, କେନ୍ଦ୍ରାପଡ଼ାରେ ୬୭.୫୭%, ମହାକାଳପଡ଼ାରେ ୬୬.୮୫%, ମାହାଙ୍ଗାରେ ୭୩.୫%, ପାଟକୁରାରେ ୬୯.୫୯%, ରାଜନଗରରେ ୬୫.୯୫% ଏବଂ ସାଲେପୁରରେ ଭୋଟହାର ୭୫% ମତଦାନ ହୋଇଛି। ମୟୂରଭଞ୍ଜ ଲୋକ ସଭା ଆସନରେ ୬୯.୮୭% ମତଦାନ ହୋଇଥିବାବେଳେ ଏହି ସଂସଦୀୟ କ୍ଷେତ୍ର ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବାଙ୍ଗିରିପୋଷିରେ ୬୪.୨୮%, ବାରିପଦାରେ ୬୧.୬%, ଯଶୀପୁରରେ ୭୦.୧୧%, ମୋରଡ଼ାରେ ୬୩.୧୨%, ରାଇରଙ୍ଗପୁରରେ ୬୨.୪%, ସାରସକଣାରେ ୬୨.୨% ଏବଂ ଉଦଳାରେ ୬୫.୭୨% ମତଦାନ ହୋଇଛି।

ମତଦାନ ଆରମ୍ଭରୁ କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ବାଲିପଡ଼ାର ୧୨୧ ଓ ୧୨୨ ନମ୍ବର ବୁଥ୍, କେନ୍ଦ୍ରାପଡ଼ାର ୧, ୧୪, ୨୮୬, ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ୨୬୩ ଓ ୨୬୪, ଭଦ୍ରକ ଜିଲାର ୨୧୩, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ୧୪୨, ବାଲେଶ୍ୱର ଜିଲାର ବସ୍ତା ଟାଉନ୍‌ର ୨୦ ନମ୍ବର ବୁଥ୍ ଏବଂ ଜଗତସିଂହପୁର ଜିଲାର ପୁନାଙ୍ଗ ପଞ୍ଚାୟତର ବୁଥ ନମ୍ବର ୨୮ ଓ ୨୯ରେ ଇଭିଏମ ନ ଚାଲିବାରୁ କିଛି ସମୟ ପାଇଁ ଭୋଟ ହୋଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ଇଭିଏମଗୁଡ଼ିକୁ ଠିକ୍ କରାଯାଇ ଭୋଟ ଗ୍ରହଣ ହୋଇଥିଲା। ନିର୍ବାଚନ ମୋଟାମୋଟି ଶାନ୍ତିପୂର୍ଣ୍ଣ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପକେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହା ବଦଳାଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା। କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ଭୋଟରମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ରାଜ୍ୟରେ ମତଦାନ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଇବାରେ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଟିମ୍, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ, ରିଟର୍ଣ୍ଣିଂ ଅଫିସର, ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର, ସେକ୍ଟର ଅଫିସର, ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସମସ୍ତ କର୍ମଚାରୀଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଧନ୍ୟବାଦ ଜଣାଇଛନ୍ତି। ୱେବ୍‌କାଷ୍ଟିଂ ଜରିଆରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତିରୁମାଲା ନାୟକଙ୍କ ତତ୍ତ୍ୱାବଧାନରେ ବୁଥ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଜିଲାସ୍ତରରେ ମଧ୍ୟ ୱେବ୍‌କାଷ୍ଟିଂ ଜରିଆରେ ମଧ୍ୟ କଡ଼ା ନଜର ରଖାଯାଇଥିଲା। ସମସ୍ତ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ରଖାଯାଇଥିଲା ।


ମୟୂରଭଞ୍ଜ ଜିଲାର ଏକ ବୁଥ୍‌ରେ ଭୋଟରମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ମତଦାନ ପରେ ଖୁସି ବ୍ୟକ୍ତ କରୁଥିବା ବରିଷ୍ଠ ନାଗରିକମାନେ।

## ଭୋଟ ଦେଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ

ମୋରଡ଼ା,୧।୬(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଶନିବାର ମତଦାନ ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ନିଜ ପୈତୃକ ଗାଁ ସାନମୁଣ୍ଡାବଣି ପଞ୍ଚାୟତର ଖୁଣ୍ଟାପାଳ ଗ୍ରାମ ମତଦାନ କେନ୍ଦ୍ରରେ ଭୋଟ ଦେଇଥିଲେ।



# ଇଭିଏମ୍‌ରେ ସିଲ୍ ହେଲା ପ୍ରାର୍ଥୀଙ୍କ ଭାଗ୍ୟ

ବାରିପଦା,୧।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ମୟୂରଭଞ୍ଜରେ ୬୪.୧୭ ପ୍ରତିଶତ ମତଦାନ
- ଯଶୀପୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୭୦.୧୧ ଓ ବାରିପଦାରେ ସର୍ବନିମ୍ନ ୬୧.୬୦ ପ୍ରତିଶତ
- ରାତି ୮ଟା ପର୍ଯ୍ୟନ୍ତ ଚାଲିଲା ମତଦାନ

ମୟୂରଭଞ୍ଜ ଜିଲାରେ ଶାନ୍ତିଶୃଙ୍ଖଳାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ସ୍ଥାନରେ ଲୋକେ ଭୋଟ ବର୍ଜନ କରିଛନ୍ତି। ଅପରାହ୍ନ ୫ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୬୪.୧୭ ପ୍ରତିଶତ ମତଦାନ ହୋଇଛି। ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୦.୧୧ ଓ ବାରିପଦା ବିଧାନସଭା କ୍ଷେତ୍ରରେ ସର୍ବନିମ୍ନ ୬୧.୬ ପ୍ରତିଶତ ମତଦାନ ହୋଇଛି। ଇଭିଏମ୍‌ରେ ୮ ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି।

ଶନିବାର ସକାଳ ୭ଟାରୁ ୨୧୨୮ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ୧୭ଲକ୍ଷ ୪୨ହଜାର ୬୭୪ ଭୋଟର ନିଜର ନେତା ବାଛିବା ପାଇଁ କେନ୍ଦ୍ରରେ ପହଞ୍ଚିଥିଲେ। ମତଦାତାମାନେ ଆଗ୍ରହ ଓ ଉତ୍ସାହର ସହିତ ଲମ୍ବା ଲାଇନରେ ଛିଡ଼ାହୋଇ ଭୋଟ ଦେଇଥିଲେ। ମୟୂରଭଞ୍ଜ ଲୋକସଭା ଏବଂ ଏହା ଅଧୀନ ବାରିପଦା, ମୋରଡ଼ା, ବାଙ୍ଗିରିପୋଷି, ଉଦଳା, ଯଶୀପୁର ଓ ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀ ସହିତ ବାଲେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ଅନେକ ବୁଥ୍‌ରେ ମତଦାନ ଆରମ୍ଭ ସମୟରେ ଇଭିଏମ୍ ତ୍ରୁଟି ପାଇଁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାରୁ ସେହି ସ୍ଥାନରେ ରାତି ୮ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ମୋରଡାରେ ୬୩.୧୨ ପ୍ରତିଶତ, ବାଙ୍ଗିରିପୋଷିରେ ୬୪.୨୮ ପ୍ରତିଶତ, ଉଦଳାରେ ୬୫.୭୨ ପ୍ରତିଶତ, ସାରସକଣାରେ ୬୨.୨୦ ପ୍ରତିଶତ, ରାଇରଙ୍ଗପୁରରେ ୬୨.୪୦ ପ୍ରତିଶତ ଓ ବଡ଼ସାହିରେ ୬୨.୪୫ ପ୍ରତିଶତ ମତଦାନ ହୋଇଛି। ଗରମ ଓ ଗୁଳଗୁଳି ସତ୍ତ୍ୱେ ଭୋଟରମାନେ ଲମ୍ବା ଲାଇନରେ ଛିଡ଼ାହୋଇ ଭୋଟ ଦେଇଥିଲେ। ଭୋଟରଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୋରଡାରେ ସର୍ବାଧିକ ୧୭ ଜଣ ଓ ବାଙ୍ଗିରିପୋଷିରେ ୧୬ ଜଣ ପ୍ରାର୍ଥୀ ଥିବାରୁ ଏହି ଦୁଇ ନିର୍ବାଚନମଣ୍ଡଳୀରେ ଦୁଇଟି ଲେଖାଏ ଇଭିଏମ୍ ବ୍ୟବହାର ହୋଇଥିଲା ।

ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଜିଲା ଆରକ୍ଷୀ ଅଧିକ୍ଷିକା ଏସ୍. ସୁଶ୍ରୀ ଏବଂ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଉଦୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲାରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଛି। ଜିଲାରେ ମୋଟ ୧୫୧ଟି ସମ୍ବେଦନଶୀଳ ବୁଥ ଥିବା ବେଳେ ୧୪୧ଟି ଅତି ସମ୍ବେଦନଶୀଳ ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅବାଧ ଓ ମୁକ୍ତ ତଥା ଶାନ୍ତିଶୃଙ୍ଖଳାରେ ମତଦାନ ପାଇଁ ୨୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ମତଦାନ ପ୍ରକ୍ରିୟାରେ ମୋଟ ୧୫ହଜାର ୬୪୨ଜଣ ଅଧିକାରୀ ତଥା କର୍ମଚାରୀ ନିୟୋଜିତ ହୋଇଥିଲେ।

ସିଲ୍ ହୋଇଥିବା ଇଭିଏମ୍‌ରେ ୧୧୨ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଝୁଲି ରହିଛି। ୧୧୨ ପ୍ରାର୍ଥୀଙ୍କ ମଧ୍ୟରୁ ବିଭିନ୍ନ ରାଜନୈତିକ ଦଳର ୫୬ ଜଣ ପ୍ରାର୍ଥୀ ଥିବା ବେଳେ ୩୬ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ମୟୂରଭଞ୍ଜ ଲୋକସଭା ପାଇଁ ୧୩ ଜଣ ପ୍ରାର୍ଥୀ ଥିବା ବେଳେ ୮ଟି ବିଧାନସଭା ଆସନରେ ୯୯ଜଣ ପ୍ରାର୍ଥୀ ରହିଛନ୍ତି। ଏମ୍ପି ଆସନରେ ସୁଦାମ ମାର୍ଣ୍ଡି ଓ ନବଚରଣ ମାଝୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ବିଧାନସଭା ପ୍ରାର୍ଥୀ ଭାବେ ବିଧାୟକ ପ୍ରକାଶ ସୋରେନ, ଭାସ୍କର ମଢେଇ, ଗଣେଶରାମ ସିଂ ଖୁଣ୍ଟିଆ, ସନାତନ ବିଜୁଳି ଓ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶୀଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଭାଦବ ହାଁସଦା ଥିବା ବେଳେ ମନ୍ତ୍ରୀ ସୁଦାମଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡି, ବିଧାୟକ ରାଜକିଶୋର ଦାସଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନଗୋ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ସ୍ତ୍ରୀ ଅନସୂୟା ପାତ୍ରଙ୍କ ଭାଗ୍ୟ ଝୁଲି ରହିଛି। ସେହିପରି ଜେଏମ୍‌ଏମ୍‌ର ରାଜ୍ୟ ଅଧ୍ୟକ୍ଷା ଅଞ୍ଜନୀ ସୋରେନ ଉଭୟ ଲୋକସଭା ଓ ସାରସକଣା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିବା ବେଳେ ତାଙ୍କର ଭାଗ୍ୟ ମଧ୍ୟ ଇଭିଏମରେ ସିଲ୍ ହୋଇଛି।


ହୁଇଲ୍ ଚେୟାରରେ ଜଣେ ବୃଦ୍ଧ ଭୋଟଦେବାକୁ ଯାଉଛନ୍ତି।


ମତଦାନ କେନ୍ଦ୍ରରେ ଭୋଟରଙ୍କୁ ସରବତ ଦିଆଯାଉଛି।

## ବେତନଟୀ ବ୍ଲକ୍‌ରେ ୬୮ ପ୍ରତିଶତ ମତଦାନ

ବୈଶିଙ୍ଗା,୧।୬(ରତନ ଦାଶ)

ବେତନଟୀ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ବଡ଼ସାହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୯୯ ହଜାର ଭୋଟର ଥିବା ବେଳେ ବେତନଟୀ ବ୍ଲକ ଭୋଟର ସଂଖ୍ୟା ୧ ଲକ୍ଷ ୧୪ ହଜାର। ଏହି ବ୍ଲକ ଅଞ୍ଚଳରେ ୧୩୬ ଟି ମତଦାନ କେନ୍ଦ୍ର ହୋଇଥିଲା। ତନ୍ମଧ୍ୟରୁ ୩୩ଟି ଆଦର୍ଶ ମତଦାନ କେନ୍ଦ୍ର ଓ ୨୦ଟି ପିଙ୍କ୍ ବୁଥ ହୋଇଥିଲା। ତେବେ ସାଧାରଣ ବୁଥ ଗୁଡିକରେ ବ୍ୟାପକ ପରିଚାଳନାଗତ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ହାତୀଝୁରୀ, କଦଳିଆ, ମୋହନପୁର ଆଦି ଅନେକ ବୁଥରେ ଇଭିଏମ ଅଚଳ ହୋଇ ପଡ଼ିଥିଲା। ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ବିଳମ୍ବିତ ହେବାଯୋଗୁ କେତେଜଣ ମତଦାତା ଭୋଟ ନ ଦେଇ ଫେରି ଯାଇଥିଲେ। ଅନେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଲୋକେ ଖରାରେ ଲାଇନ ଦେଇ ଛିଡ଼ା ହୋଇଥିଲେ। ପ୍ରଶାସନ ପକ୍ଷରୁ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଏସବୁ ସତ୍ତ୍ୱେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଥିଲା। ଅପରାହ୍ନ ୫ଟା୩୦ ସୁଦ୍ଧା ବେତନଟୀ ବ୍ଲକ ଅଞ୍ଚଳରେ ୬୮ ପ୍ରତିଶତ ମତଦାନ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖା ସୂଚନା ଦେଇଛନ୍ତି।

## ଇଭିଏମ୍ ଭାଙ୍ଗିବା ଉଦ୍ୟମ

ଗୋପବନ୍ଧୁ ନଗର,୧।୬
(ଶାନ୍ତନୁ କୁମାର ମଣ୍ଡୁଆଲ)

ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଦେବଗାଁଠାରେ ଭୋଟ ଚାଲିଥିବା ବେଳେ ଜଣେ ବ୍ୟକ୍ତି ଇଭିଏମ୍ ଭାଙ୍ଗିବା ଉଦ୍ୟମ କରି ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଅପରାହ୍ନ ୨ଟାରେ ଦେବଗାଁ ଗ୍ରାମର ପ୍ରାକ୍ତନ ସରପଞ୍ଚ ମାୟାଧର କୁଅଁର ୧୩୭ ନଂ. ବୁଥକୁ ଭୋଟ ଦେବାକୁ ଯାଇଥିଲେ। ତେବେ ଇଭିଏମ୍‌ରେ କୁଆଡେ କଂଗ୍ରେସ ଦଳର ହାତ ଚିହ୍ନ ଦେଖିବାକୁ ପାଇ ନ ଥିଲେ। ଫଳରେ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଇଭିଏମ୍‌କୁ ଉଠାଇ ଆଣି ସେଠାରେ କଚାଡ଼ି ଦେଇଥିଲେ। ବୁଥ୍‌ରେ ଥିବା ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଶଳ କ୍ରମେ ଖସି ପଳାଇଥିଲେ। କୁଶଳଦା ଫାଣ୍ଡି ଅଧିକାରୀ ଗୋଲକ ମିଶ୍ର ଖବର ପାଇ କର୍ମଚାରୀଙ୍କ ସହ ପହଞ୍ଚି ଲୁଚି ପଳାଉଥିବା ମାୟାଧରଙ୍କୁ ଗୋଡାଇ ଧରିବା ସହ ଗିରଫ କରି ଉଦଳା ଥାନାରେ ଅଟକ ରଖିଛନ୍ତି। ପରେ ମେଶିନ ସଜଡ଼ା ଯାଇ ପୁଣି ମତଦାନ କାର୍ଯ୍ୟ ଶୃଙ୍ଖଳାର ସହ କରାଯାଇଥିଲା।

## ବାରିପଦା ସହରରେ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା

ବାରିପଦା,୧।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ ବୁଥରୁ ଇଭିଏମ ଓ ନିର୍ବାଚନ ସାମଗ୍ରୀ ଫେରସ୍ତ ନେଇ କେନ୍ଦ୍ରକୁ ସୁରୁଖୁରୁ ଯାତାୟାତ ବ୍ୟବସ୍ଥା କରାଯାଇଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ସହରରେ ୱାନ ୱେ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯାଇଛି। ମୋଟର ଭେଇକିଲ ଆକ୍ଟର ଅଧିନିୟମ ୧୭୩ ଏବଂ ୧୧୫ ପ୍ରୟୋଗ କରି ଜିଲାପାଳ ବାରିପଦାଠାରେ ୱାନ ୱେ ଟ୍ରାଫିକ ନିୟମ ଲାଗୁ କରିଛନ୍ତି।

ସୂଚନାଯୋଗ୍ୟ, ଶନିବାର ସପ୍ତମ ପର୍ଯ୍ୟାୟ ଭୋଟ ଗ୍ରହଣ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ପୋଲିଂ ଅଧିକାରୀ ଇଭିଏମ ବାକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ସାଥିରେ ନେଇ ଆସୁଥିବାରୁ ସମସ୍ତ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେବାର ଆଶଙ୍କା ଥିଲା। ଏଥି ନିମନ୍ତେ ତକତପୁର ଛକଠାରୁ ରଙ୍ଗମାଟିଆ ଛକ ପର୍ଯ୍ୟନ୍ତ ୱାନ ୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। କୌଣସି ଯାନବାହାନ ଏହି ରାସ୍ତା ଦେଇ ବୁଲାଣି ମାଧ୍ୟମରେ ଆସିପାରିବେ ନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରା ଏହି ସୂଚନା ଦେଇଛନ୍ତି। ସୂଚନା ଥାଉକି, ବାରିପଦାସ୍ଥିତ ଏମ୍‌ପିସି ମହାବିଦ୍ୟାଳୟ ଏବଂ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କଲେଜଠାରେ ଇଭିଏମ ଡିପୋଜିଟ ହେବାର ବ୍ୟବସ୍ଥା କରାଯାଇଛି।

# ଭୋଟବର୍ଜନ କଲେ ୨୬ ପରିବାର


ମୌଳିକ ସୁବିଧା ଦାବି କରୁଥିବା ରାଇପାଳ ଗ୍ରାମର ଲୋକେ।

ମୋରଡ଼ା,୧।୬(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଛାତନା ପଞ୍ଚାୟତର ରାଇପାଳ ଗ୍ରାମର ୨୬ଟି ପରିବାର ଭୋଟ ବର୍ଜନ କରିଛନ୍ତି। ଉକ୍ତ ପରିବାରଗୁଡ଼ିକ ଦୀର୍ଘ ଦିନ ଧରି ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ୨୬ଟି ପରିବାରର ୧୨୦ଜଣ ଭୋଟର କପୋଇର ୨୦୬ ନମ୍ବର ବୁଥରେ ଭୋଟ ଦେବାର ଥିଲା। କିନ୍ତୁ ରାଇପାଳ ଗ୍ରାମରେ ବିଦ୍ୟାଳୟ,ପାନୀୟ ଜଳର ସୁବିଧା ନାହିଁ। ଯଦିଓ .ଏକ ନଳକୂପ ଅଛି, ଉକ୍ତ ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ପିଇବା ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି । ପୂର୍ବରୁ ପ୍ରଶାସନକୁ ଏସବୁ ବାବଦରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ଉକ୍ତ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ନାହିଁ। ଏହିସବୁ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଭୋଟ ବର୍ଜନ କରିଥିବା ଗ୍ରାମର ଶାନ୍ତିରାମ ଟୁଡୁ,ପପୁ ଟୁଡୁ,ସୁଦାମ ଚରଣ ଟୁଡୁ,ରାଣୀ ଟୁଡୁ ଏବଂ ଅନ୍ୟମାନେ କହିଛନ୍ତି।

## ପରିବେଶ ସୁରକ୍ଷା ନେଇ ଅଣ୍ଟା ଭିଡ଼ିଲା ଭଞ୍ଜସେନା

ବାରିପଦା,୧।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଗ୍ରୀଷ୍ମ ଦାଉରୁ ବାରିପଦାକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଭଞ୍ଜସେନା ଅଣ୍ଟା ଭିଡ଼ିଛି। ଏନେଇ ଜୁଲାଇ ମାସରୁ ଭଞ୍ଜସେନା ପକ୍ଷରୁ ଜିଲାବ୍ୟାପି ବ୍ୟାପକ ଭାବେ ଚାରା ରୋପଣ ଓ ବୃକ୍ଷର ସୁରକ୍ଷା କାର୍ଯ୍ୟକ୍ରମ ନେଇ ରବିବାର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହେବ। ଚଳିତ ବର୍ଷ ବାରିପଦା ରାଜ୍ୟର ଉତ୍ତପ୍ତ ସହରରେ ପରିଣତ ହୋଇଛି। ଯାହାକି ମୟୂରଭଞ୍ଜବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏହି ଧାରା ଲାଗି ରହିଲେ ଆଗକୁ ଜୀବ ଜଗତ ବଞ୍ଚିବା କଷ୍ଟକର ହୋଇପଡ଼ିବ। ଏହାକୁ ଲକ୍ଷ୍ୟରଖି କିଭଳି ଏହି ଗ୍ରୀଷ୍ମ ପ୍ରବାହରୁ ଜୀବଜଗତ ତ୍ରାହି ପାଇବେ ସେଥିପାଇଁ ଜୁଲାଇ ପ୍ରଥମ ସପ୍ତାହରୁ ଶିମିଳିପାଳର ହୃତ ଗୌରବ ଫେରାଇ ସବୁଜିମାମୟ ଶିମିଳିପାଳ ଗଢିବା, ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ଛୋଟ ବଡ଼ ବୃକ୍ଷ ରୋପଣ କରାଯିବା ଓ ଜଳାଶ୍ରୟଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯିବ। ବ୍ୟକ୍ତିଗତ କାରଣ ହେଉ ଅଥବା ବ୍ୟବସାୟୀକରଣ ଉଦ୍ଦେଶ୍ୟରେ ବନ୍ଦ କରାଯାଇଥିବା ଜଳାଶ୍ରୟଗୁଡ଼ିକର ପୁନଃରୁଦ୍ଧାର କରିବା, ଗଛ କଟା ବନ୍ଦ କରାଯିବା ନେଇ ବୈଠକରେ ଆଲୋଚନା ହେବ। 'ଗଛର ଶତ୍ରୁକୁ ମୋର ଶତ୍ରୁ ବୋଲି ଭାବିବି' ସ୍ଲୋଗାନକୁ ବାସ୍ତବତାରେ ପରିଣତ କରିବା ପାଇଁ ସାଇ ବିନାୟକ କଲ୍ୟାଣ ମଣ୍ଡପଠାରେ ସବୁ ବର୍ଗର ଲୋକଙ୍କୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା ହେବ। ଉକ୍ତ ବୈଠକରେ ଭଞ୍ଜସେନା କର୍ମକର୍ତ୍ତାଙ୍କ ସହିତ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବିଭିନ୍ନ ସଂଘ, ଯୁବ ଛାତ୍ର ଓ ମହିଳାମାନେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଥିବା ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଭୋଟ ଦେଲେନି ଯମୁନାଗଡ଼ ବିସ୍ଥାପିତ

ଉଦଳା,୧।୬(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବିଧାନସଭା ନିର୍ବାଚନମଣ୍ଡଳରେ ଶନିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨ ଲକ୍ଷ ୨ ହଜାର ୮୯୦ ଜଣ ଭୋଟର ବିଶିଷ୍ଟ ଏହି ନିର୍ବାଚନମଣ୍ଡଳୀରେ ୧୫ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ୨୪୩ ବୁଥରେ ସକାଳୁ ଭୋଟିଂ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ବୁଥରେ ଇଭିଏମରେ ତ୍ରୁଟି ଏବଂ ଅଚଳ ହେବା କାରଣରୁ ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା। ଏନେଇ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳିଥିଲା। କେତେକ ବୁଥରେ ଅବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ୪୩ଟି ସଖୀ ବୁଥ୍ ହୋଇଥିବା ବେଳେ କଡା ସୁରକ୍ଷା ଭିତରେ ମତଦାନ ହୋଇଥିଲା। କିଛି ବୁଥରେ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଶିମିଳିପାଳ ଅଭୟାରଣ୍ୟ ଯମୁନାଗଡ଼ରୁ ବିସ୍ଥାପିତ ହୋଇ ଆସି ନାବରା କଲୋନୀରେ ରହୁଥିବା ୮୦ରୁ ଅଧିକ ଭୋଟର ଭୋଟ ବର୍ଜନ କରିଛନ୍ତି। ଗ୍ରାମବାସୀ ବୁଥ୍ ନିକଟରେ ପ୍ଲାକାର୍ଡ ଧରି ବସିଥିଲେ। ଉଦଳା ତହସିଲଦାର ଏବଂ ବିଡିଓ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ବିସ୍ଥାପିତ କରିବା ସମୟରେ ବିଭାଗ ଏବଂ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରିବାରୁ ଗ୍ରାମବାସୀ ଭୋଟ ବର୍ଜନ କରୁଥିବା କଥା କହିଛନ୍ତି।


ଭୋଟ ବର୍ଜନ କରିଥିବା ବିସ୍ଥାପିତ।

# କେହି ଗଲେନି କି ଭୋଟ ଦେଲେନି

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ଖୁଣ୍ଟା(ଦେବରଞ୍ଜନ ବେହେରା),୧।୬

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କରକଟିଆ ପଞ୍ଚାୟତର ବଡ଼ମାମୁଡିଆ ଗ୍ରାମର ଲୋକେ ମୌଳିକ ସୁବିଧା ଦାବିରେ ଭୋଟ ବର୍ଜନ କରିଛନ୍ତି। କରକଟିଆ (ଖ) ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ.୨୨୪ରେ ଉକ୍ତ ପଞ୍ଚାୟତର ୫ ଓ ୬ନଂ. ୱାର୍ଡର ୫୨୮ ଭୋଟର ଭୋଟ ଦେବାକୁ ଥିବା ବେଳେ କେହି ଜଣେ ବି ଭୋଟ ଦେବାକୁ ଯାଇ ନ ଥିଲେ। ଶନିବାର ସକାଳ ୯ଟାରୁ ଏହି ଗ୍ରାମ ଲୋକେ ଏକାଠି ହୋଇ କେନ୍ଦ୍ର ନିକଟକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଜଗିଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ନ ଥିଲା। ଭୋଟ ବର୍ଜନ ନିଷ୍ପତ୍ତି ଖବର ପାଇ ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ଜିଦରେ ଅଟଳ ଥିଲେ। ସ୍ୱାଧୀନତାର ୭୭ ବର୍ଷ ପରେ ବି ବଡମାମୁଡିଆ ଗ୍ରାମ ରାସ୍ତା ଅବହେଳିତ ଅବସ୍ଥାରେ ପଡ଼ିରହିଛି। ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ପିଚୁ କିମ୍ବା କଂକ୍ରିଟ କରିବାକୁ ପ୍ରଶାସନ ଆଖି ବୁଜି ଦେଇଥିଲା। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଏପରିକି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଗାଁ ଯାଇ ପାରୁନାହିଁ। ବର୍ଷା ଦିନେ ଜଣେ ରୋଗୀଙ୍କୁ ଭାରରେ ବୁହା ହୋଇ ଗୋଟିଏ କିଲୋମିଟର ଦୂର ପର୍ଯ୍ୟନ୍ତ ଆମ୍ବୁଲାନ୍ସ ନିକଟକୁ ଅଣା ଯାଇଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନର ଚେତା ପଶି ନାହିଁ। ଏହି ରାସ୍ତା ଦେଇ ରଘୁନାଥପୁର, ଜାମଶୋଳୀ, ରାଇଡିହି, ଜଜଭୁଟୁ, ତଳସାହି, ଗଡସାହି, ଭୁଡୁରୁବଣୀ, ଧିରିଚାଟିଆଦି ଗ୍ରାମର ଲୋକେ ଯିବା ଆସିବା କରି ଆସୁଛନ୍ତି। ତେବେ ଗତ ୨୬ ତାରିଖରେ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ।


ଭୋଟ ବର୍ଜନ କରିଥିବା ଗ୍ରାମବାସୀ।

# କମ୍ପ୍ୟୁଟର ସାଇନ୍ସରେ ନମ୍ରତା ବିଶ୍ୱବିଦ୍ୟାଳୟ ଟପ୍ପର

## ଜେଏସ୍‌ପି ଫାଉଣ୍ଡେସନ ସହାୟତାରେ ପଢୁଥିଲେ

କେନ୍ଦୁଝର,୧।୬(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରିସ୍ଥିତ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା ବେହେରା କମ୍ପ୍ୟୁଟର ସାଇନ୍ସବିଭାଗ ସ୍ନାତକ ପରୀକ୍ଷାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ସଂସ୍ଥା ଜେଏସ୍‌ପି ଫାଉଣ୍ଡେସନର 'ଯଶସ୍ୱୀ ମେଧାବୃତ୍ତି' ସହାୟତାରେ ଅଧ୍ୟୟନ କରୁଥିଲେ। ନମ୍ରତା ଖିରେଇଟାଙ୍ଗିରୀ ପଞ୍ଚାୟତର ଡଳଙ୍ଗ ଗାଁର ବିଜୟାନନ୍ଦ ବେହେରା ଓ ଗୀତାଞ୍ଜଳୀ ବେହେରାଙ୍କ ଝିଅ। ସେ ପରୀକ୍ଷାରେ ୮୭% ନମ୍ବର ରଖିଥିବା ବେଳେ ମୋଟ ୧୪୦୯ ମାର୍କରୁ ୧୨୧୯ ପ୍ରାପ୍ତ କରିଛନ୍ତି। ଭବିଷ୍ୟତରେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଆଶା ରଖିଛନ୍ତି। ସୂଚନାଯୋଗ୍ୟ, 'ଯଶସ୍ୱୀ ମେଧାବୃତ୍ତି' କାର୍ଯ୍ୟକ୍ରମରେ ଜେଏସ୍‌ପି ଫାଉଣ୍ଡେସନ ଗରିବ ମେଧାବୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷାରେ ସହଯୋଗ କରିଆସୁଛି। ୨୦୨୨ରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଦ୍ୱାରା ୧୧,୦୦୦ ଛାତ୍ରୀ ଉପକୃତ ହୋଇପାରିଛନ୍ତି।

# ମହିଳା ଭାଗବତ ଟୁଙ୍ଗି ପ୍ରତିଷ୍ଠା

ବଉଳା,୧।୬(ଦୁର୍ଗାପ୍ରସାଦ ଆୟଚ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ର ଏଲକଣା ଗ୍ରାମରେ ଦୁର୍ଗା ମାଧବ ମହିଳା ଭାଗବତ ଟୁଙ୍ଗି ପ୍ରତିଷ୍ଠା ହୋଇଛି। ପ୍ରତାପ ଚନ୍ଦ୍ର ବାରିକ, ବିଦ୍ୟୁତ ଦେଓ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ତିଳୋତ୍ତମା ସା, ମଞ୍ଜୁଲତା ରାଉତ, ପାର୍ବତୀ ସାମନ୍ତରାୟ, ଚନ୍ଦ୍ରବତୀ ରାଉତ, ଚମ୍ପାବତୀ ରାଉତ, ପ୍ରଭାତୀ ସା, ମଲ୍ଲିମାଳ ସାବତ୍, ସ୍ୱର୍ଣ୍ଣପ୍ରଭା ମଣ୍ଡଳ ପ୍ରମୁଖ ସଦସ୍ୟା ଉପସ୍ଥିତ ଥିଲେ। ମହିଳା ଭାଗବତ ଟୁଙ୍ଗି ପ୍ରତିଷ୍ଠା ହେବାରୁ ମହିଳାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ନକଲି ଆଇସ୍‌କ୍ରିମ୍ ବିକ୍ରି ଅଭିଯୋଗ

## ସ୍ୱାସ୍ଥ୍ୟ ସହ ଖେଳ

ସୋସୋ,୧।୬(ସତ୍ୟବ୍ରତ ଜେନା)




କେନ୍ଦୁଝର ଜିଲାରେ ଚଳିତ ବର୍ଷ ଗ୍ରୀଷ୍ମର ପ୍ରଭାବ ଅତ୍ୟଧିକ ବୃଦ୍ଧି ପାଇଛି। ଲୋକେ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାନୀୟ, ଆଇସ୍‌କ୍ରିମ୍ ଆଦି ଖାଇବାକୁ ପସନ୍ଦ କରୁଛନ୍ତି। ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ନକଲି ଆଇସ୍‌କ୍ରିମ୍ ବିକ୍ରି କରୁଥିବା ଅଭିଯୋଗ ହେଉଛି। ବିଭିନ୍ନ କମ୍ପାନୀର ଲୋଗୋ ଲଗାଇ ସ୍ୱାସ୍ଥ୍ୟ ପ୍ରତି ଖେଳ ଖେଳୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ, ହାଟଡିହୀ ବ୍ଲକ୍ ଅଣା ଛକ ନିକଟରେ ଥିବା ଏକ ଆଇସ୍‌କ୍ରିମ ପାର୍ଲରରେ ଭଦ୍ରକ ଜିଲାରୁ ଆଇସ୍‌କ୍ରିମ୍ ଆମଦାନୀ ହୋଇ ବିକ୍ରି ହେଉଛି। ବିଏସ୍‌ପି ମିଲ୍କ ପ୍ରଡକ୍ଟ, ଭଦ୍ରକ, ଓଡ଼ିଶାରେ ଏହା ନିର୍ମାଣ ହେଉଥିବା ବେଳେ ଏହାର ପ୍ୟାକିଂ ଓ ବ୍ୟବହାର ଅବଧି ପ୍ୟାକେଟ୍‌ରେ ଉଲ୍ଲେଖ ରହୁନାହିଁ। ଲେଖା ନ ଥିବା ଦେଖିବାକୁ ମିଳିଛି। ଫଳରେ ବହୁଦିନ ରଖି ଆଇସ୍‌କ୍ରିମ୍ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଆଇସ୍‌କ୍ରିମ ପାଟିକୁ ବହୁ ସୁଆଦିଆ ହୋଇଥିବା ବେଳେ ତିଆରି ସମ୍ପର୍କିତ ତଥ୍ୟ ରହୁ ନ ଥିବାରୁ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବୋଲି କୁହାଯାଉଛି। ପାର୍ଲର ମାଲିକ ପ୍ରଦୀପ କୁମାର ମଲ୍ଲିକ କହିଛନ୍ତି, ସେ ଆଇସ୍‌କ୍ରିମ ତିଆରି କରୁନାହାନ୍ତି। ଏହା ଭଦ୍ରକ ଜିଲାରୁ ଆସୁଛି। ସେ ଖାଲି ଷ୍ଟୋରକରି ପିଲା ଲଗାଇ ବିକ୍ରି କରୁଛନ୍ତି। ଆନନ୍ଦପୁର ଫୁଡ୍ ଇନ୍ସପେକ୍ଟର ଅନିଲ ରଣା କହିଛନ୍ତି, ଏହା ଏକ ନିନ୍ଦନୀୟ ଘଟଣା। ସେ ଏହାର ତଦନ୍ତକରି ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।



ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ମରଶରୀରକୁ କେନ୍ଦୁଝର ପୁରୁଣା ସହର ବୈଦରାଜସାହି ଶ୍ମଶାନରେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ୫ ଅପରେଟର, ଜଣେ ଟ୍ରେନର କୋର୍ଟଚାଲାଣ

## ଜାଲ ପ୍ରମାଣପତ୍ରରେ ଠିକା କର୍ମଚାରୀ ନିଯୁକ୍ତି

ବଡ଼ବିଲ,୧।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ପୋଲିସ ଶୁକ୍ରବାର ଏକ ଘରୋଇ କମ୍ପାନୀ ଠିକା ସଂସ୍ଥାରେ ଜାଲ ପ୍ରମାଣପତ୍ରରେ କର୍ମଚାରୀ ନିଯୁକ୍ତି ଅଭିଯୋଗରେ ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ଘଟଣାରେ ୫ ଜଣ ନିଯୁକ୍ତିକାରୀ ଅପରେଟର ଓ ଜଣେ ଟ୍ରେନର ସାମିଲଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ବୋଲାଗଡ଼ ଥାନା ବାଙ୍କୋଇ ବାରବାଟୀ ଗ୍ରାମର ପ୍ରଦୀପ ମଙ୍ଗରାଜ, ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବେଣାଗଡ଼ିଆର ପ୍ରକାଶ ଚନ୍ଦ୍ର ମୁଦୁଲି, ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପଣସୁଡ଼ାର ଡମ୍ପର ଅପରେଟର ଆବୁ କାସିମ ଖାନ, ଢେଙ୍କାନାଳ ଜିଲା ସଦର ଥାନା ସାରକପାଟଣା କାଶିପୁରର ରାମଚନ୍ଦ୍ର ରାଉତ, ଖୋର୍ଦ୍ଧା ଜିଲା ବାଣପୁର ଥାନା ତେନ୍ତୁଳିଡିହର ସୁଶାନ୍ତ ମାନସିଂହ ଓ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଭାଗନଇ ଗ୍ରାମର ଟ୍ରେନର ଅଫ୍ ଟ୍ରେନିଜ୍ ରାଜେଶ ପରିଡ଼ା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ଆଇଟିଏମଏସ (ଇଣ୍ଡଷ୍ଟ୍ରିଆଲ ଟେକନୋ ମ୍ୟାନ ପାୱାର ସପ୍ଲାଇ ଆଣ୍ଡ ସର୍ଭିସେସ) ନାମକ ଠିକାଦାର ସଂସ୍ଥାରେ ୨୦୨୧-୨୦୨୨ରେ ୬୫୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ନିଯୁକ୍ତି ପାଇଥିବା କେତେ ଜଣ କର୍ମଚାରୀଙ୍କ ଆବଶ୍ୟକ ଯୋଗ୍ୟତା ନ ଥିଲେ ହେଁ ଜାଲ ପ୍ରମାଣପତ୍ର ଦେଇ ନିୟୋଜିତ ହୋଇଥିଲେ। ଆଇଟିଏମ୍‌ଏସ୍ କମ୍ପାନୀ ଇନ୍‌ଚାର୍ଜ ଶ୍ରୀକାନ୍ତ ନାରାୟଣ ସେଟ୍ଟୀ ଘଟଣା ସମ୍ପର୍କରେ ଅବଗତ ହେବାପରେ ନିଯୁକ୍ତି ପ୍ରକ୍ରିୟାରେ ସାମିଲଥିବା ଏକ୍ସକେଭେଟର ଅପରେଟର ପ୍ରଦୀପ, ବେଣାଗଡ଼ିଆର ପ୍ରକାଶ, ଡମ୍ପର ଅପରେଟର ଆବୁ କାସିମ, ରାମଚନ୍ଦ୍ର ରାଉତ, ତେନ୍ତୁଳିଡିହର ସୁଶାନ୍ତ ଏବଂ ଟ୍ରେନର ଅଫ ଟ୍ରେନିଜ୍ ରାଜେଶ ପରିଡ଼ାଙ୍କ ନାମରେ ବଡବିଲ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ନେଇ ବଡବିଲ ପୋଲିସ ଏକ ମାମଲା (ନଂ. ୧୮୭/୨୦୨୪)ରୁଜୁ କରିଥିଲା। ଶୁକ୍ରବାର ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରି ରାତିରେ କୋର୍ଟଚାଲାଣ କରିଥିଲା।

# ପଦ୍ମଶ୍ରୀଙ୍କୁ ଅବହେଳା ଅଭିଯୋଗ

କେନ୍ଦୁଝର,୧।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ଶନିବାର କେନ୍ଦୁଝର ପୁରୁଣା ସହର ବୈଦରାଜସାହିର ପୈତୃକ ବାସଭବନରେ ପରଲୋକ ଘଟିଛି। ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କ ଶେଷକୃତ୍ୟ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦେଶ ହୋଇଥିଲା। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଅବହେଳା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହକୁ ଶୋଭାଯାତ୍ରାରେ ନେବା ପାଇଁ ବିନା ସାଜସଜ୍ଜାରେ ଏକ ଆମ୍ବୁଲାନ୍ସକୁ ଘରକୁ ପଠାଯାଇଥିଲା। ଫଳରେ ଉକ୍ତ ଭ୍ୟାନ୍‌କୁ ପରିବାର ଲୋକେ ଫେରାଇ ଦେଇଥିଲେ। ଆଉ ଏକ ଭ୍ୟାନ୍ ଆଣି ଫୁଲରେ ସଜ୍ଜିତକରି ମରଶରୀରକୁ ଶୋଭାଯାତ୍ରାରେ ପୁରୁଣା ସହର ପରିକ୍ରମାକରି ଶ୍ମଶାନକୁ ନିଆଯାଇଥିଲା। ପଦ୍ମଶ୍ରୀଙ୍କ ଝିଅ ସନ୍ଧ୍ୟାରାଣୀ ପହି କହିଛନ୍ତି, ସକାଳ ୬ଟାରେ ଦେହାନ୍ତ ହୋଇଥିବା ସତ୍ତ୍ୱେ ଶେଷକୃତ୍ୟ ଅଢ଼େଇଟାରେ କରାଗଲା। ନିଜେ ଶେଷକୃତ୍ୟ କରିବୁ କୁହାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ପ୍ରଶାସନର ଆୟୋଜନରେ ଦୀର୍ଘ ୮ ଘଣ୍ଟା ଲାଗିଥିଲା। ବିଳମ୍ବରେ ଶେଷକୃତ୍ୟ ପଦ୍ମଶ୍ରୀଙ୍କ ପ୍ରତି ଅବମାନନା ବୋଲି ସେ କହିଛନ୍ତି। ଏପରିକି ତାଙ୍କ ପାଇଁ ଏକ ଘର ଓ ପାଇଖାନା ନିର୍ମାଣ ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ମଧ୍ୟ ସେ ବଞ୍ଚିଥିବା ପର୍ଯ୍ୟନ୍ତ ସରିଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ନାତି ଦେବୁନ କହିଛନ୍ତି, ସକାଳୁ ଦେହାନ୍ତ ହେଲାଣି, ଶହ ଶହ ଲୋକ ଅପେକ୍ଷା କରିଛନ୍ତି କିନ୍ତୁ ପ୍ରଶାସନିକ ଅଧିକାରୀ ଦିନ ୧ଟା ୩୦ରେ ଆସି ପହଞ୍ଚିଥିଲେ। ସାହିରେ କେହି ମୃତ୍ୟୁବରଣ କଲେ ସାହି ଲୋକଙ୍କ ଘରେ ଚୁଲି ଜଳେନାହିଁ। ଏଣୁ ସକାଳେ ଶେଷକୃତ୍ୟ କରିବାକୁ ନିଷ୍ପତ୍ତି ନେଇଥିଲୁ। କିନ୍ତୁ ପ୍ରଶାସନ ପାଇଁ ବହୁ ବିଳମ୍ବ ହେଲା। ଏଥିସହ ଘର ଖଣ୍ଡେ ପାଇଁ ସେ ୩ ଥର ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। କିନ୍ତୁ ଘର ଦେଖିପାରିଲେ ନାହିଁ, ଯାହାକି ଅତ୍ୟନ୍ତ ଦୁଃଖର ବିଷୟ ବୋଲି କହିଛନ୍ତି। ପ୍ରଶାସନର ଏଭଳି ଅବହେଳା ପାଇଁ ସ୍ଥାନୀୟ ଲୋକେ ଏବଂ ତାଙ୍କ ଶୁଭେଚ୍ଛୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ ଲଳିତ ସରୋଗେ କହିଛନ୍ତି, ସେଭଳି କୌଣସି ଅବ୍ୟବସ୍ଥା ହୋଇନାହିଁ। ସେମାନେ ପ୍ରସେଶନ କରିବା ନେଇ କୌଣସି ସୂଚନା ଦେଇ ନ ଥିଲେ। ତାଙ୍କୁ ସମ୍ମାନ ଦେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ସାପ କାମୁଡ଼ାରେ ଶିଶୁ ମୃତ

ପାଟଣା,୧।୬(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ସୋରାସକୋଲା ଗ୍ରାମରେ ଦୁଃଖଦ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁକନ୍ୟା ହେଉଛନ୍ତି ଘଟଗାଁ ଥାନା ବିଣାଝରୀ ଗ୍ରାମର ସ୍ୱର୍ଗତ ପପୁ ନାଏକ, ଚନ୍ଦ୍ରିକା ନାଏକଙ୍କ ଝିଅ ରିନା ନାଏକ(୮)। ରିନା ମାଆଙ୍କ ସହ ସୋରାସକୋଲା ମାମୁ ଇନ୍ଦ୍ରମଣୀ ବେଣ୍ଟକାରଙ୍କ ଘରେ ୩ ମାସ ହେବ ରହି ଆସୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ଏକ ଚିତି ସାପ ତାଙ୍କ ବାମ ଗୋଡ ଆଙ୍ଗୁଳିକୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୩୧/୨୪)ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି। ଶନିବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


## ODISHA PUBLIC SERVICE COMMISSION, CUTTACK

NOTICE

No. 3025 / P.S.C., Dt. 01.06.2024
(1E-06-2024/25) (DR-II)

No. D-63 : In supersession to this office Notice No. 2879/PSC., Dt. 24.05.2024, it is for information of all concerned that the Commission has decided now to reschedule the Preliminary Examination of Odisha Judicial Service - 2023, pursuant to the Advertisement No. 30 of 2023-24, as per the programme below. The centre list & Roll Numbers tagged to each centre shall be published later.

The concerned candidates are advised to visit the website of the Commission (www.opsc.gov.in) regularly for further details.

Programme of Examination

| Date | Time |
|---|---|
| 22.06.2024 (Saturday) | 3.00 P.M. to 4.30 P.M.<br>3.00 P.M. to 5.00 P.M. (for PWD Candidates) |

OIPR-12002/11/0030/2425 Sd./- Additional Secretary - cum - A.C.E.

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ, ଭାରତ ସରକାର)
ପ୍ରକଳ୍ପ ନିୟୋଜନ ୟୁନିଟ୍, ବଡ଼ଡେରା, ମଣ୍ଡୁଆ, କେନ୍ଦୁଝର-୭୫୮୦୧୪, ଓଡ଼ିଶା

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ଆଞ୍ଚଳିକ କାର୍ଯ୍ୟାଳୟ, ଏନ୍‌ଏଚ୍‌ଏଆଇ, ଓଡ଼ିଶାଙ୍କ ଅନୁମୋଦନ ଅନୁସାରେ ସଂଶୋଧିତ ଉପଯୋଗକର୍ତ୍ତା ଶୁଳ୍କ ଦେୟ ହାର ଓଡ଼ିଶା ରାଜ୍ୟର ଚାରିଲେନ୍ ଏନ୍‌ଏଚ୍-୨୧୫ ର ପାଣିକୋଇଲି ଠାରୁ ରିମୁଳି ସେକ୍ସନ ପର୍ଯ୍ୟନ୍ତ ସେକ୍ସନ ୦.୦୦୦ କି.ମି. ଠାରୁ ୧୬୩.୦୦ କି.ମି ପର୍ଯ୍ୟନ୍ତ (ଡିଜାଇନ୍ ଦୈର୍ଘ୍ୟ ୧୬୬.୧୭୩ କି.ମି.)ୟୁଜର ଫି ସଂଶୋଧିତ ହୋଇଛି, ଯାହାକି ୦୩.୦୬.୨୦୨୪ ଠାରୁ ୩୧.୦୩.୨୦୨୫ (ବର୍ଷ ୨୦୨୪-୨୫) ପର୍ଯ୍ୟନ୍ତ ନିମ୍ନଲିଖିତ ଦର ଅନୁସାରେ ଲାଗୁ ହେବ।

(କ) କେନ୍ଦୁଝର ଜିଲ୍ଲାର **ହସନ୍‌ପୁର** ଗ୍ରାମ ନିକଟରେ କି.ମି. ୩୨.୯୦୦ (ଟଙ୍କାରେ)

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ | ଦିନକ ଭିତରେ ଫେରିବା ପାଇଁ ଦେୟ | ମାସରେ ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୯୫ | ୧୪୦ | ୩୧୩୦ | ୪୫ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୫୦ | ୨୩୦ | ୫୦୫୫ | ୭୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ୍) | ୩୨୦ | ୪୭୫ | ୧୦୫୯୫ | ୧୬୦ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୩୪୫ | ୫୨୦ | ୧୧୫୫୫ | ୧୭୫ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ୍) | ୫୦୦ | ୭୫୦ | ୧୬୬୧୫ | ୨୫୦ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୬୦୫ | ୯୧୦ | ୨୦୨୨୫ | ୩୦୫ |

(ଖ) କେନ୍ଦୁଝର ଜିଲ୍ଲାର **ଖଣ୍ଡଘର** ଗ୍ରାମ ନିକଟରେ କି.ମି.୯୧.୯୦୦ (ଟଙ୍କାରେ)

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ | ଦିନକ ଭିତରେ ଫେରିବା ପାଇଁ ଦେୟ | ମାସରେ ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୮୦ | ୧୨୦ | ୨୭୧୦ | ୪୦ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୩୦ | ୧୯୫ | ୪୩୭୫ | ୬୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ୍) | ୨୭୫ | ୪୧୦ | ୯୧୬୫ | ୧୩୫ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୩୦୦ | ୪୫୦ | ୧୦୦୦୦ | ୧୫୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ୍) | ୪୩୦ | ୬୪୫ | ୧୪୩୭୫ | ୨୧୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୫୨୫ | ୭୮୫ | ୧୭୫୦୦ | ୨୬୦ |

(ଗ) କେନ୍ଦୁଝର ଜିଲ୍ଲାର **ବନାଯୋଡ଼ି** ଗ୍ରାମ ନିକଟରେ କି.ମି.୧୩୪.୩୮୦ (ଟଙ୍କାରେ)

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ | ଦିନକ ଭିତରେ ଫେରିବା ପାଇଁ ଦେୟ | ମାସରେ ୫୦ ଥର ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବାଣିଜ୍ୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର୍, ଜୀପ୍, ଭ୍ୟାନ୍ କିମ୍ବା ହାଲୁକା ମଟରଗାଡ଼ି | ୯୦ | ୧୩୫ | ୩୦୪୦ | ୪୫ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୧୪୫ | ୨୨୦ | ୪୯୧୦ | ୭୫ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ୍) | ୩୧୦ | ୪୬୫ | ୧୦୨୯୦ | ୧୫୫ |
| ତିନି ଆକ୍ସେଲ୍ ବାଣିଜ୍ୟିକ ଯାନ | ୩୩୫ | ୫୦୫ | ୧୧୨୨୫ | ୧୭୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି (ଚାରି ରୁ ଛଅ ଆକ୍ସେଲ୍) | ୪୮୫ | ୭୨୫ | ୧୬୧୪୦ | ୨୪୦ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୫୯୦ | ୮୮୫ | ୧୯୬୪୫ | ୨୯୫ |

(୧) ଟୋଲ୍ ପ୍ଲାଜାର ୨୦ କି.ମି ଦୂରତା ମଧ୍ୟରେ ରହୁଥିବା ଅଣ-ବ୍ୟବସାୟିକ ଯାନ ନିମନ୍ତେ ମାସିକ ପାସ୍ ହେଉଛି ଟ. ୩୪୦/-।
(୨) ଉପଯୋଗକର୍ତ୍ତା ଶୁଳ୍କ ଅଧିସୂଚନା ଅନୁଯାୟୀ, ରିହାତି ପ୍ରଦାନକାରୀ ଦେୟ ଦେବାର ତାରିଖ ଠାରୁ ଏକ ମାସ ଅବଧି ମଧ୍ୟରେ ରିହାତି ମୂଲ୍ୟରେ ଦେୟ ଶୁଳ୍କର ୨/୩ ସହିତ ସମାନ ୫୦ କିମ୍ବା ଅଧିକ ଏକ ମାର୍ଗ ଟିକେଟ୍ ପ୍ରଦାନ କରିବେ। ଯଦି କୌଣସି ବ୍ୟକ୍ତି ଏକ ମାସ ଅବଧି ମଧ୍ୟରେ ୫୦ରୁ ଅଧିକ ଯାତ୍ରା କରନ୍ତି ତେବେ ରିହାତି ପ୍ରଦାନକାରୀ ଉପରୋକ୍ତ ଅନୁଯାୟୀ ରିହାତି ଦରରେ ଏହି ଟିକେଟ୍ ଜାରି କରିବାର ଆବଶ୍ୟକତା ରହିଛି (ଅର୍ଥାତ ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା କାର ନିମନ୍ତେ ଏକ ମାସରେ ୬୦ ଯାତ୍ରା କରାଯାଏ ତେବେ ଶୁଳ୍କ ହେବ (୬୦ X ଏକକ ଯାତ୍ରା ପାଇଁ ପ୍ରି-ରାଉଣ୍ଡେଡ ଫି X ନିକଟତମ ୫ ପର୍ଯ୍ୟନ୍ତ ୨/୩ ରାଉଣ୍ଡେଡ)। ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ କରୁଛୁ

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
(ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ)

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚୀତ କରାଯାଉଛି ଯେ, ଓଡ଼ିଶା ରାଜ୍ୟରେ ଏନ୍‌ଏଚ୍-୩୧୬ (ପୁରୁଣା ଏନ୍‌ଏଚ୍-୨୦୩) ର ଭୁବନେଶ୍ୱର-ପୁରୀ ସେକ୍ସନର କି.ମି.୦.୦୦୦ ରୁ କି.ମି.୬୭.୨୩୮ ପାଇଁ ପୁରୀ ଜିଲ୍ଲାରେ କି.ମି. ୨୧.୦୦୦ ରେ ପିପିଲି ଠାରେ ଥିବା ଟୋଲ ପ୍ଲାଜାରେ ୦୩.୦୬.୨୦୨୪ (୦୦.୦୦ଘ.) ରୁ ୩୧.୦୩.୨୦୨୫ ପର୍ଯ୍ୟନ୍ତ ନିମ୍ନପ୍ରକାର ସଂଶୋଧିତ ୟୁଜର ଫି ଲାଗୁ କରାଯିବ।

| ଯାନର ବର୍ଗ | ଏକକ ଯାତ୍ରା କରିବା ପାଇଁ ଶୁଳ୍କ (ଟ.) | ଗୋଟିଏ ଦିନ ମଧ୍ୟରେ ଫେରସ୍ତ ଯାତ୍ରା ପାଇଁ ଶୁଳ୍କ(ଟ.) | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଶୁଳ୍କ (ଟ.) |
|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | 140 | 205 | 4600 |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲ୍‌ବାହୀ ଯାନ କିମ୍ବା ମିନି ବସ୍ | 215 | 325 | 7180 |
| ବସ୍ କିମ୍ବା ଟ୍ରକ୍ | 440 | 660 | 14650 |
| ହେଭି କନ୍‌ଷ୍ଟ୍ରକଶନ ମେସିନାରୀ(ଏଚସିଏମ) କିମ୍ବା ଆର୍ଥ ମୁଭିଂ ଇକ୍ୟୁପମେଣ୍ଟ (ଇଏମଇ) କିମ୍ବା ମଲ୍ଟି ଏକ୍ସଲ ଯାନ (ଏମଏଭି)(୩ ରୁ ୬ ଆକ୍ସେଲ୍) | 675 | 1010 | 22450 |
| ଓଭରସାଇଜ୍ ଯାନ (୭ କିମ୍ବା ଅଧିକ ଆକ୍ସେଲ୍) | 860 | 1290 | 28620 |

ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜ ଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ଟ.୩୪୦/- ହେବ।
ପିଆଇୟୁ-ଭୁବନେଶ୍ୱର, ଏନଏଚଏଆଇ ଇମେଲ୍ : bhu@nhai.org ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

ରାଷ୍ଟ୍ରର୍ ନିର୍ମାଣ, କେବଳ ସଡ଼କ ନୁହେଁ

## National Highways Authority of India
Project Implementation Unit, Chandikhole
NHAI Complex, Neulpur, Chandikhole,
Dist. - Jajpur, Odisha - 755024

NHAI/11014/25/2024/PIU/CDL 02.06.2024

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇଦିଆଯାଉଅଛି ଯେ, ଜାତୀୟ ରାଜପଥ ୧୬ ର ଚଣ୍ଡିଖୋଲ-ଭଦ୍ରକ ଖଣ୍ଡ ର କିମି.୬୨+୦୦୦ ରୁ କିମି.୧୩୬+୫୦୦ ପର୍ଯ୍ୟନ୍ତ (ଦୈର୍ଘ୍ୟ ୭୪.୫୦୦ କିମି.) ବର୍ଷ ୨୦୨୪-୨୦୨୫ ପାଇଁ ୟୁଜର ଫି କୁ ସଂଶୋଧନ କରାଯାଇଅଛି ଏବଂ ନିମ୍ନ ପ୍ରକାରେ ଦିଆଯାଇଥିବା ମୂଲ୍ୟ ତା.୦୩.୦୬.୨୦୨୪ ରିଖ ଠାରୁ କିମି.୧୦୨+୫୦୦ ରେ ଭଦ୍ରକ ଜିଲ୍ଲା ର ଭଗଡା-ନାରାୟଣପୁର ଟୋଲ ପ୍ଲାଜା ରୁ ସଂଗୃହିତ ହେବ। (ଟଙ୍କାରେ)

| ଯାନର ପ୍ରକାର | ଏକତରଫୀ ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୧୫୦ | ୨୨୫ | ୫୦୧୦ | ୭୫ |
| ଲଘୁ ବ୍ୟବସାୟିକ ଯାନ ଲଘୁ ମାଲ୍‌ବାହି ଯାନ ଓ ମିନି ବସ | ୨୪୫ | ୩୬୫ | ୮୦୯୫ | ୧୨୦ |
| ବସ କିମ୍ବା ଟ୍ରକ (୨ ଅଖ) | ୫୧୦ | ୭୬୫ | ୧୬୯୬୫ | ୨୫୫ |
| ବାଣିଜ୍ୟିକ ଯାନ (୩ ଅଖ) | ୫୫୫ | ୮୩୫ | ୧୮୫୦୫ | ୨୮୦ |
| ଏଚସିଏମ କିମ୍ବା ଇଏମଇ ଓ ଏମଏଭି (୪ ରୁ ୬ ଅଖ) | ୮୦୦ | ୧୧୯୫ | ୨୬୬୦୦ | ୪୦୦ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୯୭୦ | ୧୪୫୫ | ୩୨୩୮୫ | ୪୮୫ |

■୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କି.ମି. ଦୂରତା ମଧ୍ୟରେ ରହୁଥିବା ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୪୦.୦୦।
Ph.No.(06725)-291479, Email:piuchandikhole@nhai.org, nhaichandikhole@gmail.com ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

## ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ପ୍ରକଳ୍ପ କାର୍ଯ୍ୟକାରିଣୀ ଏକକ, ସେଣ୍ଟ୍ ଜନ୍ ସ୍କୁଲ୍ ନିକଟ, ଏନ୍‌ଏଚ୍-୬, ସାଖିପଡ଼ା ରୋଡ୍, ସମ୍ବଲପୁର. ଓଡ଼ିଶା -୭୬୮୦୦୬

11040/NHAIPIU/SBP/NH-26(130.280 to 175.880)/Toll/705/2024-25 Dated 31.05.2024

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଅଛି କି ଆଞ୍ଚଳିକ କାର୍ଯ୍ୟାଳୟ, ଏନ୍‌ଏଚ୍‌ଏଆଇ, ଓଡ଼ିଶାଙ୍କ ଅନୁମୋଦନ କ୍ରମେ ଓଡ଼ିଶା ରାଜ୍ୟରେ ଏନ୍‌ଏଚ୍ ୨୬ ଉପରେ ଆମଠ-ଭବାନୀପାଟଣା ଅନ୍ତର୍ଗତ ୧୩୦.୨୮୦ କି.ମି.ରୁ ୧୭୫.୮୮୦ କି.ମି.ଠାରେ ମୋଟ୍ ୪୫.୬୦୦ କି.ମି. ଦୀର୍ଘ ସଡ଼କ ପାଇଁ କଳାହାଣ୍ଡି ଜିଲ୍ଲାର ନୁଁମଥ ଗ୍ରାମରେ ସିଏଚ୍. ୧୩୦.୪୦୦ ଠାରେ ଫି ପ୍ଲାଜାରେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ନିମ୍ନ ପ୍ରଦତ୍ତ ହାରରେ ସଂଶୋଧିତ ବ୍ୟବହାର ଶୁଳ୍କ ତା ୦୩.୦୬.୨୦୨୪ରିଖ ୦୦.୦୦ ଘଟିକାରୁ କାର୍ଯ୍ୟକାରୀ ହେବ। (ଟଙ୍କାରେ)

| କ୍ର. ସଂ. | ଯାନର ପ୍ରକାର | ଏକ ତରଫା ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ମାସରେ ୫୦ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜାର ଜିଲ୍ଲା ଅନ୍ତର୍ଗତ ପଞ୍ଜୀକୃତ ବ୍ୟାବସାୟିକ ଯାନର ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|---|
| ୧ | କାର, ଜୀପ୍, ଭ୍ୟାନ୍ ବା ହାଲୁକା ମୋଟର ଗାଡ଼ି | ୪୦ | ୬୦ | ୧୩୪୦ | ୨୦ |
| ୨ | ହାଲୁକା ବ୍ୟାବସାୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୬୫ | ୯୫ | ୨୧୬୦ | ୩୦ |
| ୩ | ଟ୍ରକ୍ ଏବଂ ବସ୍ (ଦୁଇ ଅଖ ବିଶିଷ୍ଟ) | ୧୩୫ | ୨୦୫ | ୪୫୨୫ | ୭୦ |
| ୪ | ତିନି ଅଖ ବିଶିଷ୍ଟ ବ୍ୟାବସାୟିକ ଯାନ | ୧୫୦ | ୨୨୦ | ୪୯୪୦ | ୭୫ |
| ୫ | ଏଚସିଏମ କିମ୍ବା ଇଏମ୍‌ଇ ଅଥବା ଏମ୍‌ଏଭି (୪-୬ ଅଖ ବିଶିଷ୍ଟ) | ୨୧୫ | ୩୨୦ | ୭୧୦୦ | ୧୦୫ |
| ୬ | ବଡ଼ ଯାନ (୭ ବା ଅଧିକ ଅଖ ବିଶିଷ୍ଟ) | ୨୬୦ | ୩୯୦ | ୮୬୪୫ | ୧୩୦ |

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ଅଣ ବ୍ୟାବସାୟିକ ଯାନ ନିମନ୍ତେ ମାସିକ ପାସ୍ ଦର **୩୪୦ଟଙ୍କା** ଯାହା ପ୍ରତିବର୍ଷ କଥିତ ଆଇନରେ ଥିବା ପ୍ରାବଧାନ ଅନୁସାରେ ସଂଶୋଧିତ ହେବ। FASTag ସମସ୍ତ ଯାନ ପାଇଁ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ବ୍ୟବହାରକାରୀମାନଙ୍କୁ FASTag କ୍ରୟ କରିବାକୁ ପରାମର୍ଶ ଦିଆଯାଉଛି।
ଫୋନ୍ ନଂ. (୦୬୬୩)୨୫୪୮୯୬୬
Email:piusambalpur@nhai.org, nhaisambalpur@gmail.com.
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

ରାଷ୍ଟ୍ରର ନିର୍ମାଣ ମଧ୍ୟ, କେବଳ ସଡ଼କ ନୁହେଁ

## National Highways Authority of India
Project Implementation Unit, Sambalpur
Sarlakani Chowk, Infront of St.John's School Near NH-6
Sakhipara Road, Sambalpur, Odisha-768006
भारतमाला प्रगति के पथ पर अग्रसर

11040/NHAIPIU/SBP/NH57(140.900 to 224.900)/TOLL/706/2024-25 31.05.2024

ସର୍ବସାଧାରଣ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟର ସମୁଦାୟ ରାସ୍ତା ର ଦୈର୍ଘ୍ୟ ୮୩.୮୦୦ କିମି ପାଇଁ ଏନଏଚ-୫୭ ରେ କିମି ୧୪୦.୯୦୦ ଠାରୁ କିମି ୨୨୪.୧୮୦ ଅଦେନିଗଡ଼ା ଠାରୁ ମାଇଛେଳି ପର୍ଯ୍ୟନ୍ତ ସେକ୍ସନର କିମି.୧୯୦.୦୫୦ ରେ ନୟାଗଡ଼ ଜିଲ୍ଲା ର ରଙ୍ଗମାଟିଆ ଗ୍ରାମରେ ଫି ପ୍ଲାଜା ଲାଗି ୨୦୨୪-୨୫ ପାଇଁ ୟୁଜର ଫି ମୂଲ୍ୟରେ ସଂଶୋଧନ ୦୩.୦୬.୨୦୨୪, ୦.୦୦ଘ. ଠାରୁ କାର୍ଯ୍ୟକାରୀ ହେବ। (ଟଙ୍କାରେ)

| ଯାନର ପ୍ରକାର | ଏକତରଫୀ ଯାତ୍ରା ନିମନ୍ତେ ଦେୟ | ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ଯାତ୍ରା ପାଇଁ ଦେୟ | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ପାଇଁ ଦେୟ | ଫି ପ୍ଲାଜା ଜିଲ୍ଲା ମଧ୍ୟରେ ପଞ୍ଜୀକୃତ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏକକ ଯାତ୍ରା ପାଇଁ ଦେୟ |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ଲଘୁ ଯାନ | ୭୫ | ୧୧୦ | ୨୪୪୫ | ୩୫ |
| ଲଘୁ ବ୍ୟବସାୟିକ ଯାନ ଲଘୁ ମାଲ୍‌ବାହି ଯାନ ଓ ମିନି ବସ | ୧୨୦ | ୧୮୦ | ୩୯୪୫ | ୬୦ |
| ବସ କିମ୍ବା ଟ୍ରକ (୨ ଅଖ) | ୨୫୦ | ୩୭୦ | ୮୨୭୦ | ୧୨୫ |
| ବାଣିଜ୍ୟିକ ଯାନ (୩ ଅଖ) | ୨୭୦ | ୪୦୫ | ୯୦୨୦ | ୧୩୫ |
| ଏଚସିଏମ କିମ୍ବା ଇଏମଇ ଓ ଏମଏଭି (୪ ରୁ ୬ ଅଖ) | ୩୯୦ | ୫୮୫ | ୧୨୯୬୫ | ୧୯୫ |
| ଅତି ବୃହତ ଯାନ (୭ କିମ୍ବା ତଦୁର୍ଦ୍ଧ ଅଖ) | ୪୭୫ | ୭୧୦ | ୧୫୭୮୫ | ୨୩୫ |

କଥିତ ନିୟମ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ବର୍ଷ ସଂଶୋଧନ ବିଷୟ ଉପରେ ନିର୍ଭର କରି ୨୦୨୪-୨୫ ବର୍ଷ ଲାଗି ଉପରୋକ୍ତ ଟୋଲ ପ୍ଲାଜାଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ ଦର ରହିବ ଟ.୩୪୦.୦୦। ସବୁ ଗାଡ଼ି ଗୁଡ଼ିକ ପାଇଁ ଫାଷ୍ଟ ଟ୍ୟାଗ ବାଧ୍ୟତାମୂଳକ ହୋଇଥିବାରୁ ସମସ୍ତ ୟୁଜରମାନଙ୍କୁ ଫାଷ୍ଟଟ୍ୟାଗ କ୍ରୟ କରିବାକୁ ଅନୁରୋଧ କରାଯାଉଛି।
ଫୋନ-(୦୬୬୩)୨୫୪୮୯୬୬, ଇମେଲ: piusambalpur@nhai.org, nhaisambalpur@gmail.com ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ






ଭୋଟ ଦେବା ଅବସରରେ ଧାମନଗର ଭାଜପା ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ। ସ୍ତ୍ରୀଙ୍କ ସହ ଭଣ୍ଡାରିପୋଖରୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ। ଭଦ୍ରକ ଭାଜପା ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର ଓ ବାସୁଦେବପୁର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ।






ଭୋଟ ଦେବା ପରେ ସ୍ତ୍ରୀଙ୍କ ସହ ବାସୁଦେବପୁର ଭାଜପା ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି। ଜଣେ ଅସୁସ୍ଥ ମହିଳାଙ୍କୁ ଭୋଟ୍ ପାଇଁ ନିଆଯାଉଛି। ବାସୁଦେବପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ ଦାସ ଓ ବୁଥ୍ ପରିସରରେ ଭଦ୍ରକର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ।

## ୧୩୯ ବୁଥ୍‌ରେ ଭୋଟଗ୍ରହଣ

ବନ୍ତ,୧।୬ (ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର ୧୩୯ ବୁଥ୍‌ରେ ଶନିବାର ଭୋଟଗ୍ରହଣ ହୋଇଛି। ସେଥିମଧ୍ୟରୁ ୧୦ ପିଙ୍କ୍, ୩୦ ମିକ୍ସ ବୁଥ୍, ୭ ମଡେଲ, ୮୩ ୱେବ କାଷ୍ଟିଙ୍ଗ ବୁଥ୍ ଏବଂ ୨ଟି ଭିଡିଓ ସୁଟିଂ ବୁଥ୍ ହୋଇଥିଲା। ସକାଳେ ଗୋପୀନାଥପୁର ପଞ୍ଚାୟତର ତାଜିପୁର ୧୦ନଂ. ବୁଥ୍, ପୁରୁଷଣ୍ଡ ପଞ୍ଚାୟତର ପୁରୁଷଣ୍ଡ ସ୍କୁଲରେ ହୋଇଥିବା ୨୮ ଓ ୩୦ ନମ୍ବର, ଗିଲୋ ପଞ୍ଚାୟତର ନୋଡାଲ ହାଇସ୍କୁଲର ୮୪ ନମ୍ବର ବୁଥ୍, ଗଣିଜାଙ୍ଗ ପଞ୍ଚାୟତର ନେହେରୁ ଉଚ୍ଚ ବିଦ୍ୟାପୀଠ, ଛୟାଳସିଂହ ପଞ୍ଚାୟତର ହାଟଡିହି ସ୍କୁଲ ସମେତ ନିଲୋକ, ବସନ୍ତିଆ ଆଦି କେତେକ ବୁଥ୍‌ରେ ଇଭିଏମ୍ ତ୍ରୁଟି ପରିଲକ୍ଷିତ ହୋଇଥିଲା। ନିଲୋକ ପଞ୍ଚାୟତର ଓଳମ, ସେଣ୍ଡତୀରା ପଞ୍ଚାୟତର ଶିଆଳିଆ, ଗିଲୋ ପଞ୍ଚାୟତର ନୋଡାଲ ହାଇସ୍କୁଲ ବୁଥ୍, ମହାନ୍ତିପଡ଼ା ପଞ୍ଚାୟତର ସ୍କୁଲ ବୁଥ୍‌ରେ ଭୋଟ ଦେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସମସ୍ତ ବୁଥ୍‌ରେ ଦିବ୍ୟାଙ୍ଗ ମତଦାତାଙ୍କ ପାଇଁ ହ୍ୱିଲ୍‌ଚେୟାର ବ୍ୟବସ୍ଥା କରାଯାଇଥିଲା। ଅଧିକାଂଶ ବୁଥ୍‌ରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ଭାବେ ଧାଡ଼ିରେ ନ ଯାଇ ପ୍ରଥମେ ମତଦାନ କରିବାର ସୁଯୋଗ ଦିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅନେକ ମଡେଲ ବୁଥ୍‌ରେ ସୁନ୍ଦର ଭାବେ ବ୍ୟବସ୍ଥା କରାଯାଇଥିଲା। ଅନ୍ୟ କୌଣସି ବୁଥ୍‌ରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳି ନ ଥିବାବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଅସହ୍ୟ ଖରା ଓ ଗୁଳୁଗୁଳି ଯୋଗୁ ପ୍ରତି ଗ୍ରାମ ଛକରେ ଗ୍ରାମବାସୀ ଥଣ୍ଡା ପାନୀୟ ବ୍ୟବସ୍ଥା କରିଥିଲେ।

# ନିର୍ଦ୍ଧାରିତ ସମୟ ପରେ ବି ବୁଥ୍‌ରେ ଲମ୍ବାଧାଡ଼ି

ଭଦ୍ରକ,୧।୬ (ସନାତନ ରାଉତ)



ଭରସିଂହପୁର ବୁଥ୍‌ରେ ଧାଡ଼ିରେ ଛିଡ଼ା ହୋଇଛନ୍ତି ଭୋଟର।

- ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ, ମତଦାନ ବିଳମ୍ବ
- ଅପରାହ୍ନ ୫ଟା ସୁଦ୍ଧା ୫୬.୬୮ ପ୍ରତିଶତ ମତଦାନ

ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଶନିବାର ଭଦ୍ରକ ଜିଲାରେ କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଛି। ତେବେ ବିଭିନ୍ନ ବୁଥ୍‌ରେ ଅଚଳ ହୋଇଯାଇଥିଲା। ଫଳରେ ମତଦାନରେ ବିଳମ୍ବ ହୋଇଥିଲା। ଜିଲାରେ ୧୨ ଲକ୍ଷ ୮୬ ହଜାର ୩୭୭ ଭୋଟର ଲୋକ ସଭା ଓ ୫ ବିଧାନସଭା ଆସନ ପାଇଁ ୧୩୧୨ ବୁଥ୍‌ରେ ମତଦାନ କରିବାକୁ ବ୍ୟବସ୍ଥା କରାଯାଇଥିଲା। ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ୫ଟା ସୁଦ୍ଧା ୫୬.୬୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଭଣ୍ଡାରିପୋଖରୀରେ ୫୪.୦୭ ପ୍ରତିଶତ, ଭଦ୍ରକରେ ୫୫.୦୬, ବାସୁଦେବପୁରରେ ୫୬.୦୫, ଧାମନଗରରେ ୫୩.୦୪ ଏବଂ ଚାନ୍ଦବାଲିରେ ସର୍ବାଧିକ ୬୩.୧୫ ପ୍ରତିଶତ ମତଦାନ ହୋଇଛି।

ଜିଲାର ଭଦ୍ରକ ବିଧାନସଭା କ୍ଷେତ୍ର ଅଧୀନ ବଳଭଦ୍ରପୁର ୨୧୩, ୧୮୧, ୨୨୪ ନମ୍ବର ବୁଥ୍, ଭଣ୍ଡାରିପୋଖରୀର ୧୪୨, ୪୭, ଧାମନଗରର ୧୯୩ ନଂ. ବୁଥ୍, ବାସୁଦେବପୁରର ୫୭ ନମ୍ବର ଆଦି ବୁଥ୍‌ରେ ଇଭିଏମ୍ ଅଚଳ ଯୋଗୁ ମତଦାନରେ ଭୋଟ୍‌ରେ ବିଳମ୍ବ ହୋଇଥିବା ସୂଚନା ମିଳିଛି। ଭଦ୍ରକ ବିଧାନସଭା କ୍ଷେତ୍ର ଅଧୀନ ୪ ନମ୍ବର ବୁଥ୍ ମୁକ୍ତାଡିରେ ସ୍ୱାମୀଙ୍କ ଭୁଜାଲି ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ମତଦାନ ବନ୍ଦ ରହିଥିଲା। ଅପରପକ୍ଷେ କେତୋଟି ବୁଥ୍‌ରେ ନିର୍ଦ୍ଧାରିତ ସମୟ ପରେ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ୧୭ ନଂ. ବୁଥ୍ ଚାରିଗାଁରେ ସନ୍ଧ୍ୟା ୭ଟା ପରେ ମଧ୍ୟ ମତଦାନ ଜାରି ରହିଥିଲା। ଭୋଟର ସଂଖ୍ୟା ୧୪୯୯ ଥିବାରୁ ମତଦାନରେ ଅଧିକ ସମୟ ଲାଗିଥିବା ଜଣାପଡ଼ିଛି। ଅନ୍ୟ କେତୋଟି ବୁଥ୍‌ରେ ମଧ୍ୟ ଅଧିକ ସମୟ ଯାଏ ଭୋଟଗ୍ରହଣ ହୋଇଛି। କେତେକ ବୁଥ୍‌ରେ ଆରମ୍ଭରୁ ଇଭିଏମ୍ ଅଚଳ ହୋଇଥିବା ବେଳେ ଅନ୍ୟ କେତେକ ବୁଥ୍‌ରେ ଭୋଟଦାନ ମଝିରେ ଅଚଳ ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ କେତେକ ବୁଥ୍‌ରେ ଇଭିଏମ୍ ବଦଳାଇବାକୁ ପଡ଼ିଥିଲା। ସେହିପରି ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଭାଟପଡ଼ା ପଞ୍ଚାୟତ ନାଉଗରଡ଼ା ୧୬୧ ନମ୍ବର ବୁଥ୍‌ରେ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ୨ ଜଣ ଆହତ ହୋଇଛନ୍ତି। ଭାଜପା କର୍ମୀ ଧନେଶ୍ୱର ପରିଡ଼ା ଓ ବିଜେଡି କର୍ମୀ ବିଚିତ୍ର ସାମଲ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

## ଇଭିଏମ୍‌ରେ ସିଲ୍ ୫୪ ପ୍ରାର୍ଥୀଙ୍କ ଭାଗ୍ୟ

ଭଦ୍ରକ ଲୋକ ସଭା ଓ ୫ ବିଧାନସଭା ଆସନ ପାଇଁ ୫୪ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଲୋକସଭା ପାଇଁ ୮ ଜଣ ପ୍ରାର୍ଥୀ ଥିବାବେଳେ ଭଦ୍ରକ ବିଧାନସଭା ଆସନ ପାଇଁ ୮ ପ୍ରାର୍ଥୀ, ଭଣ୍ଡାରିପୋଖରୀର ୧୩, ଧାମନଗରର ୮, ବାସୁଦେବପୁରର ୭ ଓ ଚାନ୍ଦବାଲିର ୧୦ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୪୬ ଜଣ ବିଧାୟକ ପ୍ରାର୍ଥୀ ରହିଛନ୍ତି।

## ଧାଡ଼ିରେ ଆସି ଭୋଟ ଦେଲେ ମଞ୍ଜୁଲତା

ଭଦ୍ରକ ବିଜେଡି ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଧାଡ଼ିରେ ଯାଇ ନିଜର ମତଦାନ କରିଛନ୍ତି। ସେ ପୁନର୍ବାର ବିଜେଡିରୁ ଭଦ୍ରକ ଲୋକ ସଭା ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ୱାମୀ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସହ ବାସୁଦେବପୁର ବ୍ଲକ କାଞ୍ଚିଖିଆ ସ୍କୁଲ ୧୪୭ ନମ୍ବର ବୁଥ୍‌ରେ ଭୋଟ୍ ଦେଇଥିଲେ। ଗଣତନ୍ତ୍ରର ମହାନ୍ ପର୍ବରେ ସେ ସାମିଲ ହୋଇଥିବା ବେଳେ ସମସ୍ତେ ନିଜର ଭୋଟଦାନ କରିବା ଗଣତନ୍ତ୍ରର ଅଧିକାର ବୋଲି କହିଥିଲେ।

## 'ପ୍ରଥମ ଥର ଭୋଟ ଦେଇ ଖୁସି ଲାଗିଲା'

ନିର୍ବାଚନରେ ଗୋଟିଏ ଭୋଟ୍ ଅମୂଲ୍ୟ। ପ୍ରଥମ ଥର ଭୋଟ୍ ଦେଇଥିବାରୁ ଖୁସି ଅନୁଭବ କରୁଛି। ପରିବାର ସହ ସମସ୍ତେ ଆସି ଭୋଟ୍ ଦେଇଛନ୍ତି। ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ପର୍ବକୁ ଛୁଟିଦିନ ନ ଭାବି ସମସ୍ତେ ଭୋଟ ଦେବା ଉଚିତ୍, ଏହା ଆମର ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ପ୍ରଥମଥର ଭୋଟ ଦେଇଥିବା ଭଦ୍ରକ ପୌରପାଳିକା ୧୧ନଂ ୱାର୍ଡ ନରିପୁରର ରିଷବ ଦେଶାଇ କହିଛନ୍ତି। ସେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ମତଦାନ କରିଛନ୍ତି। ସେ କୋଲକାତାରେ ବିବିଏ କରୁଛନ୍ତି। ଭୋଟ ଦେବା ପାଇଁ ଘରକୁ ଆସିଥିବା ସେ କହିଥିଲେ।

## ଇଭିଏମ୍‌ରେ ତ୍ରୁଟି, ମତଦାନରେ ବିଳମ୍ବ

ତିହିଡ଼ି,୧।୬(ସଞ୍ଜିତ ବଳ)

ଭଦ୍ରକ ଜିଲା ଧାମନଗର ଓ ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ବିଭିନ୍ନ ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ହୋଇଛି। କେତେକ ସ୍ଥାନରେ ଇଭିଏମ୍ ବଦଳାଇବାକୁ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାରୁ ଭୋଟରମାନେ ଲମ୍ବା ଧାଡ଼ିରେ ଠିଆ ହୋଇ ରହିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତାଳପଦା ୟୁଜିଏମ୍‌ଇ ସ୍କୁଲର ୬୩ ନଂ. ବୁଥ୍‌ରେ ୧୩ଜଣ ଭୋଟର ମତଦାନ କରିବା ପରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ଫଳରେ ମତଦାନ ବନ୍ଦ ରହିଥିଲା। କେନ୍ଦ୍ରର ପ୍ରିଜାଇଡିଂ ଅଫିସର ଏ ସମ୍ପର୍କରେ ତହସିଲଦାର, ବିଡିଓ ପ୍ରମୁଖଙ୍କୁ ଜଣାଇ ତୁରନ୍ତ ନୂତନ ଇଭିଏମ୍ ଯୋଗାଇ ଦେବାକୁ ସୂଚନା ଦେଇଥିଲେ। ତେବେ ୨ ଘଣ୍ଟା ପରେ ନୂତନ ଇଭିଏମ୍ ଆସିଥିଲେ ମଧ୍ୟ ତାହା ବି ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା। ପୁଣିଥରେ ଇଭିଏମ୍ ବଦଳାଯିବା ପରେ ମତଦାନ ଆରମ୍ଭ ହୋଇଥିଲା। ସେହିପରି ତାଳପଦା ସରକାରୀ ବାଳିକା ହାଇସ୍କୁଲ, ବୀଣାପାଣି ହାଇସ୍କୁଲ, ବାରୋ ନୋଡାଲ ହାଇସ୍କୁଲ, କୋହ୍ଲ ଏମ୍‌ଇ ସ୍କୁଲ, ଗୋଳାପୋଖରୀ ୟୁଜିଏମ୍‌ଇ ସ୍କୁଲ, ଶଙ୍ଖିଡ଼ା ପ୍ରାଥମିକ ସ୍କୁଲ, ଧୂଳିପଦା ହାଇସ୍କୁଲ ଆଦି ସ୍ଥାନରେ ହୋଇଥିବା ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ଭୋଟ୍‌ଗ୍ରହଣ ବିଳମ୍ବ ହୋଇଥିଲା।

## ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ




ଭଣ୍ଡାରିପୋଖରୀ,୧।୬(ରାଜେନ୍ଦ୍ର ଶତପଥି)

କାଁ ଭାଁ ଗଣ୍ଡଗୋଳ ବ୍ୟତୀତ ଭଣ୍ଡାରିପୋଖରୀ ବ୍ଲକର ୧୨୦ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରର ୧,୨୨,୯୭୪ ପୁରୁଷ, ୧,୧୭,୧୪୨ ମହିଳା ଓ ୧୭ ଜଣ ତୃତୀୟ ଲିଙ୍ଗୀ ଭୋଟର ୧୩ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିଛନ୍ତି। ୨୨ଟି ବୁଥ୍ ଉତ୍ତେଜନାପ୍ରବଣ ଚିହ୍ନଟ କରାଯାଇ ସଶସ୍ତ୍ର ସୁରକ୍ଷା ବଳ ମୁତୟନ କରାଯାଇଥିଲା। ସେହିପରି ଷୋଳମପୁର ଓ ନାଆଁମୀ ବୁଥ୍‌କୁ ଅତି ଉତ୍ତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇ ବ୍ୟାପକ ସଶସ୍ତ୍ର ସୁରକ୍ଷା ବଳ ମୁତୟନ କରାଯାଇଥିଲା। ବ୍ଲକ ଅଞ୍ଚଳକୁ ୧୧ଟି ସେକ୍ଟରରେ ବିଭକ୍ତ କରାଯାଇ ପ୍ରତ୍ୟେକ ସେକ୍ଟରରେ ଜଣେ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିଡିଓ ଦେବଦତ୍ତ ଦାଶ ଓ ତହସିଲଦାର ସରୋଜକାନ୍ତ ନାୟକ ତଦାରଖ କରିଥିଲେ।

# ଅବ୍ୟବସ୍ଥା ନେଇ ଅସନ୍ତୋଷ




ଭୈରବପୁର ସ୍କୁଲ ବୁଥ୍‌ରେ ଖରାରେ ଲମ୍ବାଧାଡ଼ିରେ ମତଦାତାମାନେ ଛିଡ଼ା ହୋଇଛନ୍ତି।

ବାସୁଦେବପୁର,୧।୬ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରପାଳିକାର ୬୬ନଂ. ବୁଥ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ବେଳେ ଅବ୍ୟବସ୍ଥାକୁ ନେଇ ଜନଅସନ୍ତୋଷ ଦେଖାଦେଇଥିଲା। ଏହି ଭୋଟଗ୍ରହଣ କେନ୍ଦ୍ରରେ ୧୩୪୩ ଭୋଟର ଥିବାବେଳେ ସେମାନଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଖରା ହେଉଥିବା ବେଳେ ସ୍କୁଲ ପରିସରରେ ଭୋଟରଙ୍କ ନିମନ୍ତେ ଅସ୍ଥାୟୀ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଭୋଟରମାନେ ପ୍ରବଳ ଖରାରେ ଲମ୍ବାଧାଡ଼ିରେ ଛିଡ଼ା ହୋଇ ଭୋଟ ଦେବାକୁ ବାଧ୍ୟ ହୋଇଥିଲେ। ମଧ୍ୟାହ୍ନରେ ମେଶିନ ଅଚଳ ହୋଇପଡ଼ିବାରୁ ପ୍ରାୟ ଦେଢ଼ ଘଣ୍ଟା ମତଦାନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପ୍ରକ୍ରିୟା ସ୍ୱାଭାବିକ ହେବା ପରେ ଭୋଟଦାନ ଆରମ୍ଭ ହୋଇଥିଲା। ଅପରାହ୍ନ ୬ଟା ପରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଭୋଟର ଲମ୍ବା ଲାଇନରେ ରହି ଭୋଟ ଦେଇଥିଲେ। ଅତ୍ୟଧିକ ଗରମ ଯୋଗୁ ୨/୩ ମହିଳା ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ନିର୍ବାଚନ କମିଶନ ପକ୍ଷରୁ ଭୋଟରଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥାର ଘୋଷଣା କରାଯାଇଥିବା ବେଳେ ଏପରି ଅବ୍ୟବସ୍ଥାକୁ ନେଇ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଧାମନଗରରେ ଭୋଟ୍ ଦେବାକୁ ଉତ୍ସାହ

ଧାମନଗର, ୧।୬ (ଦେବେନ୍ଦ୍ର ଆଦ୍ୟିଆ)

ଧାମନଗରରେ କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ଶାନ୍ତିଶୃଙ୍ଖଳାରେ ଭୋଟଗ୍ରହଣ ଶେଷ ହୋଇଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ସତ୍ତ୍ୱେ ଭୋଟ ଦେବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ଦୋବଲ ପଞ୍ଚାୟତର ୧୫୧ ନମ୍ବର ବୁଥ୍‌ରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଧାମନଗର ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିଥିଲେ। ସେହିପରି ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ୧୪୦ ନମ୍ବର ବୁଥ୍‌ରେ ଭାଜପା ଓ ବିଜେଡିର ଦୁଇଜଣ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ପୋଲିସ ଜଣଙ୍କୁ ଉଠାଇ ନେଇଥିବା ଜଣାଯାଇଛି। ବିଭିନ୍ନ ସ୍ଥାନରେ ଭୋଟରମାନଙ୍କୁ ପ୍ରଭାବିତ କରାଯାଉଥିବାର ଆରୋପ କରାଯାଇଛି। କେତେକ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ଭୋଟ ଦେବାରେ ସାମାନ୍ୟ ବିଳମ୍ବ ହୋଇଥିଲା।

## ସିରିଏଲ୍ ନମ୍ବର ଅଦଳବଦଳ, ୯ଟାରେ ଆରମ୍ଭ ହେଲା ମତଦାନ

ଚାନ୍ଦବାଲି,୧।୬ (କିଷାନ ପାତ୍ର)

ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଆରମ୍ଭରୁ କିଛି ବୁଥ୍‌ରେ ଇଭିଏମ୍ ମେଶିନ ଖରାପ କାରଣରୁ ମତଦାନ ବିଳମ୍ବ ହୋଇଥିଲା। ଚଢ଼ଦିଆ ପଞ୍ଚାୟତର ବୁଥ୍ ନମ୍ବର ୨୩୯ ଓ ୨୪୦ରେ ଦୁଇଟି ବିଧାନସଭା ଇଭିଏମ୍ ମେଶିନରେ ସିରିଏଲ ନମ୍ବର ଅଦଳ ବଦଳ ହୋଇଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମତଦାନ କେନ୍ଦ୍ର ପ୍ରାୟ ୨ ଘଣ୍ଟା ବନ୍ଦ ରହିଥିବା ବେଳେ ଲୋକେ ବୁଥ୍ ଆଗରେ ହୋହଲ୍ଲା କରିଥିଲେ। ବିଡିଓ ଅସିତ କୁମାର ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ସକାଳ ୯ଟାରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଚିଙ୍ଗୁଡ଼ିପୁର ୧୪୨ ନମ୍ବର ବୁଥ୍‌ରେ ଭୋଟ୍ ଦେଇଥିବା ବେଳେ ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଓରାସାହି ପଞ୍ଚାୟତ ବାଘନଟା ଗାଁର ୨୨୬ ନଂ. ବୁଥ୍‌ରେ ମତଦାନ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଅମିୟ ମହାପାତ୍ର କଇଥଖୋଲା ପଞ୍ଚାୟତର ପୂର୍ଣ୍ଣପ୍ରସାଦ ୧୪୩ ନଂ. ବୁଥ୍‌ରେ ଭୋଟ୍ ଦେଇଥିଲେ। ଭୋଟ ଚାଲିଥିବା ସମୟରେ ଘଣ୍ଟେଶ୍ୱର ଗୋପୀନାଥପୁର ପଞ୍ଚାୟତର ହଳଦିଆ ବୁଥ୍‌ରେ ବିଜେଡି କର୍ମୀମାନେ ସିସିଟିଭି ତାର କାଟି ଭୋଟ୍ ରିଗିଂ କରିଥିବା ଭାଜପା କର୍ମୀମାନେ ଫୋନ ମାଧ୍ୟମରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

# ଭୋଟ୍ ଦେଲେ ପ୍ରାର୍ଥୀ

**ବାଲେଶ୍ୱର(ମାନସ ବିଶ୍ୱାଳ)/ ଜଳେଶ୍ୱର(ନବୀନ ସାହୁ)/ଖଇରା (ଉତ୍କଳବନ୍ଧୁ ପଣ୍ଡା), ୧।୬**

ରାଜ୍ୟରେ ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଜିଲା ସଂସଦୀୟ କ୍ଷେତ୍ରରେ ଥିବା ୭ଟି ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ବାଲାଟ୍ ଭୋଟିଂକୁ ବାଦ୍ ଦେବା ପରେ ପ୍ରାୟ ୬୮.୧୩% ମତଦାନ ହୋଇଛି। ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ୬୬.୫୩%, ଭୋଗରାଇ ନିର୍ବାଚନମଣ୍ଡଳୀରେ ୬୬.୦୩%, ବସ୍ତା ନିର୍ବାଚନମଣ୍ଡଳୀରେ ୬୭.୧୦%, ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ୭୨.୯୦%, ରେମୁଣା ନିର୍ବାଚନମଣ୍ଡଳୀରେ ୭୦.୪୬%, ନୀଳଗିରି ନିର୍ବାଚନମଣ୍ଡଳୀରେ ୬୨.୧୫% ଓ ବଡ଼ସାହି ନିର୍ବାଚନମଣ୍ଡଳୀରେ ୭୨.୨୦% ମତଦାନ ହୋଇଛି।

ଗଣତନ୍ତ୍ରର ଏହି ମହାପର୍ବରେ ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାମିଲ ହୋଇ ନୀଳଗିରି ନିଜ ଗାଁ ମାଟି ଧୋବଶିଳା ଗାଁର ୯୩ ନଂ. ବୁଥ୍‌ରେ ମତଦାନ କରିଛନ୍ତି। ସେହିପରି ବିଜେଡି ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର ନିଜର ଶାଶୁ ଘର ଗାଁ ନୀଳଗିରି ବ୍ଲକ କାଂଶ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୫ ନଂ. ବୁଥ୍‌ରେ ମତଦାନ କରିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ଭାଜପା ଏବଂ ବିଜେଡି ପ୍ରାର୍ଥୀ ମତ ସାବ୍ୟସ୍ତ କରିଛନ୍ତି। ଆଜିମାବାଦ ୧୬୨ ନଂ. ବୁଥ୍‌ରେ ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ ନିଜର ମତ ସାବ୍ୟସ୍ତ କରିଛନ୍ତି। ସେହିପରି ବାଲେଶ୍ୱର ଭାଜପା ବିଧାୟକ ପ୍ରାର୍ଥୀ ମାନସ ଦତ୍ତ ଗୋଳାପୋଖରୀସ୍ଥିତ ହାଜିନାସିରୁଦ୍ଦିନ ସ୍କୁଲ ବୁଥ୍ ନଂ. ୧୧୮ରେ ମତଦାନ କରିଛନ୍ତି। ସେହିପରି ଅନ୍ୟ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ନିଜର ବୁଥ୍‌ରେ ମତଦାନ କରିଥିବା ଜଣାପଡ଼ିଛି। ବାଲେଶ୍ୱରବାସୀ ପ୍ରବଳ ଗରମ ଗୁଳୁଗୁଳିରେ ମତଦାନ କରିବାକୁ ଆସିଥିବାରୁ ପ୍ରାର୍ଥୀମାନେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଜଳେଶ୍ୱର ବିଧାନସଭା କ୍ଷେତ୍ରରେ ଶନିବାର ୨୫୨ଟି ଭୋଟ କେନ୍ଦ୍ରରେ ଭୋଟ୍ ଗ୍ରହଣ ହୋଇଛି। ଆରମ୍ଭରୁ କିଛି ଭୋଟ୍ କେନ୍ଦ୍ରରେ ନିର୍ବାଚନ ଇଭିଏମ୍ ଅଚଳ ହେବାରୁ ଦୁଇ ଚାରି ଘଣ୍ଟା ବିଳମ୍ବରେ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। କେତେକ କେନ୍ଦ୍ରରେ ପ୍ରବଳ ଖରା ଓ ପାନୀୟ ଜଳ ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର ନିଜ ଗାଁ ଖୁଆଡ଼ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୨୭ ନଂ. ବୁଥ୍‌ରେ ଭୋଟ୍ ଦେଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସ ଏବଂ ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଦିବ୍ୟକାମ୍ ମହାନ୍ତି ନିଜ ନିଜ ବୁଥ୍‌ରେ ଭୋଟ ଦେଇଥିଲେ।

ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ବ୍ଲକରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ ୩୫ ନମ୍ବର ଗଣ୍ଡିବେଡ ସରକାରୀ ହାଇସ୍କୁଲ ବୁଥରେ ନିଜର ମତଦାନ କରିବା ପରେ ସମ୍ବିଧାନକୁ ସମ୍ମାନ ଜଣାଇ ଗଣତନ୍ତ୍ରରେ ଭୋଟଦାନକୁ ନେଇ ନିଜର ଖୁସି ଜାହିର କରିଥିଲେ। ଯୁବ ଭୋଟରମାନେ ସରକାରୀ ଗଠନ ପ୍ରକ୍ରିୟାରେ ନିଜ ଭାଗିଦାରୀ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିଭଳି କାକୁଡିଆ ସରକାରୀ ୟୁପି ସ୍କୁଲର ୧୦ନମ୍ବର ବୁଥରେ ମତଦାନ ସାବ୍ୟସ୍ତ କରିଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା । ଏଥର ରାଜ୍ୟ ଓ କେନ୍ଦ୍ରରେ ପରିବର୍ତ୍ତନ ହେବ । ଏବଂ କଂଗ୍ରେସ ସରକାର ଗଠନ କରିବ ବୋଲି ଖବରଦାତାମାନଙ୍କ ଆଗରେ ପ୍ରକାଶ କରିଛନ୍ତି।


ମାନସ ଦତ୍ତ
ବାଲେଶ୍ୱର ଭାଜପା ବିଧାୟକ ପ୍ରାର୍ଥୀ


ରବୀନ୍ଦ୍ର ଅଣ୍ଡିଆ
ବସ୍ତା ଭାଜପା ବିଧାୟକ ପ୍ରାର୍ଥୀ


ଗୋବିନ୍ଦ ଚନ୍ଦ୍ର ଦାସ
ରେମୁଣା ଭାଜପା ବିଧାୟକ ପ୍ରାର୍ଥୀ



ଗୌତମବୁଦ୍ଧ ଦାସ
ଭୋଗରାଇ ବିଜେଡି ବିଧାୟକ ପ୍ରାର୍ଥୀ


ସତ୍ୟଶିବ ଦାସ
ଭୋଗରାଇ କଂଗ୍ରେସ ବିଧାୟକ ପ୍ରାର୍ଥୀ


ହିମାଂଶୁ ଶେଖର ବେହେରା
ସିମୁଳିଆ କଂଗ୍ରେସ ବିଧାୟକ ପ୍ରାର୍ଥୀ


ବ୍ରଜମୋହନ ପ୍ରଧାନ
ଜଳେଶ୍ୱର ଭାଜପା ବିଧାୟକ ପ୍ରାର୍ଥୀ

## ମତଦାନ କେନ୍ଦ୍ରରେ ଅଘଟଣ

# ଅଂଶୁଘାତରେ ବୃଦ୍ଧ ଭୋଟରଙ୍କ ମୃତ୍ୟୁ


ମେଡିକାଲରୁ ରିକ୍ସାରେ ମୃତଦେହ ନିଆଯାଉଛି।

**ରୂପସା, ୧।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ଗଡ଼ପଦା ପଞ୍ଚାୟତ ଅଧୀନ ହୀରାପୁର ସରକାରୀ ହାଇସ୍କୁଲ ମତଦାନ କେନ୍ଦ୍ରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବୃଦ୍ଧ ଭୋଟର ୩୬ ନଂ. ବୁଥ୍‌ରେ ଭୋଟ ଦେଇ ସାରି ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ହୀରାପୁର ନାଗାଖଣି ଗ୍ରାମର ବୀରେନ୍ଦ୍ର ଟୁଡୁ (୭୯)। ପରିବାର ଲୋକେ ମୃତଦେହ ଆଣିବା ପାଇଁ ଡାକ୍ତରଖାନା ପହଞ୍ଚିଥିଲେ ମଧ୍ୟ କୌଣସି ଭ୍ୟାନ ନ ମିଳିବାରୁ ରିକ୍ସାରେ ଆଣିବା ପାଇଁ ବାଧ୍ୟ ହୋଇଥିଲେ।

ଶନିବାର ଦ୍ୱିପ୍ରହର ସମୟରେ ବୀରେନ୍ଦ୍ର ମତଦାନ କେନ୍ଦ୍ରରେ ଭୋଟ୍ ଦେଇସାରି ସ୍କୁଲ ପରିସରରେ ଥିବା ଏକ ଗଛ ମୂଳରେ ବସିଥିଲେ। ପ୍ରବଳ ଗରମ ଓ ଗୁଳୁଗୁଳିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ୱାର୍ଡସଭ୍ୟ ଫକୀରମୋହନ ପ୍ରଧାନ, ଜିତେନ୍ଦ୍ର ପଣ୍ଡା ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ରୂପସା ଗୋଷ୍ଠୀ

### ରିକ୍ସାରେ ବୁହାଗଲା ମୃତଦେହ

ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବତନ ସରପଞ୍ଚ ତଥା ରାଉତପଡ଼ା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ପୂର୍ବତନ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ଗାଁ ମୁଖିଆ ବାବୁଲି ବାସ୍କେ, ସୀମଲ ଟୁଡୁ, ବାଇଧର ବାସ୍କେ, ବବଲୁ ମାଝି ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ମୃତ ବୀରେନ୍ଦ୍ରଙ୍କ ଦୁଇ ପୁଅ କେରଳ ଓ ହାଇଦ୍ରାବାଦରେ ଦାଦନ ଖଟିବାକୁ ଯାଇଛନ୍ତି। ତାଙ୍କର ସ୍ତ୍ରୀ ହୀରାମଣି, ଦୁଇ ପୁତ୍ରବଧୂ ଯବା, ମୀନତି ଓ ସମ୍ପର୍କୀୟ ପହଞ୍ଚି ଘରକୁ ମୃତଦେହ ଆଣିବା ପାଇଁ ଯାଇଥିଲେ। ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦୀର୍ଘ ୨ କି.ମି. ରିକ୍ସାରେ ମୃତଦେହକୁ ରୂପସା ବଜାର ଦେଇ ଗାଁକୁ ଆଣିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭୋଟ ଦେବାକୁ ଆସି ଟଳିପଡ଼ିଲେ ବୃଦ୍ଧ

**ନୀଳଗିରି, ୧।୬(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲାରେ ଶନିବାର ଭୋଟଦାନ ଚାଲିଥିବା ବେଳେ ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ଈଶ୍ୱରପୁର ୧୫୯ ନଂ. ବୁଥରେ ଭୋଟ ଦେବାକୁ ଆସିଥିବା ଜଣେ ୮୫ବର୍ଷୀୟ ବୃଦ୍ଧଙ୍କ ଜୀବନ ଯାଇଛି। ସେ ହେଲେ ଈଶ୍ୱରପୁର ଅଞ୍ଚଳର ସୁରେନ୍ଦ୍ର ମହାନ୍ତି। ସୁରେନ୍ଦ୍ର ନିଜ ସ୍ତ୍ରୀଙ୍କ ସହିତ ଭୋଟ୍ ଦେବା ପାଇଁ ବୁଥ୍ ମଧ୍ୟରେ ପ୍ରବେଶ କରିସାରିଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ନିକଟସ୍ଥ ଈଶ୍ୱରପୁର ହସ୍ପିଟାଲ୍ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସୁରେନ୍ଦ୍ରଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଧାଡ଼ିରେ ଆସି ଭୋଟ୍ ଦେବାକୁ କୁହାଯାଇଥିଲା। ଅସହ୍ୟ ଗୁଳୁଗୁଳି ସହିତ ବୟସ୍କ ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା କହିଛନ୍ତି।



କଳ୍ପନା ସାହୁ



ରଚିତା ପାଢ଼ୀ


ବିଜୟ କୁମାର ପୃଷ୍ଟି

# ପ୍ରଥମ ମତଦାନ ମନେରହିବ

**ବାଲେଶ୍ୱର, ୧।୬(ମାନସ ବିଶ୍ୱାଳ)**

ପ୍ରଥମକରି ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ଅତ୍ୟନ୍ତ ଖୁସି ପ୍ରକାଶ କରିଛନ୍ତି ନୂଆ ଭୋଟର। ପ୍ରତ୍ୟେକ ନାଗରିକଙ୍କ ପାଇଁ ନିଜର ମତଦାନ ବହୁତ ମୂଲ୍ୟବାନ ଓ ତାହା ଦେଶର ବିକାଶରେ ସହାୟକ ହେବ ବୋଲି ଅନୁଭବ କରିଛନ୍ତି ନୂଆ କରି ଭୋଟ ଦେଇଥିବା ବାଲେଶ୍ୱର ଜିଲାର କେତେଜଣ ଭୋଟର। କଳ୍ପନା ସାହୁ କୁହନ୍ତି, ପ୍ରଥମଥର ଭୋଟ୍ ଦେଇଛି। ଉପଯୁକ୍ତ ପ୍ରାର୍ଥୀଙ୍କ ପାଇଁ ମୋ ଭୋଟ୍। ଅର୍ଥବଳ କିମ୍ବା କାହାରି ପ୍ରରୋଚନାରେ ନିଜକୁ ସାମିଲ ନ କରି କେବଳ ମୋ ନିଜ ଅଞ୍ଚଳର ଓ ରାଷ୍ଟ୍ରର ହିତସାଧନ କରୁଥିବା ପ୍ରାର୍ଥୀଙ୍କ ପାଇଁ ମୋର ମତଦାନ ବୋଲି କହିଛନ୍ତି। ରଚିତା ପାଢ଼ୀ କୁହନ୍ତି, ପ୍ରଥମଥର ପାଇଁ ଭୋଟ୍ ଦେଇଥିବାରୁ ଅତ୍ୟନ୍ତ ଖୁସି। ଆଗରୁ ପରିବାରର ସମସ୍ତେ ଭୋଟ୍ ଦେଉଥିବା ବେଳେ ମୁଁ ଦେଇ ପାରୁ ନ ଥିବାରୁ ଦୁଃଖ ଲାଗୁଥିଲା। ତେବେ ଆଜି ଦେଶର ଏକ ନାଗରିକ ହିସାବରେ ଏହି ମହାପର୍ବରେ ସାମିଲ ହୋଇପାରିଛି। ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଅଲିପୁର ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ପରିସରରେ ପ୍ରଥମ ଭୋଟ ଦେବା ପରେ ବିଜୟ କୁମାର ପୃଷ୍ଟି ବେଶ ଖୁସି ବ୍ୟକ୍ତ କରିଛନ୍ତି। ଏହି ପର୍ବରେ ସେ ପ୍ରଥମ କରି ମତଦାନ କରିଥିବାରୁ ଏହି ଅନୁଭୂତି ସବୁଦିନ ପାଇଁ ମନେ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

# ଇଭିଏମ୍ ଅଚଳ, ଦେଢ଼ଘଣ୍ଟା ଭୋଟିଂ ବନ୍ଦ

**ବାହାନଗା, ୧।୬(ଅରୂପ୍ କୁମାର ଦାସ)**

### ଅସହ୍ୟ ଗରମରେ ଜଣେ ଅସୁସ୍ଥ

ସୋର ନିର୍ବାଚନମଣ୍ଡଳୀ ବାହାନଗା ବ୍ଲକର ୧୨୧ ନମ୍ବର ବୁଥ୍‌ରେ ୧ ଘଣ୍ଟା ଧରି ଭୋଟିଂ ଚାଲିଥିବା ବେଳେ ଲୋକସଭା ପାଇଁ ହେଉଥିବା ଇଭିଏମ ମେସିନ୍ ଟି ଠିକ୍ ୮ ଟା ସମୟରେ ଖରାପ ହୋଇଯାଇଥିଲା । ଖବର ପାଇଁ ନିର୍ବାଚନ ଦାୟିତ୍ୱରେ ଥିବା ବିଡିଓ ନିରଞ୍ଜନ ସେଠୀ ଓ ନୋଡାଲ ଅଧିକାରୀଙ୍କ ସମେତ କର୍ମଚାରୀମାନେ ପହଞ୍ଚି ମେଶିନ୍‌କୁ ସିଲ୍ କରି ପୁନର୍ବାର ନୂତନ ମେଶିନ ସଂଯୋଗ କରିଥିଲେ । ଫଳରେ ୯ଟା ୧୫ରେ ଭୋଟିଂ ଆରମ୍ଭ ହୋଇଥିଲା । ଯାହାକି ୧ ଘଣ୍ଟା ୧୫ ମିନିଟି ଭୋଟଦାନ ବନ୍ଦ ଥିଲା। ଅସହ୍ୟ ଗରମରେ ଜଣେ ବୟସ୍କ ଲୋକ ଅସୁସ୍ଥ ହୋଇପଡିଥିଲେ । ତୁରନ୍ତ ଡାକ୍ତରୀ ଦଳ ବୁଥ୍‌ରେ ପହଞ୍ଚି ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଥିଲେ। ପୁନର୍ବାର ସେହି ବୁଥ୍‌ରେ ଭୋଟିଂ ଚାଲିଥିବା ବେଳେ ୧୦ଟା ୪୪ ମିନିଟ୍‌ରେ ଇଭିଏମ ଅଚଳ ହୋଇଯାଇଥିଲା। ପୁଣି ୧୫ ମିନିଟ୍ ଭୋଟଦାନ ବନ୍ଦ ରହିଥିଲା। ଫଳରେ ଲୋକମାନେ ଛିଡା ହୋଇ ବିରକ୍ତି ଭାବେ ପ୍ରକାଶ କରିବା ସହିତ ଉତ୍ତେଜନା ଦେଖାଦେଇଥିଲା। ମାତ୍ର ବ୍ଲକରେ ଥିବା ୧୧୮ଟି ବୁଥ୍ ମଧ୍ୟରୁ ମୁଗୁନିପୁର, ପଣ୍ଡାହରିପୁର, ଝଳଝଳିଆ, କରଞ୍ଜାବିନ୍ଧାରେ ଇଭିଏମ ଖରାପ ହୋଇଯାଇଥିଲା। ତେବେ ଶତକଡା ୭୦ଭାଗ ଭୋଟିଂ ହୋଇଥିବା ଜଣାପଡିଛି।



ରେମୁଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା 'ସଖୀ' ମତଦାନ କେନ୍ଦ୍ରରେ ଭୋଟର।

### ମହିଳା ପୋଲିଂ ଅଫିସର ଅସୁସ୍ଥ

ବସ୍ତା, ୧।୬(ହରିଶଙ୍କର ପାଢୀ)– ବସ୍ତା ବ୍ଲକ ୨ ନଂ. ବୁଥ –ବଇଞ୍ଚା ପ୍ରାଥମିକ ବିଦ୍ୟାଳୟରେ ଶନିବାର ମତଦାନ ଚାଲିଥିବା ବେଳେ ରାତି ପ୍ରାୟ ୯ଟା ବେଳେ ଜଣେ ମହିଳା ପୋଲିଂ ଅଫିସର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଛି।

# ଭୋଟ୍ ବର୍ଜନ କଲେ ଗ୍ରାମବାସୀ

**ବାଲେଶ୍ୱର ଅଫିସ, ୧।୬**

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀର ରଣସାହି ପଞ୍ଚାୟତ ୫ନଂ. ୱାର୍ଡ଼ର ତେରୁଗାଁ ଓ ଅଠଳାମାଳ ଗ୍ରାମର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ନ ଥିବା, ରାସ୍ତା ଶୋଚନୀୟ ଓ ପାନୀୟଜଳ ଘୋର ଅଭାବ ଥିଲେ ମଧ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ଏନେଇ କୌଣସି ପ୍ରତିକାର କରିନାହାନ୍ତି। ଏହାର ପ୍ରତିବାଦରେ ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ଭୋଟବର୍ଜନ କରିଥିବା ଜଣାପଡ଼ିଛି।



ଭୋଟ୍ ବର୍ଜନ କରିଥିବା ଗ୍ରାମବାସୀ।

# ଭୋଟ ଦେବାକୁ ଆସିଲେନି ୨ ଶହ ଭୋଟର

**ସିମୁଳିଆ, ୧।୬(ସନ୍ତୋଷ ନାୟକ)**

ଗାଁରେ ବିଜୁଳି, ପାଣି ଓ ସଡ଼କ ବ୍ୟବସ୍ଥା ନ ଥିବାରୁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଡ଼ା ପଞ୍ଚାୟତ ଦକ୍ଷିଣଅଡ଼ା ମହିଁଷାମୁଣ୍ଡା ଆଦିବାସୀ ସାହିର ୨ଶହ ଭୋଟର ଭୋଟ ବର୍ଜନ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଦାବି ଓ ଲୋକପ୍ରତିନିଧିମାନଙ୍କ ପ୍ରତିଶ୍ରୁତି ପରେ ମଧ୍ୟ କୌଣସି କାର୍ଯ୍ୟ କରାଯାଇ ନ ଥିବା ଯୋଗୁ କୌଣସି ମତଦାତା ବୁଥ୍‌ରେ ପହଞ୍ଚି ନ ଥିବା ଜଣାଯାଇଛି ।

ଶେଷ ପର୍ଯ୍ୟାୟ ମତଦାନ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ସକାଳ ୭ଟାରୁ ଏହି ମତଦାନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ବାଉରିପଦା, ବଣା, କୁପୁରା, ବରି ଆଦି ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ ହୋଇପଡିବା ଯୋଗୁ ମତଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଛି। ସେହିପରି ମାର୍କୋଣାର ରଘୁନାରାୟଣ ସରକାରୀ ହାଇସ୍କୁଲ ପରିସରରେ ପରିଚାଳିତ ସଖୀ ବୁଥ୍‌ରେ ଜଳ ଅବ୍ୟବସ୍ଥା, ବରିଷ୍ଠମାନଙ୍କ ପାଇଁ କୌଣସି ସୁବିଧା ନ ଥିବା ସହିତ ଅଫିସରମାନେ ଠିକ୍ ଢଙ୍ଗରେ କାମ କରୁ ନ ଥିବା ଏହି ବୁଥ୍‌କୁ ଭୋଟ ଦେବା ପାଇଁ ଆସିଥିବା ବରି ହାଇସ୍କୁଲର ଅବସର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାଳିକ କହିଥିଲେ। ସେହିପରି ନିର୍ବାଚନ ପରିଚାଳନାରେ ତ୍ରୁଟି ଥିବା ମାର୍କୋଣା ଅଞ୍ଚଳର ବରିଷ୍ଠ ନାଗରିକ ବାଳକୃଷ୍ଣ ନନ୍ଦ ଅଭିଯୋଗ କରିଥିଲେ। ବିଭିନ୍ନ ଶିକ୍ଷାକେନ୍ଦ୍ରରେ ପାଇଖାନା, ପାଣି, ଫ୍ୟାନ୍‌ର ବ୍ୟାପକ ଅବ୍ୟବସ୍ଥା ଯୋଗୁ ନିର୍ବାଚନ ପାଇଁ ବୁଥ୍‌ରେ ରହିଥିବା କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ନିର୍ବାଚନ ଦାୟିତ୍ୱରେ ଥିବା ଶିକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ପାଇଁ ଯାତାୟାତ ବ୍ୟବସ୍ଥା କରା ନ ଯିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି।


ବଙ୍ଗାଳପୁର ମତଦାନ କେନ୍ଦ୍ରରେ ବିଏଲ୍‌ଓ ଲକ୍ଷ୍ମୀଧର ଜେନା ଭୋଟରମାନଙ୍କୁ ସୂଚନା ପ୍ରଦାନ କରୁଛନ୍ତି।

# ମଲାଇକା, ଅର୍ଜୁନଙ୍କ ବ୍ରେକ୍‌ଅପ୍



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋଡ଼ା ଓ ଅଭିନେତା ଅର୍ଜୁନ କପୁର ୨୦୧୮ରୁ ପରସ୍ପରକୁ ଡେଟ୍ କରି ଆସୁଥିଲେ। ସେମାନେ ପ୍ରାରମ୍ଭରେ ନିଜ ସମ୍ପର୍କକୁ ଗୁପ୍ତ ରଖିଥିଲେ ମଧ୍ୟ ଅନେକ ସ୍ଥାନରେ ଦୁହେଁ ଏକାଠି ନଜର ଆସିଥିଲେ। ୨୦୧୯ରେ ଉଭୟେ ନିଜ ସମ୍ପର୍କକୁ ସାର୍ବଜନୀନ କରିଥିଲେ। କିନ୍ତୁ ବୟସ ପାର୍ଥକ୍ୟ ଯୋଗୁ ଉଭୟଙ୍କୁ ବହୁବାର ଟ୍ରୋଲ୍‌ର ସାମ୍ନା କରିବାକୁ ପଡିଥିଲା। ମଲାଇକା ଅର୍ଜୁନଙ୍କଠାରୁ ୧୨ ବର୍ଷ ବଡ଼ ହୋଇଥିବାରୁ ତାଙ୍କର ଏହି ସମ୍ପର୍କ ଉପରେ ଅନେକ ପ୍ରଶ୍ନ ଉଠାଉଥିଲେ। ଦୀର୍ଘବର୍ଷ ଧରି ରିଲେଶନ୍‌ସିପ୍‌ରେ ରହିବା ପରେ ଦୁହିଁଙ୍କର ବ୍ରେକ୍‌ଅପ୍ ହୋଇଥିବା ନେଇ ଏବେ ଏକ ରିପୋର୍ଟ ସାମ୍ନାକୁ ଆସିଛି। ଉକ୍ତ ରିପୋର୍ଟ ଅନୁଯାୟୀ ମଲାଇକା ଏବଂ ଅର୍ଜୁନ ପାରସ୍ପରିକ ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବ୍ରେକ୍‌ଅପ୍ ପରେ ମଧ୍ୟ ଉଭୟେ ଭଲ ବନ୍ଧୁ ପରି ରହିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। କୌଣସି ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା କିମ୍ବା ମତଭେଦ ହୋଇନାହିଁ। ଭବିଷ୍ୟତରେ ସେମାନେ ପରସ୍ପରକୁ ସମର୍ଥନ ମଧ୍ୟ କରିବେ। ତେବେ ବ୍ରେକ୍‌ଅପ୍ ନେଇ ଉଭୟ ମଲାଇକା ଏବଂ ଅର୍ଜୁନ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ରଖିନାହାନ୍ତି। ମଲାଇକା ୧୯୯୭ରେ ବଲିଉଡ୍ ଅଭିନେତା ତଥା ଫିଲ୍ମ ନିର୍ମାତା ଅର୍‌ବାଜ୍ ଖାନ୍‌ଙ୍କୁ ବିବାହ କରିଥିଲେ। ବିବାହର ୨୦ ବର୍ଷ ପରେ ୨୦୧୭ରେ ଉଭୟ ଅର୍‌ବାଜ୍ ଏବଂ ମଲାଇକା ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ଦୁହିଁଙ୍କର ଅର୍‌ହାନ ଖାନ୍ ନାମକ ଜଣେ ପୁଅ ମଧ୍ୟ ରହିଛନ୍ତି। ଏହାପରେ ମଲାଇକା ଅର୍ଜୁନଙ୍କ ସହ ଡେଟ୍ କରିବା ଆରମ୍ଭ କରିଥିବାବେଳେ, ୨୦୨୩ ଡିସେମ୍ବର ୨୩ରେ ଅର୍‌ବାଜ୍ ସୁରା ଖାନଙ୍କୁ ବିବାହ କରିଥିଲେ।

ସମ୍ପ୍ରତି ଅର୍ଜୁନ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ସିଙ୍ଘମ୍ ଏଗେନ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଏହି ଫିଲ୍ମରେ ଖଳନାୟକ ଭୂମିକାରେ ନଜର ଆସିବେ। ସେହିପରି ଜାତୀୟସ୍ତରରେ ଅନେକ ନୃତ୍ୟ ଏବଂ ମନୋରଞ୍ଜନ ଧର୍ମୀ ଶୋ'ଗୁଡ଼ିକରେ ମଲାଇକା ବିଚାରପତି ଭାବେ ନଜର ଆସୁଛନ୍ତି।

# ନାକରେ ଟାଇପ୍ କରି ଗିନିଜ ୱାର୍ଲ୍ଡ ରେକର୍ଡ

## ୩ୟ ଥର ନିଜ ରେକର୍ଡ ଭାଙ୍ଗିଲେ



ନୂଆଦିଲ୍ଲୀ

୪୪ ବର୍ଷୀୟ ବିନୋଦ କୁମାର ଚୌଧୁରୀ ନାମକ ଜଣେ ଭାରତୀୟ ବ୍ୟକ୍ତି ହାତରେ ନୁହେଁ ବରଂ ନିଜ ନାକରେ ଟାଇପ୍ କରି ତୃତୀୟ ଥର ପାଇଁ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ସହ ନିଜ ପୂର୍ବ ରେକର୍ଡକୁ ଭାଙ୍ଗିଛନ୍ତି। ସେ ସବୁଠାରୁ ଦ୍ରୁତ ଗତିରେ ନିଜ ନାକରେ ବର୍ଣ୍ଣମାଳା ଟାଇପ୍ କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଏହିପରି ସେ ୨ ଥର ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଥିଲେ।

ଗିନିଜ ୱାର୍ଲ୍ଡ ରେକର୍ଡସ (ଜିଡବ୍ଲ୍ୟୁଆର) ଅନୁଯାୟୀ, ବିନୋଦ ସମାନ ଶ୍ରେଣୀରେ ତୃତୀୟ ଥର ପାଇଁ ନିଜ ରେକର୍ଡକୁ ଭାଙ୍ଗିଛନ୍ତି। ସେ ୨୦୨୩ରେ ପ୍ରଥମ ଥର ପାଇଁ ମାତ୍ର ୨୭.୮୦ ସେକେଣ୍ଡରେ ନାକରେ ଟାଇପ୍ କରି ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲେ। ସେହିବର୍ଷ ସେ ୨୬.୭୩ ସେକେଣ୍ଡରେ ଟାଇପ୍ କରି ଦ୍ୱିତୀୟ ଥର ପାଇଁ ଏହି ଟାଇଟଲ୍ ଜିତିଥିଲେ। ଚଳିତ ଥର ବିନୋଦ ଏହି କାର୍ଯ୍ୟକୁ ମାତ୍ର ୨୫.୬୬ ସେକେଣ୍ଡରେ ସମାପ୍ତ କରି ଇତିହାସ ରଚିଛନ୍ତି। ଜିଡବ୍ଲ୍ୟୁଆର ଏନେଇ ନିଜ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛି। ଏହି କ୍ଲିପ୍‌ରେ ବିନୋଦ ନିଜ ନାକରେ ଇଂରାଜୀ ବର୍ଣ୍ଣମାଳା ଟାଇପ୍ କରୁଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟର କ୍ୟାପଶନରେ ଜିଡବ୍ଲ୍ୟୁଆର ପକ୍ଷରୁ ଲେଖାଯାଇଛି "ଟାଇପିଂ ମ୍ୟାନ୍ ଅଫ୍ ଇଣ୍ଡିଆ" ଭାବରେ ଜଣାଶୁଣା ବିନୋଦ ନିଜ ନାକ ସହ ମାତ୍ର ୨୫.୬୬ ସେକେଣ୍ଡରେ ସମ୍ପୂର୍ଣ୍ଣ ବର୍ଣ୍ଣମାଳାକୁ ଟାଇପ କରିଦେଇଛନ୍ତି। ସେ ନିଜ ନାକରେ ଏକ ମାନକ କ୍ୱେର୍ଟୀ କି-ବୋର୍ଡରେ ରୋମାନ୍ ବର୍ଣ୍ଣମାଳା ଟାଇପ୍ କରି ଏହି ସଫଳତା ପାଇଛନ୍ତି। ତେବେ ନିଜର ପୂର୍ବ ରେକର୍ଡକୁ ଭାଙ୍ଗିବା ପାଇଁ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଅଭ୍ୟାସ କରିବାକୁ ପଡିଥିଲା ବୋଲି ଏହି ଅବସରରେ ବିନୋଦ କହିଛନ୍ତି।

# ୧୧ ଥର ପରୀକ୍ଷା ଦେଇ ମାଟ୍ରିକ୍ ପାସ୍



କୃଷ୍ଣ ନାମଦେବ ମୁଣ୍ଡେ

ବିଡ୍

ମହାରାଷ୍ଟ୍ରର ବିଡ୍ ଜିଲା ପାର୍ଲୀ ସ୍ଥିତ ରତ୍ନେଶ୍ୱର ବିଦ୍ୟାଳୟର କୃଷ୍ଣ ନାମଦେବ ମୁଣ୍ଡେ ନାମକ ଜଣେ ଛାତ୍ର ଏକାଦଶତମ ପ୍ରୟାସରେ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଉଦାହରଣ ସୃଷ୍ଟି କରିଛନ୍ତି। ବହୁ ବର୍ଷର ଅକ୍ଳାନ୍ତ ପରିଶ୍ରମ ପରେ କୃଷ୍ଣଙ୍କର ଏହି ସଫଳତା କେବଳ ତାଙ୍କ ପରିବାର ନୁହେଁ ବରଂ ତାଙ୍କ ବନ୍ଧୁ, ପରିଜନ, ପଡ଼ୋଶୀଙ୍କୁ ପ୍ରେରଣା ଯୋଗାଇପାରିଛି। ତାଙ୍କର ଏହି ସଫଳତାରେ ଗ୍ରାମବାସୀ ଖୁସିରେ ବିଭୋର ହୋଇ ଏକ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ। ୨୦୧୮ରୁ ୧୦ ଥର ନିରାଶାର ସମ୍ମୁଖୀନ ହୋଇଥିଲେ ମଧ୍ୟ କୃଷ୍ଣ କେବେ ହତାଶ ହୋଇ ନିଜ ସଂକଳ୍ପକୁ ଅଧାରେ ଛାଡ଼ିଦେଇ ନ ଥିଲେ। ଚଳିତ ବର୍ଷ ମହାରାଷ୍ଟ୍ରର ଦଶମ ବୋର୍ଡ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଯେକୌଣସି ଆହ୍ୱାନକୁ ସାମ୍ନା କରାଯାଇପାରେ, ଏହା ସେ ପ୍ରମାଣ କରି ଦେଖାଇଛନ୍ତି।


# Government of Odisha
# Higher Education Department

## Important notice for the applicants seeking admission into U.G. Courses under SAMS for Academic Session - 2024-2025

No. N-09: Timeline for e-Admission in all (+3) Degree Colleges (Govt./Non-Govt. Aided College/ Unaided (Degree) Colleges/ Govt. and Non-Govt. Aided/Unaided Sanskrit (Shastri) Colleges/ Universities imparting UG Courses) including Self Financing (Degree) Colleges of the State under Student Academic Management System (SAMS) is given below. Any changes in the timeline will be published in the newspapers as well as on the website www.samsodisha.gov.in. Kindly refer the Common Prospectus (CP) before filling up the CAF. The key points of U.G. e- admission for the academic session 2024-25 are as follows:

- 4 Year integrated B.A. B.Ed. / B.Sc. B.Ed. courses running at the following HEIs are included in the SAMS e- Admission process.
  - a. Gangadhar Meher University, Sambalpur
  - b. Utkal University, Bhubaneswar
  - c. Ravenshaw University, Cuttack
  - d. S.C.S (Auto) College, Puri
  - e. M.P.C. (Auto) College, Baripada, Mayurbhanj
  - f. Fakir Mohan (Auto) College, Balasore
- **Admission to the B.Sc. ITM program at Ravenshaw University, Cuttack and the B.Sc. IST program at Gangadhar University, Sambalpur** will be conducted through the SAMS U.G. (Degree) portal.
- Admission into the **3-year BBA and BCA programs at Government and Aided HEIs (excluding those running in PPP mode)** has been included in the SAMS U.G. portal. Applicants can visit the eligibility criteria section of the Common Prospectus to view the requirements for enrollment in these programs.
- Admission into 5 years Integrated MBA (IMBA) and 5 years Integrated MCA (IMCA) at Utkal University will be conducted through the SAMS U.G. (Degree) portal.
- Admission into **5 years Integrated B.A (LLB) course at Madhusudan Law University, Cuttack** will also be conducted through the SAMS U.G. (Degree) portal.
- Admission into 3 Years LL.B Course at Madhusudan Law University, Cuttack will be conducted after publication of Graduation (+3) results by all the Universities and Autonomous Colleges of the State for the Academic Session 2024-25 separately.
- **The Phase-I will consist of 4 rounds of selection**. The reservation and weightage will be continued for 1st and 2nd rounds of selection. **In the 3rd round, the de-reservation of seats will be carried out in case of absence of the eligible applicants of a specific category**. The 4th round will be the last round for Phase-I, which will be a **Waiting List Round** and the selection will be purely on merit basis.
- Applicants who got selected and taken admission during the **Phase-I admission process (1st, 2nd, 3rd or Waiting List Round) in any Honor's subject at any Higher Education Institutions (HEIs) will not be eligible to participate in Phase-II and Phase-III admission processes**. This implies, only the **left-out applicants** *(who have passed instant/supplementary exam or the applicants who have not been admitted to any of the HEIs in Phase-I admission process due to any reason)* will be allowed to participate in the Phase-II and Phase-III admission processes.
- During filling up the CAF, applicants are advised to enter **Name, Father's Name, Mother Name and Date of Birth as mentioned in 10th certificate**.
- From this Academic Session: 2024-25, both Temporary & Permanent type PwD applicants (40% & above) will get the reservation benefits in admission. **In addition to the current PwD reservation, the allotment of seats for PWD applicants for each subject should not be more than 10% of the intake capacity**.
- Applicants who got a seat in a round are advised to do the following options after publication round- wise selection:

**Freeze:-** If an applicant is satisfied with the allotted seat i.e. **both the HEI and Subject, S/he can choose this option**. After selecting the **"Freeze"** option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. **The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.**

**Slide:-** If an applicant has accepted the allotted seat **but also wants for a better Subject as well as HEI in his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated.** The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.

**Float:-** If an applicant has accepted the allotted seat and also wishes a better Subject in their higher choice of subjects in the same HEI, s/he can choose this option. **After selecting the "Float" option, applicants have to pay the admission fees for that seat allocated.** The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.

- **Sports certificates obtained at the level of Schools (10th or below) will not be eligible to get any weightage marks for admission into U.G. Courses.** Applicants, who have obtained the Sports Certificate at the level of Higher Secondary (+2)/Equivalent shall only be given a weightage mark for admission into U.G. Courses.
- Any discrepancy that occurs during the admission period at the Institution level, the verifying Officers, Admission in-Charge and the Data Entry Operator (DEO) will be held responsible. They have to submit an undertaking in the supplied format in this regard.

### Timeline for e-Admission into U.G. Courses under SAMS in the Higher Education Institutions for the Academic Session 2024-25

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website **www. samsodisha.gov.in** | 03 June 2024 (04.00 P.M.) |
| 2 | Last date for applying online CAF through **www.samsodisha. gov.in** | 17 June 2024 (11.45 P.M.) |
| 3 | Correction of CAF in online mode | 18 June 2024 (11.00 A.M.) to 19 June 2024 (07.00 P.M.) |
| 4 | Publication of Provisional Allotment of Seats **(For First Round Selection)** | 25 June 2024 (04.00 P.M.) |
| 5 | Selection of **Slide/Freeze/Float Option** and **Online payment** of admission fees by the selected students through SAMS **[Student's Account]** portal | 25 June 2024 (07.00 P.M.) to 28 June 2024 (11.45 P.M.) |
| 6 | Reporting of the applicants at allotted Institutions for taking admission **(for First Round Selection)** | 26 June 2024 (09.00 A.M.) to 29 June 2024 (05.00 P.M.) |
| 7 | Data updation of admitted students in the e-space by the respective Institutions **(for First Round Admission)** | 26 June 2024 (09.00 A.M. to 29.June 2024 (07.00 P.M.) |
| 8 | Publication of Provisional Allotment of Seats **(for Second Round Selection)** | 05 July 2024 (04.00 P.M.) |
| 9 | Selection of **Silde/Freeze/Float Option** and **Online payment** of admission fees by the selected students through SAMS **[Student's Account]** portal | 05 July 2024 (07.00 P.M.) to 08 July 2024 (11.45 P.M.) |
| 10 | Reporting of applicants at allotted institutions for taking admission **(for Second Round Selection)** | 06 July 2024 (09.00 A.M.) to 09 July 2024 (05.00 P.M.) (Except 07 July 2024) |
| 11 | Data updation of admitted students in the e-space by the respective Institutions **(for Second Round Admission)** | 06 July 2024 (09.00 A.M.) to 09 July 2024 (07.00 P.M.) |
| 12 | Publication of Provisional Allotment of Seats **(for Third Round Selection)** | 15 July 2024 (04.00 P.M.) |
| 13 | **Online payment** of admission fees by the selected students through SAMS **[Student's Account]** portal | 15 July 2024 (07.00 P.M.) to 18 July 2024 (11.45 P.M.) |
| 14 | Reporting of applicants at allotted institutions for taking admission **(for 3rd/Final Round Selection)** | 16 July 2024 (09.00 A.M.) to 19 July 2024 (05.00 P.M.) (Except 17 July 2024) |
| 15 | Data updation of admitted students in the e-space by the respective Institutions **(for Third Round Admission)** | 16 July 2024 (09.00 A.M.) to 19 July 2024 (07.00 P.M.) |
| 16 | Publication of waitlisted applicants in HEI's e-Space Thirty (30) times the actual vacancy **(Waitlisted Admission)** | 24 July 2024 (04.00 P.M.) |
| 17 | Reporting of applicants through **[Student's Login]** in online mode **(Student must choose the HEIs name form the check box provided where S/he want to participate in Waiting list round)** | 24 July 2024 (07.00 P.M.) to 26 July 2024 (11.45 P.M.) |
| 18 | Publication of merit list among the reported waitlisted applicants at their Notice Board/HEI Website & communicate to the selected applicants via phone call/SMS | 30 July 2024 (10.00 A.M.) |
| 19 | Reporting of waitlisted applicants to take admission in one of the selected HEIs, where the **total/differential admission fees** will be deposited directly at the HEIs in online mode **(Net Banking/Bank Challan/NEFT/ UPI etc.)** | 30 July 2024 (09.00 A.M.) to 31 July 2024 (05.00 P.M.) |
| 20 | Admission Updation of the selected waitlisted Student's data by the HEIs in their e-Space | 30 July 2024 (09.00 A.M.) to 31 July 2024 (07.00 P.M.) |
| 21 | **Commencement of 1st Year Classes** | 1 August 2024 (Thursday) |
| 22 | **Publication of Phase-II Admission** | After the Publication of the Instant/Supplementary result of CHSE, Odisha and other Board |

**For more details please contact: e-Admission Helpline (Toll Free) Number 155335/1800-345-6770**

**OIPR-11001/11/0009/2425** **Sd./- Deputy Director, PTC Section**

Your classified advertisement published in Dharitri will be listed free in Dharitri online edition : **www.dharitri.com**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର
+୨ ନାମଲେଖା ବିଜ୍ଞାପନ

### Student Academic Management System

ଚଳିତ ୨୦୨୪-୨୫ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ ପ୍ରଦର୍ଶନ କଳା (ଧନ୍ଦାମୂଳକ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ନିର୍ଦ୍ଧାରିତ ତାରିଖ ନିମ୍ନରେ ଜଣାଇ ଦିଆଗଲା :-

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର +୨ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ । | ତା-୩୦/୦୫/୨୦୨୪ରିଖ (ଅପରାହ୍ନ ୨.୦୦ ଘଟିକା) |
| ୨. | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନଲାଇନ୍ CAF ଆବେଦନ କରିବାର ଶେଷ ତାରିଖ । | ତା-୨୫/୦୬/୨୦୨୪ରିଖ (ଅପରାହ୍ନ ୧୧:୫୯ ପର୍ଯ୍ୟନ୍ତ) |
| ୩. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test) ଦେବା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଆଡ୍‌ମିଟ୍ କାର୍ଡ଼ ଡ଼ାଉନଲୋର୍ଡ଼ ପାଇଁ ଉପଲବ୍ଧ ହେବାର ତାରିଖ । | ତା-୨୮/୦୬/୨୦୨୪ରିଖ (ଅପରାହ୍ନ ୦୨:୦୦ ପରେ) |
| ୪. | ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସାଧାରଣ ଦକ୍ଷତା ପରୀକ୍ଷା(Common Aptitude Test) ଅନୁଷ୍ଠିତ ହେବାର ତାରିଖ । | ତା-୦୪/୦୭/୨୦୨୪ରିଖଠାରୁ ତା-୦୬/୦୭/୨୦୨୪ରିଖ ପର୍ଯ୍ୟନ୍ତ |
| ୫. | ସାଧାରଣ ଦକ୍ଷତା ପରୀକ୍ଷା (Common Aptitude Test)ଅନୁଷ୍ଠିତ ହେବା ପରେ, ନାମଲେଖା ପାଇଁ ମେରିଟ୍ ତାଲିକା ପ୍ରକାଶନ ହେବାର ତାରିଖ । | ତା-୧୨/୦୭/୨୦୨୪ରିଖ |

ବିଶେଷ ଦ୍ରଷ୍ଟବ୍ୟ :-

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି +୨ ଇ-ଆଡ୍‌ମିଶନ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ ।

(କ)ଯେଉଁ ପ୍ରାର୍ଥୀ ଦଶମ ବୋର୍ଡ଼ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା-୦୧/୦୭/୨୦୨୪ରିଖ ସୁଦ୍ଧା ୨୦ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ସାଧାରଣ ଦକ୍ଷତା ପରୀକ୍ଷା-୨୦୨୪ ଦେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ CAF ଆବେଦନ କରିପାରିବେ ।

(ଖ) ସାଧାରଣ ଦକ୍ଷତା ପରୀକ୍ଷା(Common Aptitude Test) ନିମ୍ନଲିଖିତ ୧୦ଗୋଟି ବିଷୟରେ ଅନୁଷ୍ଠିତ ହେବ:-

ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ଶୀ ପଖାଉଜ(ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ଓ ନାଟକ ବିଭାଗ ।

OIPR-03011/11/0001/2425 ସ୍ୱା/- ଅଧକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡ୍‌ମିଶନ ହେଲ୍ପଲାଇନ୍ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ – ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର(Help Desk) ।

# DIRECTORATE OF TECHNICAL EDUCATION &TRAINING, ODISHA
KILLAMAIDAN, BUXIBAZAR, CUTTACK-753001
Email: ccrdiploma2024@gmail.com , website: dtetodisha.gov.in

## DIPLOMA (FRESH & LE), PDIS & WORKING PROFESSIONAL ADMISSION 2024-25
**NOTICE:7660, DT.30.05.2024**

No. KK-04: This is for information of all aspiring candidates that the SAMS portal has been opened from 01.04.2024 (Monday) for registration and filling up of COMMON APPLICATION FORM (CAF) by the eligible applicants.The last date for online submission CAFs is **05th June 2024** for Diploma (Lateral Entry), **15th June 2024** for LE-Working Professionals, **25th June 2024** for **Diploma in Engineering & Non-Engineering (FRESH) & Post Diploma Courses. Eligible candidates may apply for admission into Diploma, Diploma (LE), Post Diploma in Industrial Safety & Lateral Entry for Working Professionals** in the Government & Private Engineering Schools / Polytechnics of Odisha for the Academic Year 2024-25 through SAMS portal **(www.samsodisha.gov.in)**.

**1. DIPLOMA ENGINEERING**

| Course Details | Eligibility |
|---|---|
| 1st Semester Diploma in Engineering/ Technology/ D.Voc. | Pass in HSC Examination / 10th Standard Examination conducted / declared equivalent by Board of Secondary Education, Odisha. Minimum 14 Years of age and no upper age limit. |
| 3rd Semester Engineering / Technology (Lateral Entry) | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (02 years course) in any Engineering Trade / 2 years ITI in Engineering Trades/COE Trades with pass in HSC examination or 10th Standard Examination conducted / declared equivalent by BSE, Odisha. Minimum 16 Years of age and no upper age limit. |
| 3rd Semester Engineering / Technology (Lateral Entry) for **Working Professionals** | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (02 years course) in any Engineering Trade / 2 years ITI in Engineering Trades/COE Trades with pass in HSC examination or 10th Standard Examination conducted / declared equivalent by BSE, Odisha. Job experience & NOC from the employer is required. |

Reservation:Reservation under different categories as applicable is mentioned in the Consolidated Information Brochure of Diploma, Diploma (LE), PDIS & Working Professionals e-Admission 2024.

**OUTSIDE STATE CANDIDATES –** Outside State Candidates fulfilling eligibility criteria are also eligible for:
i. Admission to 1st Semester of 03-year Diploma Engineering Courses against 15% seats reserved for them in Private Engineering Schools & Polytechnics.
ii. Lateral Entry admission provided they have prosecuted their study for the qualifying examination in an institution inside the State of Odisha having approval from the competing authority. Their selection for lateral entry will be made separately and will be considered after exhaustion of State merit list.

**2. DIPLOMA NON-ENGINEERING**

| Course Details | Eligibility |
|---|---|
| Beauty Culture | Pass in HSC Examination / 10th Standard Examination conducted / declared equivalent by Board of Secondary Education, Odisha. Minimum 14 Years of age and no upper age limit. |
| Hotel Management & Catering Technology | Pass in 10+2 Science Examination from CHSE, Odisha or its equivalent examination in Arts / Science/Commerce. Minimum 16 Years of age and no upper age limit. |
| Modern Office Management | Pass in 10+2 Science Examination from CHSE, Odisha or its equivalent examination in Arts / Science/Commerce. Minimum 16 Years of age and no upper age limit. |
| Pharmacy | Pass in 10+2 examination (Science stream) with Physics, Chemistry and Mathematics or Biology or any other qualification as approved by Pharmacy Council of India. Minimum 16 Years of age and no upper age limit. |

**3. POST DIPLOMA IN INDUSTRIAL SAFETY (PDIS)**

| Course Details | Eligibility |
|---|---|
| 1st Semester/ year Post Diploma Industrial Safety | A Recognized Diploma / B.Tech. in any branch of Engineering or Technology from any AICTE approved institution. |

**HOW TO APPLY:** Visit the website **www. samsodisha.gov.in**. Upon landing on the home page, locate the Box "Skill Development & Tech Education. Click on the appropriate TAB out of different TABs available for form submission against a particular course. Once the proper TAB is clicked, it will land on the home page of the concerned course. Download the User Manual prior to filling up of online application.




**WELFARE SCHEMES:**
- **PRAGATI Scholarship-** (AICTE)- for eligible Girl Students (freshers) @ Rs.50,000/- per annum for all categories.
- **Sudakhya Scheme-** (Govt. of Odisha)- Financial Assistance to Girl students taking admission in Govt. Polytechnics and Engineering Schools of the State.
- **Green Passage Scheme-** (Govt. of Odisha)- exemption of application fees & stipend to Orphans for pursuing Technical Education in Government Engineering Schools/ Polytechnics. Reservation of seats exclusively for Orphans is provisioned in the seat matrix for all Government & Private Engineering Schools/ Polytechnics.
- **Saksham Scholarship-** (AICTE)- differently abled students who are eligible as per norms will get scholarship @ Rs.50,000/- per annum
- **Swanath-** (AICTE)-Scholarship for eligible Orphans whose either or both parents died due to Covid-19, Wards of Armed Forces and Central Paramilitary Forces martyred in action(Saheed).
- **Merit-cum-Poverty Scholarship-** Merit-cum-poverty scholarship for 20% students in every discipline in every Government Institute.
- **PMS-** Post Matric Scholarship & other financial assistance for SC/ST/OBC/SEBC/EBC students
- **Scholarship for Branch Toppers-** one time scholarship of Rs.6,000/- to eligible branch toppers / girl toppers in each semester examination.
- **NSP for Minority Scholarship-** Scholarship scheme for minority community students

**APPLICATION FEES:**
Candidates shall apply through online mode only with non-refundable application fees of Rs 200(Two Hundred) for Women, SC&ST applicants and Rs.300(Three Hundred) for other male applicants. Application fees are exempted for PVTG, Transgender, Orphan & Physically Challenged applicants.
For any specific query, contact Diploma Admission Call Centre Phone No 155335/ 1800-345-6770 (Toll Free) (from 9 A.M. to 6 P.M.) or email to **ccrdiploma2024@gmail.com** or contact / visit nearby Govt. Polytechnics / Engineering Schools for assistance.

**Sd./- Director**
**Technical Education & Training, Odisha, Cuttack**
OIPR-44008/11/0005/2425

See Career Appointment on every Wednesday & Saturday

## ପ୍ରମୁଖ ପ୍ରାର୍ଥୀଙ୍କ ମତଦାନ


ଚାନ୍ଦବାଲି ବିଧାନସଭା ଆସନର ଭାଜପା ପ୍ରାର୍ଥୀ ମନମୋହନ ସାମଲ


ଭଦ୍ରକ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଅଭିମନ୍ୟୁ ସେଠୀ


ଭଦ୍ରକ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ


ବାଲେଶ୍ୱର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ପ୍ରତାପ ଷଡଙ୍ଗୀ


ବାଲେଶ୍ୱର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର


ଆଳି ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ପ୍ରତାପ ଦେବ


କୋରେଇ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ


ବାଲେଶ୍ୱର ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସ୍ୱରୂପ କୁମାର ଦାସ


ବସ୍ତା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା


ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର


ପାଟକୁରା ବିଧାନସଭା ଆସନ ଭାଜପା ପ୍ରାର୍ଥୀ ତେଜେଶ୍ୱର ପରିଡା


ଚାନ୍ଦବାଲି ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟ


କେନ୍ଦ୍ରାପଡ଼ା ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି


କେନ୍ଦ୍ରାପଡ଼ା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା


ଆଳି ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଦେବସ୍ମିତା ଶର୍ମା


ମହାକାଳପଡ଼ା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ


ମୟୂରଭଞ୍ଜ ଲୋକ ସଭା ଆସନ ବିଜେଡି ପ୍ରାର୍ଥୀ ସୁଦାମ ମାର୍ଣ୍ଡି


ଜଗତ୍‌ସିଂହପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବିଭୁପ୍ରସାଦ ତରାଇ

# ଭାଜପା ଏଜେଣ୍ଟଙ୍କୁ ପନିକିରେ ହାଣିଲେ

## ସାଲେପୁରର ଏକାଧିକ ସ୍ଥାନରେ ହିଂସା

ସାଲେପୁର,୧୬ (ଅରବିନ୍ଦ ଭୂୟାଁ)

ଓଡ଼ିଶାରେ ୪ର୍ଥ ପର୍ଯ୍ୟାୟ ମତଦାନ ବେଳେ ଶନିବାର ସାଲେପୁର ବ୍ଲକ୍‌ର ବିଭିନ୍ନ ମତଦାନ କେନ୍ଦ୍ରରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ମାଳଶାସନ ପଞ୍ଚାୟତର ବୁଥ୍ ନଂ.୧୮୪ ଓ ୧୮୫ରେ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ୨ ଜଣ ବୁଥ୍ ଏଜେଣ୍ଟଙ୍କୁ ପନିକି ଓ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ସାଲେପୁର ଅଞ୍ଚଳର ଅଭିଷେକ ପଣ୍ଡା ଓ ସଞ୍ଜୟ ରାଉତ ଗୁରୁତର ହୋଇଛନ୍ତି। ପନିକି ଚୋଟରେ ଅଭିଷେକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏ ନେଇ ସଞ୍ଜୟ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୩୭/୨୪) ରୁଜୁ କରିଛି। ତାଙ୍କ ଅଭିଯୋଗ ଅନୁଯାୟୀ, ମତଦାନ ଚାଲିଥିବାବେଳେ ୧୮୪ ଓ ୧୮୫ ନଂ. ବୁଥ୍ ଜବରଦଖଲ ହେଉଥିବା ଖବର ମିଳିଥିଲା। ଏନେଇ ଅଭିଷେକ ଓ ସଞ୍ଜୟଙ୍କ ସମେତ କେତେଜଣ ଭାଜପା କର୍ମୀ ବୁଥ୍‌ରେ ପହଞ୍ଚିଥିଲେ। ସେତେବେଳେ ବୁଥ୍ ଭିତରେ


ଅଭିଷେକ ପଣ୍ଡା


ସଞ୍ଜୟ ରାଉତ

୨୦୦ରୁ ଉର୍ଦ୍ଧ୍ୱ ଲୋକ ଥିଲେ। ଏହାକୁ ଅଭିଷେକ ଓ ସଞ୍ଜୟ ବିରୋଧ କରିବାରୁ ସାଲେପୁର ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ରମେଶ ଜେନା ଓ ବହୁ ବିଜେଡି କର୍ମୀ ସେମାନଙ୍କୁ ପନିକି ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଖବରପାଇ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ଅରିନ୍ଦମ କହିଛନ୍ତି, ମାଳଶାସନ ପଞ୍ଚାୟତରେ ଭାଜପା କର୍ମୀଙ୍କୁ ଯେଉଁଭଳି ମରଣାନ୍ତକ ଆକ୍ରମଣ କରାଯାଇଛି ତାହା ଅତ୍ୟନ୍ତ ନିନ୍ଦନୀୟ। ଯଦି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ସେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାଲେପୁରର ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ରମେଶ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ଭୋଟ କେନ୍ଦ୍ରରେ ମତଦାନ ଚାଲିଥିବାବେଳେ ଅରିନ୍ଦମ୍‌ଙ୍କ ନିର୍ବାଚନ ଏଜେଣ୍ଟ ଓ ତାଙ୍କର କେତେଜଣ ସହଯୋଗୀ ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଫଳରେ ଭୋଟ ଦେବାକୁ ଆସିଥିବା ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସେହିପରି ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମର ବୁଥ୍ ନଂ.୨୨୮ ଓ ୨୨୯କୁ ଏକ ରାଜନୈତିକ ଦଳର ୫୦ରୁ ଉର୍ଦ୍ଧ୍ୱ କର୍ମୀ ଜବରଦଖଲ କରିବାକୁ ଉଦ୍ୟମ କରୁଥିଲେ ବୋଲି ଅରିନ୍ଦମ ଅଭିଯୋଗ କରିଛନ୍ତି। ଏନେଇ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଥ୍‌ରେ ଚାପା ଉତ୍ତେଜନା ପ୍ରକାଶ ପାଇବା ପରେ ସାଲେପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ରୋଧପୁର ବୁଥ୍‌ରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ଆକ୍ୟୁବ୍ ଖାଁ ଓ ତାଙ୍କ ସମର୍ଥକଙ୍କ ସହ ଆଉ ଏକ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଫଳରେ ପରିସ୍ଥିତି କିଛି ସମୟ ପାଇଁ ବିଗିଡ଼ି ଯାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

# ସଂଖ୍ୟାଗରିଷ୍ଠତା ହାସଲ କରିବ ବିଜେଡି: ମାନସ

ଭୁବନେଶ୍ୱର,୧୬(ଅନିଲଦାସ)

**ବିଧାନସଭା ୧୧୭**
**ଲୋକ ସଭା ୧୧**

ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି) ସଂଖ୍ୟାଗରିଷ୍ଠ ଆସନ ହାସଲ କରିବ ବୋଲି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଶନିବାର ଦାବି କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ୨୧ ଲୋକ ସଭା ଆସନରୁ ବିଜେଡି ୧୧ଟି ଓ ଭାଜପା ୬ଟିରେ ଜିତିବ। ତେବେ କଂଗ୍ରେସ ଓ ଅନ୍ୟଙ୍କୁ କୌଣସି ଆସନ ମିଳୁ ନ ଥିବା ବେଳେ ୪ଟିରେ କଡ଼ା ମୁକାବିଲା ହେବ। ବିଜେଡି କୋରାପୁଟ, ବ୍ରହ୍ମପୁର, ଆସ୍କା, କନ୍ଧମାଳ, ଢେଙ୍କାନାଳ, କଟକ, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଲୋକ ସଭା ଆସନରେ ବିଜୟ ଲାଭ କରିବ। ଭାଜପା ଯେଉଁ ଆସନ ନେବ ବୋଲି ଅନୁମାନ କରାଯାଉଛି ସେଗୁଡ଼ିକ ହେଲା- ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଏବଂ ପୁରୀ । ତେବେ ବଲାଙ୍ଗୀର, ସମ୍ବଲପୁର, ଭୁବନେଶ୍ୱରରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାକୁ ଥିବାବେଳେ ବାଲେଶ୍ୱରରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଜୋରଦାର ମୁକାବିଲା ହେବ । ତେବେ ବିଧାନସଭା କ୍ଷେତ୍ରରେ ବିଜେଡି ବିପୁଳ ଆସନ ହାସଲ କରି ପୁଣି ସରକାର ଗଢ଼ିବା ନେଇ ମାନସ ଆକଳନ କରିଛନ୍ତି। ବିଜେଡି ୧୪୭ ବିଧାନସଭା ଆସନରୁ ୧୧୭, ଭାଜପା ୧୧, କଂଗ୍ରେସ ଓ ଅନ୍ୟମାନେ ୩ଟି ସିଟ୍‌ରେ ବିଜୟୀ ହେବେ। ୧୬ଟି ଆସନରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେବ। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ଟି ଆସନରୁ ବିଜେଡି ୨୩, ଭାଜପା ୨, କଂଗ୍ରେସ ଓ ଅନ୍ୟମାନେ ଗୋଟିଏ ଆସନରେ ବିଜୟୀ ହେବେ। ୨ଟିରେ କଡ଼ା ଟକ୍କର ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୩୫ଟି ସିଟ୍‌ରୁ ବିଜେଡି ୨୭, ଭାଜପା ୩, କଂଗ୍ରେସ ଓ ଅନ୍ୟମାନେ ୨ଟି ସିଟ୍ ହାତେଇବେ। ୩ଟିରେ ବିଭିନ୍ନ ଦଳ ମଧ୍ୟରେ ଜୋରଦାର ମୁକାବିଲା ହେବ। ସେହିପରି ତୃତୀୟ ପର୍ଯ୍ୟାୟରେ ୪୨ଟି ଆସନରୁ ବିଜେଡି ୩୩,ଭାଜପା ୩ ଆସନ ପାଇବାକୁ ଥିବାବେଳେ ଉଭୟଙ୍କ ମଧ୍ୟରେ ୬ଟି ଆସନରେ କଡ଼ା ମୁକାବିଲା ହେବ। ଚତୁର୍ଥ ଅର୍ଥାତ୍ ଚୂଡ଼ାନ୍ତ ପର୍ଯ୍ୟାୟରେ ୪୨ଟି ଆସନରୁ ବିଜେଡି ୩୪, ଭାଜପା ୩, କଂଗ୍ରେସ ଓ ଅନ୍ୟମାନେ କୌଣସି ଆସନ ପାଇବେ ନାହିଁ । ୫ଟି ଆସନରେ କ୍ଲୋଜ୍ ଫାଇଟ୍ ହେବ ବୋଲି ମାନସ କହିଛନ୍ତି।


ମାନସ ମଙ୍ଗରାଜ

# ଇଭିଏମ୍ ବଦଳ ସନ୍ଦେହରେ ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା



**କାଏମା,୧୬(ଶିବ ପ୍ରସାଦ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଚତୁର୍ଥ ପର୍ଯ୍ୟାୟ ମତଦାନ ଶନିବାର ଶେଷ ହୋଇଛି। ହେଲେ ଇଭିଏମ୍ ବଦଳ ସନ୍ଦେହରେ ରାତି ପ୍ରାୟ ୮ଟା ସମୟରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ଇଭିଏମ୍ ବଦଳ ସନ୍ଦେହ କରି ଏହାର ପ୍ରତିବାଦ କରିଥିଲେ। ସୂଚନା ଅନୁଯାୟୀ, ଧର୍ମଶାଳା ବ୍ଲକକୁ ଆସିଥିବା କେତେକ ରିଜର୍ଭ ଇଭିଏମ୍‌କୁ ଅନ୍ୟତ୍ର ନିଆଯାଉଥିଲା। ହେଲେ ସେହି ଇଭିଏମ୍‌କୁ ବଦଳ କରାଯାଉଥିବା ଅଭିଯୋଗ କରି ହିମାଂଶୁଙ୍କ ସମର୍ଥକମାନେ ବ୍ଲକ ଆଗରେ ରୁଣ୍ଡ ହୋଇ ପାଟିତୁଣ୍ଡ କରିଥିଲେ। ଏପରି କି ବିଭିନ୍ନ ସ୍ଥାନକୁ ଇଭିଏମ୍ ନେଇ ଯାଉଥିବା ଗାଡ଼ିଗୁଡିକୁ ହିମାଂଶୁଙ୍କ ସମର୍ଥକମାନେ ବ୍ଲକ ଭିତରେ ଭର୍ତ୍ତି କରିବା ସହ ଇଭିଏମ୍ ବଦଳି କରାଯାଇଥିବା ପାଟିତୁଣ୍ଡ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା। ଏନେଇ ଧର୍ମଶାଳା ବିଡିଓ କହିଛନ୍ତି, କୌଣସି ଇଭିଏମ୍ ବଦଳ ହୋଇ ନାହିଁ। ସେମାନେ ଅଯଥାରେ ସନ୍ଦେହ କରି ଆମ କର୍ମଚାରୀମାନଙ୍କୁ ମାରଧର କରିଛନ୍ତି। ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ସେ ଅବଗତ କରିଥିବା କହିଛନ୍ତି।

## ବାହାବଳପୁରରେ ଭୋଟଦେଲେ ବବି



**ଯାଜପୁର, ୧୬ (ହର୍ଷବର୍ଦ୍ଧନ ବେହେରା):** ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଶନିବାର ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାହାବଳପୁର ବୁଥ୍‌ନମ୍ବର ୧୧୮ରେ ଭୋଟ ଦେଇଛନ୍ତି।

# ହିଂସା ଘଟାଇଥିବା ବିଜେଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ସିଇଓଙ୍କ ନିକଟରେ ଫେରାଦହେଲା ଭାଜପା

ଭୁବନେଶ୍ୱର, ୧୬(ସୁନିତ୍ ମିଶ୍ର)

ଭାଜପା ଚଳିତ ନିର୍ବାଚନରେ ବିପୁଳ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ଜାଣିପାରି ବିଭିନ୍ନ ପ୍ରକାର ଅନୈତିକ ପ୍ରଥାକୁ ବିଜେଡି ଆପଣାଇଛି। ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ଓଡ଼ିଶାର ଜନସାଧାରଣ ଭାଜପାର ପ୍ରାର୍ଥୀମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇଛନ୍ତି। ସେହି ସମୟରେ ମଧ୍ୟ ବିଜେଡି ଏଭଳି ହିଂସାତ୍ମକ ପ୍ରଥା ଆପଣାଇଥିଲା। କିନ୍ତୁ ବାଲଟ୍ ମାଧ୍ୟମରେ ଓଡ଼ିଶାର ଜନସାଧାରଣ ଏହାର ଦୃଢ଼ ଜବାବ ଦେଇଛନ୍ତି। ୪ର୍ଥ ପର୍ଯ୍ୟାୟରେ ବିଜେଡି ହାରିବା ନିଶ୍ଚୟ ଜାଣିପାରି ବିଭିନ୍ନ ସ୍ଥାନରେ ହିଂସା, ମାରପିଟ ଓ ବୁଥ୍ ରିଗିଂ କରିବା ଭଳି ଅପଚେଷ୍ଟା କରିଛି। ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ଗୁଣ୍ଡାଗର୍ଦ୍ଦି କରି କେଉଁଠି ଭୋଟରଙ୍କୁ ତ କେଉଁଠି ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣକରି ରକ୍ତାକ୍ତ କରିଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପାର ଏକ ପ୍ରତିନିଧି ଦଳ ଦଳୀୟ ନେତା ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ଆସି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟିଛନ୍ତି। ସିଇଓଙ୍କ ନିକଟରେ ଭାଜପା ଅଭିଯୋଗ କରିଛି ଯେ, ବିଜେଡି ଗୁଣ୍ଡାମାନେ ହତ୍ୟା କରିବାକୁ ପଛଘୁଞ୍ଚା ଦେଇନାହାନ୍ତି। ନିର୍ବାଚନ ଚାଲିଥିବା ସମୟରେ ବିଜେଡି ଗୁଣ୍ଡାମାନେ ଭାଜପା କର୍ମୀଙ୍କୁ ଅନେକ ସ୍ଥାନରେ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଛନ୍ତି ଯାହା ଗଣତନ୍ତ୍ର ପ୍ରତି ବିପଦ। ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ଓଡ଼ିଶାରେ ବିଜେଡି ପକ୍ଷରୁ ପ୍ରାୟୋଜିତ ନିର୍ବାଚନି ହିଂସା ପଶ୍ଚିମବଙ୍ଗକୁ ବଳିଯାଇଛି। ସାଲେପୁର ବିଧାନସଭାର ୧୮୪ ଓ ୧୮୫ ନମ୍ବର ବୁଥ୍‌ରେ ଭାଜପା ଏଜେଣ୍ଟ ସଞ୍ଜୟ ରାଉତ ଓ କାର୍ଯ୍ୟକର୍ତ୍ତା ଅଭିଷେକ ପଣ୍ଡାଙ୍କୁ ବିଜେଡିର ଗୁଣ୍ଡାମାନେ ଆକ୍ରମଣ କରିଛନ୍ତି। ବରୀ ବିଧାନସଭାର ୧୬୦, ୧୭୦ ଓ ୧୮୩ ନମ୍ବର ବୁଥ୍‌ରେ ପୋଲିଂ ଏଜେଣ୍ଟଙ୍କୁ ଆକ୍ରମଣ, ଧର୍ମଶାଳା ବିଧାନସଭାର ୨୨୫ ଓ ୨୨୬ ନମ୍ବର ବୁଥ୍, କୋରେଇ ବିଧାନସଭାର ୧୮୫ ଓ ୧୮୬ ନମ୍ବର ବୁଥ୍‌ରେ ପୋଲିଂ ଏଜେଣ୍ଟ ଦିଲୀପ ରଥଙ୍କୁ ଆକ୍ରମଣ, ଚାନ୍ଦବାଲି ବିଧାନସଭାର ୭୯, ୮୫ ନମ୍ବର ବୁଥ୍‌ରେ ବୁଥ୍ ରିଗିଂ ଓ କେନ୍ଦ୍ରାପଡ଼ା ବିଧାନସଭାର ୩୫ ନମ୍ବର ବୁଥ୍‌ରେ ଭାଜପା କାର୍ଯ୍ୟକର୍ତ୍ତା ରଶ୍ମିରଞ୍ଜନ ଜେନାଙ୍କୁ ବିଜେଡି ଗୁଣ୍ଡାମାନେ ମାରଣାତ୍ମକ ଆକ୍ରମଣ କରିଛନ୍ତି। ସମସ୍ତ ବିଶୃଙ୍ଖଳାକାରୀ ଅପରାଧୀ ଓ ଟଙ୍କା ବଣ୍ଟାରେ ସମ୍ପୃକ୍ତ ବିଜେଡି ନେତାଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ତାଙ୍କୁ ଗିରଫ କରିବା ପାଇଁ ଭାଜପା ଦାବି କରିଛି।



ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଟ୍ରାଜେଡିକୁ ବର୍ଷେ ପୂରିଛି। ୨୦୨୩ ଜୁନ୍ ୨ ତାରିଖ ଶୁକ୍ରବାର ଅପରାହ୍ନ ୬ଟା ୪୦ ମିନିଟ୍। ଏହି ସମୟରେ ଘଟିଥିଲା ଭୟଙ୍କର ରେଳ ଦୁର୍ଘଟଣା। ସ୍ତବ୍ଧ ହୋଇ ଯାଇଥିଲା ସାରା ଭାରତ। ସେହି କାଳ ରାତିରେ ଉଚ୍ଛନ୍ନ ହୋଇଥିଲା ଅନେକ ସଂସାର। ରକ୍ତରଞ୍ଜିତ ହୋଇଥିଲା ଦୁର୍ଘଟଣାସ୍ଥଳ। ଯାତ୍ରୀଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଏଣେତେଣେ ପଡିଥିବା ଦେଖାଯାଇଥିଲା। ୨୯୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ସେହି ଛାତିଥରା ଦୁର୍ଘଟଣାକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ...

-ରିପୋର୍ଟ: ବାଲେଶ୍ୱର(ମାନସ ବିଶ୍ୱାଳ)/ ବାହାନଗା(ଅରୂପ ଦାସ)




# ବର୍ଷକ ପରେ ବାହାନଗା

## ପ୍ରତିଶ୍ରୁତି ଅନୁଯାୟୀ କାମ ହୋଇନି

ଟ୍ରେନ୍ ଦୁର୍ଘଟଣା ଯେଉଁଠି ହୋଇଥିଲା, ତାର ଇଞ୍ଜିନ ଯେଉଁ ସ୍ଥାନରେ ପଡିଥିଲା ସେଇଠି ମୋର ଘର। ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଅନୁସାରେ କାମ କିଛି ସରିନାହିଁ। ରେଲୱେ ଓଭରବ୍ରିଜ୍ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ କିଛି ଲୋକ ଆସି ବୋରିଂ କରି ପରୀକ୍ଷା ପାଇଁ ମାଟି ନେଇଥିଲେ ମଧ୍ୟ ଏଯାଏ ଆରମ୍ଭ ହୋଇନି।

-ଓଁଙ୍କାର ନାଥ ପଣ୍ଡା, କମାରୀପୁର ଗ୍ରାମର ବାସିନ୍ଦା।

## ଟ୍ରାକ୍, ସିଗନାଲ ଡିଜିଟାଲାଇଜ୍ ହୋଇଛି

ତୃତୀୟ ଲାଇନ୍ କାମ ଚାଲିଛି। ଟ୍ରାକ୍ ଓ ସିଗ୍ନାଲ ସବୁ ଡିଜିଟାଲାଇଜ୍ ହୋଇଛି। ତୃତୀୟ ଲାଇନ୍ କାମ ସରିବା ପରେ ଷ୍ଟେଶନକୁ ରାସ୍ତା ନିର୍ମାଣ ହେବ। ଧୀରେ ଧୀରେ କାମ ଚାଲିଛି।

-ଏସ୍. କେ . ପଟ୍ଟନାୟକ, ଷ୍ଟେଶନ ମ୍ୟାନେଜର।

## ଉଦ୍ଧାର କାର୍ଯ୍ୟ ଥିଲା ଚ୍ୟାଲେଞ୍ଜପୂର୍ଣ୍ଣ

ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଥିଲା ଚ୍ୟାଲେଞ୍ଜପୂର୍ଣ୍ଣ। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ସ୍ଥାନୀୟ ଲୋକେ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ଉଦ୍ୟମ ପ୍ରଶଂସନୀୟ ଥିଲା। ୫ଦିନ ଧରି ମୃତଦେହ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ମୃତ ଓ ଆହତଙ୍କ ନିମନ୍ତେ ଆର୍ଥିକ ସହାୟତା ରାଶି ଘୋଷଣା କରି ଖୁବ୍‌ଶୀଘ୍ର ସେମାନଙ୍କୁ ଅର୍ଥ ଯୋଗାଇ ଦେଇଥିଲେ।

## କେମିତି ଘଟିଲା ଅଘଟଣ

ବାହାନଗା ଷ୍ଟେଶନ ନିକଟରେ ପ୍ରଥମେ କରମଣ୍ଡଳ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇ ଏକ ମାଲବାହୀ ଟ୍ରେନ ଉପରେ ଚଢିଯାଇଥିଲା। ଠିକ୍ ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଯଶବନ୍ତପୁର-ହାୱଡା ଟ୍ରେନ ବଗିରେ ଧକ୍କା ହେବାରୁ ଘଟିଥିଲା ଏହି ଭୟଙ୍କର ଦୁର୍ଘଟଣା।

## ଅତି ଭୟଙ୍କର ଥିଲା ରେଳ ଦୁର୍ଘଟଣା

## ବାକି ରହିଛି ବିକାଶ

ରେଳ ଦୁର୍ଘଟଣା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ରେଳଷ୍ଟେଶନ ବିକାଶ, ଏକ ନୂତନ ଏକ୍ସପ୍ରେସ ଟ୍ରେନ୍ ରହିବା, ଷ୍ଟେଶନକୁ ଯିବା ପାଇଁ ଭଲ ରାସ୍ତା, ବାହାନଗା ପଞ୍ଚାୟତର ଆଖପାଖ ଗ୍ରାମକୁ ଉନ୍ନତୀକରଣ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କେବଳ ୨ କୋଟି ଟଙ୍କା ଆସିଥିଲେ ମଧ୍ୟ ଅଦ୍ୟାବଧି ୧କୋଟି ଟଙ୍କାରେ ପଞ୍ଚାୟତରେ କିଛି କାମ ହୋଇଛି। ଅବଶିଷ୍ଟ କାମ ଆଗେଇପାରୁନାହିଁ। ସେହିପରି ବାହାନଗାଠାରେ ଥିବା ଏକ ହସ୍‌ପିଟାଲକୁ ରେଳବିଭାଗ ଉନ୍ନତୀକରଣ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ କୌଣସି କାମ ଏପର୍ଯ୍ୟନ୍ତ ହୋଇନାହିଁ। ଷ୍ଟେଶନକୁ ଯିବା ପାଇଁ ଭଲ ରାସ୍ତା ନାହିଁ। କେବଳ ବାହାନଗା ଷ୍ଟେଶନର ଦୁର୍ଘଟଣାସ୍ଥଳର ଫାଟକ ଦୁଇ ପାର୍ଶ୍ୱରେ ଦୁଇଟି ହାଇମାଷ୍ଟ ଲାଇଟ୍ ଲାଗିଛି। ଲୁପ୍ ଲାଇନ୍, ରେଳଟ୍ରାକ୍ ଓ ସିଗନାଲ୍ ପଏଣ୍ଟ ସବୁ ମରାମତି ହେବା ସହିତ ଡିଜିଟାଲାଇଜ୍ କରାଯାଇଛି। ଷ୍ଟେଶନରେ ସମସ୍ତ ଷ୍ଟାଫ୍ ନୂଆ ଆସିଥିବା ବେଳେ କେବଳ ଷ୍ଟେଶନ ମ୍ୟାନେଜର ହିଁ ପୁରୁଣା ଅଛନ୍ତି।

## ଚିହ୍ନଟ ହୋଇପାରିଲାନି ୨୮ ମୃତଦେହ

ଦୁର୍ଘଟଣା ପରେ ଚିହ୍ନଟ ହୋଇପାରି ନ ଥିବା ମୃତଦେହ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ବେଳେ ଶେଷରେ ୧୨୮ ଦିନ ପରେ ୨୮ ଅଚିହ୍ନା ମୃତଦେହ ଭୁବନେଶ୍ୱରର ଭରତପୁର ଶ୍ମଶାନରେ ବିଏମ୍‌ସି, ପୂର୍ବତଟ ରେଳପଥ ଓ ସିବିଆଇ ଅଧିକାରୀଙ୍କ ଉପସ୍ଥିତିରେ ସତ୍କାର କରାଯାଇଥିଲା।




## ବାହାନଗା ହାଇସ୍କୁଲର ରୂପାନ୍ତରଣ

ରେଳ ଦୁର୍ଘଟଣା ପରେ ଉଦ୍ଧାର କରାଯାଇଥିବା କୋଡ଼ି କୋଡ଼ି ମୃତଦେହକୁ ନିକଟସ୍ଥ ବାହାନଗା ହାଇସ୍କୁଲରେ ଥିବା ପୁରୁଣା ଆଜବେଷ୍ଟସ୍ ଘରେ ରଖାଯାଇଥିଲା। ଉକ୍ତ ଗୃହଗୁଡ଼ିକ ଅତିରିକ୍ତ ଶ୍ରେଣୀଗୃହ ସହ ଡାଇନିଂ ହଲ୍ ଥିଲା। ମୃତଦେହ ରଖାଯାଇଥିବା କାରଣରୁ ଚାରିଆଡ଼େ ରକ୍ତଛିଟା ପଡିବା ସହ ଡେସ୍କ ଓ ବେଞ୍ଚରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଥିଲା। ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ଆରମ୍ଭ କରି ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଉକ୍ତ ଶ୍ରେଣୀଗୃହକୁ ପ୍ରବେଶ କରିବାକୁ ଭୟ କରିଥିଲେ। ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିବେ ଏବଂ କିପରି ପାଠ ପଢ଼ିବେ ସେନେଇ ଆଶଙ୍କା ଲାଗି ରହିଥିଲା। ଏନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବାହାନଗା ହାଇସ୍କୁଲକୁ ୫-ଟିରେ ରୂପାନ୍ତରିତ କରାଯାଇଥିଲା। ଏହାପରେ ପୁରୁଣା ଆଜବେଷ୍ଟସ୍ ଘରଗୁଡ଼ିକୁ ଭଙ୍ଗାଯାଇ ଥିବା ବେଳେ ନୂତନ ସ୍କୁଲ ଗୃହ ନିର୍ମାଣ ଜାରି ରହିଛି।

## ଅବହେଳା ପାଇଁ ୩ ଜଣଙ୍କୁ ବାନ୍ଧିଥିଲା ସିବିଆଇ

ଦୁର୍ଘଟଣା କିପରି ଓ କାହିଁକି ଘଟିଲା, ଏହା ଯାନ୍ତ୍ରିକ ତ୍ରୁଟି ନା ମନୁଷ୍ୟକୃତ କିମ୍ବା କୌଣସି ଷଡ଼ଯନ୍ତ୍ର ଜାଣିବା ପାଇଁ ଏହାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। କର୍ତ୍ତବ୍ୟରେ ଅବହେଳା ଯୋଗୁ ଯାନ୍ତ୍ରିକ ତ୍ରୁଟି ପାଇଁ ଦୁର୍ଘଟଣା ଘଟିଥିବା ସ୍ପଷ୍ଟ ହେବା ପରେ ସିବିଆଇ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ଥିଲେ ସିଗନାଲିଂ ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହାନ୍ତ ଓ ମହମ୍ମଦ ଅମୀର ଖାନ୍ ଏବଂ ଟେକ୍ନିସିଆନ ପପୁ କୁମାର।



## ୪ ଦିନ ପରେ ଟ୍ରାକ୍‌ରେ କରମଣ୍ଡଳ

ରେଳ ଦୁର୍ଘଟଣାର ୫୧ ଘଣ୍ଟା ମଧ୍ୟରେ ରେଳ ଲାଇନ ଠିକ୍ କରାଯାଇଥିଲା। ୩ଦିନ ପରେ ଉକ୍ତ ଟ୍ରାକ୍‌ରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ବେଳେ ୪ଦିନ ପରେ ଅର୍ଥାତ୍ ୨୦୨୩ ଜୁନ୍ ୬ ତାରିଖରେ ଯାତ୍ରୀଙ୍କୁ ନେଇ ପୁଣି ସେହି କରମଣ୍ଡଳ ଟ୍ରାକ୍‌ରେ ଚାଲିଥିଲା। ଏହି ସମୟରେ ଟ୍ରେନ୍ ଯାତ୍ରୀଙ୍କ ମନରେ ଟିକେ ଭୟ ଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଭଗବାନଙ୍କୁ ସ୍ମରଣ କରି ସେଦିନ ଧ୍ୱଂସଲୀଳା ରଚିଥିବା କରମଣ୍ଡଳ ଟ୍ରେନ୍‌ରେ ଯାତ୍ରୀମାନେ ପାଦ ରଖିଥିଲେ। ଚେନ୍ନାଇରୁ ବାହାରି ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ଦେଇ ଶାଳିମାର ଅଭିମୁଖେ ଯାତ୍ରା କରିଥିଲା କରମଣ୍ଡଳ ଏକ୍ସପ୍ରେସ୍। ଏହି ସମୟରେ ଟ୍ରେନ୍‌ର ଗତି ଖୁବ୍ କମ୍ ଥିବା ଦେଖିବାକୁ ମିଳିଥିଲା।



## ଡେରା ପକାଇଲେ ରାଜନେତା

ଦୁର୍ଘଟଣା ଘଟିବାର ଅଳ୍ପ କେଇ ଘଣ୍ଟା ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ପରଦିନ ଅର୍ଥାତ୍ ଜୁନ୍ ୩ ତାରିଖ ପୂର୍ବାହ୍ନ ୮ଟା ୨୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଉଦ୍ଧାର କାର୍ଯ୍ୟ ନେଇ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପହଞ୍ଚିଥିଲେ। ସେହିପରି ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତମାନଙ୍କୁ ଦେଖା କରିଥିଲେ। ବିନା ମୂଲ୍ୟରେ ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ପ୍ରାୟ ଅଧିକାଂଶ ମନ୍ତ୍ରୀ, ଏମ୍‌ପି, ବିଧାୟକ ତଥା ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ ଜିଲା ଗସ୍ତରେ ଆସି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କର ମୃତଦେହ ଠିକ୍ ଜାଗାରେ ରଖିବା ଓ ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ସାକ୍ଷାତ କରି ସେମାନଙ୍କ ଚିକିତ୍ସା ସମ୍ପର୍କରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏଭଳି ଦୁର୍ଘଟଣା ପାଇଁ ଇସ୍ତଫା ଦେବା ଲାଗି ବିରୋଧୀଙ୍କ ପକ୍ଷରୁ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।





ଏବର ବାହାନଗା ଷ୍ଟେଶନ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଉପାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**Upansu 13th Birthday**



If the word "Best" can be described then that is you my "Son"
Best Wishes: Papa & Mama, Tata & Maama, Peda Tata & Peda Maama, Aja & Aai, Tulu & July, Lachu & Lilla, Giri & Puspa, Ashish & Santu, Rinku & Barsha, Kuni, Rinky, Sonu, Munu, Joshna, Rudra & Bhawna, Sanvi, Purbika, Mohil & Tanvika.
ଧ-୪୧୫

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINET
SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜିଏସ୍‌ଟି ସଂଗ୍ରହରେ ରେକର୍ଡ

## ମେ'ରେ ୧,୭୨,୭୩୯ କୋଟି

**ନୂଆଦିଲ୍ଲୀ,୧।୬: (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସରେ ମଧ୍ୟ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ବା ମେ'ରେ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୭୩ (୧,୭୨,୭୩୯) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧.୫୭ (୧,୫୭,୦୯୦)ଲକ୍ଷ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ମାସରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରିମାଣ ୧୦% ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।




ଉଲ୍ଲେଖଯୋଗ୍ୟ, ୨୦୨୪ ମେ'ରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୭୨,୭୩୯ କୋଟି ରହିଥିବାବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୨,୪୦୯ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୪୦,୨୬୫ କୋଟି ଟଙ୍କା ସାମିଲ ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୭,୭୮୧ କୋଟି (ସାମଗ୍ରୀ ଆମଦାନୀ ବାବଦରେ ୩୯,୮୭୯ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୨୮୪ କୋଟି (ସାମଗ୍ରୀ ଆମଦାନୀ ଉପରେ ୧୦୭୬ କୋଟି ଟଙ୍କା ସାମିଲ) ଟଙ୍କାର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟି ବାବଦରେ ୩୮,୫୧୯ କୋଟି ଟଙ୍କା ଏବଂ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟି ବାବଦରେ ୩୨,୭୩୩ କୋଟି ଟଙ୍କା ସରକାର ପରିଶୋଧ କରିଛନ୍ତି। ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୨ୟ ମାସରେ ୫୦୨୭ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୩୯୮ କୋଟି ଟଙ୍କା ଥିଲା। ଚଳିତ ଆର୍ଥକ ବର୍ଷର ୨ୟ ମାସର ଅବଧି ମଧ୍ୟରେ ଏହା ୧୪% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ଦେଢ଼ଦିନ ମଧ୍ୟରେ ଦାବି ଫଇସଲା

**ଭୁବନେଶ୍ୱର,୧।୬**

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ରାୟ ଦେଢ ଦିନ ମଧ୍ୟରେ ଦାବି ଫଇସଲାର ସମାଧାନ କରୁଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ଦାବି ସମାଧାନ ଅନୁପାତ ୯୯.୧୭% ରହିଛି,ଯାହା ଉକ୍ତ କ୍ଷେତ୍ରରେ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରକୃତ ମୃତ୍ୟୁ ଦାବିର ସମାଧାନ ପାଇଁ ହାରାହାରି ୧.୨୭ ଦିନ ସମୟ ଲାଗିଥିଲାବେଳେ ୨୦୨୪ ଆର୍ଥିକ ବର୍ଷରେ କମ୍ପାନୀ ମୃତ୍ୟୁ ଦାବି ବାବଦରେ ମୋଟ ୧,୮୬୭କୋଟି ଟଙ୍କା ପ୍ରଦାନ କରିଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍‌ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ସିଓଓ ଅମିଷ ବ୍ୟାଙ୍କର କହିଛନ୍ତି, ଜୀବନ ବୀମା ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ। ତେଣୁ ଆମେ ସୁନିଶ୍ଚିତ କରୁଛୁ ଯେ ସମସ୍ତ ପ୍ରକୃତ ଦାବିର ଶୀଘ୍ର ସମାଧାନ ହେବ। ୨୦୨୩-୨୪ଆର୍ଥିକ ବର୍ଷରେ ଆମର ଶିଳ୍ପର ଅଗ୍ରଣୀ ଦାବି ସମାଧାନ ଅନୁପାତ ୯୯.୧୭% ରହିଛି ଏବଂ ସମସ୍ତ ଦସ୍ତାବିଜ ପାଇବା ପରେ ଅଣ-ଅନୁସନ୍ଧାନ ଖୁଚୁରା ଓ ମୃତ୍ୟୁ ଦାବି ସମାଧାନ ପାଇଁ ହାରାହାରି ସମୟ ମାତ୍ର ୧.୨୭ ଦିନ ଥିଲା। ସୂଚନାଯୋଗ୍ୟ, ଗତ ୧୦ବର୍ଷ ମଧ୍ୟରେ କମ୍ପାନୀ ମୋଟ ୧୨,୧୧୨କୋଟି ଟଙ୍କାର ମୃତ୍ୟୁ ଦାବିର ସମାଧାନ କରିଛି, ଯାହା ଲକ୍ଷ ଲକ୍ଷ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିଛି।

# ଲାଭାର ନୂତନ ଉତ୍ପାଦ

**ଭୁବନେଶ୍ୱର,୧।୬**

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ନୂତନ ଉତ୍ପାଦ ୟୁବା ୫ଜି (ପାୱାର ପ୍ୟାକ୍‌ଡ ୟୁବା ୫ଜି)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଦୁଇଟି ମେମୋରି ଭାରିଆଣ୍ଟରେ ଉନ୍ମୋଚନ ହୋଇଥିବା ୟୁବା ୫ଜିରେ ଅତ୍ୟାଧୁନିକ ଫିଚର ସହ ଉତ୍କୃଷ୍ଟ ବ୍ୟାଟେରି ବ୍ୟାକ୍‌ଅପ୍, ଦ୍ରୁତ ଏବଂ କ୍ୱାଲିଟି କ୍ୟାମେରା ଭଳି ଅନେକ ବୈଶିଷ୍ଟ ସାମିଲ ରହିଛି। ଏପରିକି ଏହାର ୬୪ଜିବି ମଡେଲର ବଜାର ମୂଲ୍ୟ ୯,୪୯୯ ଟଙ୍କା ଏବଂ ୧୨୮ଜିବିର ମୂଲ୍ୟ ୯,୯୯୯ ଟଙ୍କା ରହିଛି। ଅପରପକ୍ଷରେ ୟୁବା ୫ଜି ଆମାଜନ, ଲାଭା ଇ-ଷ୍ଟୋର ଏବଂ ଲାଭା ରିଟେଲ ଆଉଟ୍‌ଲେଟ୍‌ଗୁଡ଼ିକରେ ୨୦୨୪ ଜୁନ୍ ୫ରୁ ଉପଲବ୍ଧ ହେବାକୁ ଯାଉଛି।

ଏ ସମ୍ପର୍କରେ ଲାଭା ଇଣ୍ଟରନ୍ୟାଶନାଲର ମାର୍କେଟିଂ ହେଡ୍ ପୁରବଂଶ ମୈତ୍ରେୟ କହିଛନ୍ତି, ୟୁବା ୫ଜି'ର ଅନାବରଣକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏଥିରେ ପାୱାର ପ୍ୟାକ୍ ହୋଇଥିବା ବୈଶିଷ୍ଟ୍ୟ ସମ୍ପୂର୍ଣ୍ଣ ନିରାପତ୍ତା ଏବଂ ନିଶ୍ଚିତ ଅପ୍‌ଡେଟ୍ ସହିତ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିଥାଏ।

# ଏସ୍‌ଏସ୍‌ଏଲ-ଟାଟା ପାୱାର ରିନ୍ୟୁଏବଲ୍ସ ବୁଝାମଣା

**ଭୁବନେଶ୍ୱର,୧।୬**

ସୁପର ସ୍ମେଲଟର୍ସ ଲିମିଟେଡ୍ (ଏସ୍‌ଏସ୍‌ଏଲ୍) ଏବଂ ଟାଟା ପାୱାର ରିନ୍ୟୁଏବଲ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଅକ୍ଷୟ ଶକ୍ତିକୁ ପୂର୍ବ ଭାରତରେ ପ୍ରୋତ୍ସାହିତ କରିବା ଲାଗି ଉଭୟ କମ୍ପାନୀ ମଧ୍ୟରେ ଏକ ରଣନୀତିକ ଭାଗୀଦାରି ସହ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର ମଧ୍ୟ ହୋଇଯାଇଛି। ଏହା ଜରିଆରେ ଉଭୟ କମ୍ପାନୀ ୧୦୦% ସବୁଜ ଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ କମ୍ପାନୀ ୧୪୭,୦୧୪ ମେଗାୱାଟ୍ ସ୍ୱଚ୍ଛ ଶକ୍ତି (କ୍ଲିନ୍ ଏନର୍ଜି)ଉତ୍ପାଦନ କରିବ,ଯାହା ସ୍ଥିରତା ଓ ପରିବେଶ ଉପରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇବ ବୋଲି କୁହାଯାଇଛି। ଏପରିକି ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକୁ ଏକତ୍ରିତକରି ଶିଳ୍ପରେ ଏକ ନୂଆ ମାନଦଣ୍ଡ ଏହି ବୁଝାମଣା ସ୍ଥାପନ କରିବ। ବିଶେଷକରି ଏହାଦ୍ୱାରା ଇସ୍ପାତ ଉତ୍ପାଦନ ପାଇଁ ଅଙ୍ଗାରକାମ୍ଳ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ କେବଳ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆଲୋକିତକରେ ନାହିଁ ବରଂ ପୂର୍ବ ଭାରତରେ ସ୍ଥାୟୀ ବିକାଶ ଲାଗି ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରିଥାଏ ବୋଲି କୁହାଯାଇଛି। ଏ ସମ୍ପର୍କରେ ଏସ୍‌ଏସ୍‌ଏଲ୍‌ର ଚେୟାରମ୍ୟାନ ତଥା ଫାଉଣ୍ଡର ସୀତାରାମ ଅଗ୍ରୱାଲ କହିଛନ୍ତି, ଟାଟା ପାୱାର ରିନ୍ୟୁଏବଲ୍ସ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୫ ମେଗାୱାଟ୍ ବିଶିଷ୍ଟ ସୌର ପ୍ଲାଣ୍ଟ ସ୍ଥାପନ ସହ ସ୍ୱଚ୍ଛ ଶକ୍ତି ପ୍ରତି ଆମର ପ୍ରତିବଦ୍ଧତା ପ୍ରଦାନ କରିବା ସହିତ ୨୦୩୦ ସୁଦ୍ଧା ନବୀକରଣ ଯୋଗ୍ୟରୁ ୫୦% ଶକ୍ତି ଆବଶ୍ୟକତା ପୂରଣ କରିବା ଲାଗି ଆମକୁ ପ୍ରେରିତ କରିଥାଏ। ଉଲ୍ଲେଖଯୋଗ୍ୟ, ଏସ୍‌ଏସ୍‌ଏଲ୍ ଏକ ସାର୍ବଜନୀନ ଲିମିଟେଡ୍ କମ୍ପାନୀ ହୋଇଥିଲାବେଳେ ଆଇରନ ଓ ଷ୍ଟିଲ୍ ଉତ୍ପାଦ ଉତ୍ପାଦନର ଏକ ପ୍ରମୁଖ ଖେଳାଳି ଭାବେ ବଜାରରେ ଉଭା ହୋଇଛି। ଏପରିକି କମ୍ପାନୀର ଫ୍ଲାଗ୍‌ଶିପ ବ୍ରାଣ୍ଡ ସୁପର ଶକ୍ତି ବଜାରରେ ଅଗ୍ରଣୀ ଭୂମିକା ବହନ କରୁଛି।

# କମିଲା କମର୍ସିଆଲ ଗ୍ୟାସ୍ ଦର

**ଭୁବନେଶ୍ୱର,୧।୬**

କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ସ୍ଥିର ରହିଛି। ଏପରିକି ଚଳିତ ମାସରେ ଭୁବନେଶ୍ୱରର କମର୍ସିଆଲ ଗ୍ୟାସ୍ ଦର ୭୨ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ୬୯.୫୦ ଟଙ୍କା ହ୍ରାସ ପାଇଛି। ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂଆ ଦର ଶନିବାର ପ୍ରକାଶ ପାଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୭୨ ଟଙ୍କା କମି ୧୮୨୪.୫୦ ଟଙ୍କାରେ ପହଞ୍ଚିଛି। ଏହାପୂର୍ବରୁ (ଗତ ମାସ) କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୮୯୬.୫୦ ଟଙ୍କ ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କେ.ଜି.) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ୬୯.୫୦ଟଙ୍କା ହ୍ରାସ ଘଟି ୧୬୭୬ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.)ଦର ୮୦୩ ଟଙ୍କାରେ ରହିଛି। କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ୍ ଦର ଯଥାକ୍ରମେ ୧୭୮୭ ଟଙ୍କା,୧୬୨୯ ଟଙ୍କା ଏବଂ ୧୮୪୦ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରରେ ଘରୋଇ ଗ୍ୟାସ ଦର ଯଥାକ୍ରମେ ୮୨୯ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ଟଙ୍କାରେ କାରବାର ହେଉଛି।


# Classified Everyday 0674-2580101, 2549949



MATRIMONIAL

## BRIDE WANTED

Handsome Brahmin Boy 1992, 5'7", M.Tech Serving OAS "SUNASANSAR". 9937512659, 8249969649. D-402

## GROOM WANTED

Khandayat bride- age 31y/ 5.3"/ B.Tech. SBI employee. Father Central Government retired class-I employee. Settled in Bhubaneswar. Looking for a suitable groom. Bank or Government employee preferable. Caste no bar. Mob- 9438135083/ 9348578447. D-350

Suitable Brahmin Groom for Girl 27yrs 5.3' Magha Simha Masters Development Economics IIT Madras, Senior Manager Startup, Bengaluru Send HBP - 7855990091. D-360

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



REAL ESTATE

## SALE

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-429

Second hand HP Laser printer for sale model No.- 1020, 1010, 1018, 1505 BBSR. M- 8249053615. D-48733

**(1) Commercial plot, facing to NH Road Nakhara to Niali NH 10000sqft. 3 sides road, (2) Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75749

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possession. 7849939838. D-75961

1700sqft. Roadside plot for sale Banamali Prasad, Dhenkanal. Contact- 9658877226, 9861254667. D-76011

## GENERAL SALE

Showcase counter- 12'x 4feet (Double glass), Phn- 7735339577. D-427




1600sqft. Carpet Area commercial space, 83/A, Opp. BJEM School, Kalpana area, BBSR for commercial corporate house, Public Sector Unit, State/Central Govt. Contact- 9338090901, 06742310026. D-76012




Relax, refresh your body, mind by expert therapist. Contact- 9938843929. D-76124

**Full body massage experience, good looking therapist @999 (Bhubaneswar). 9078484455.** D-426

Monalisa massage Club: All types Body massage with hiprofile smart lady rooms service available. 9708545108. D-410

**Relax, Refresh your body, mind at Saikrupa Spa with best therapies. 8984068077.** D-416

Fully relaxed body massage trained therapist. Central SPA. 9556483961. D-75747

Newly open Jyoti SPA positively health benefits (Expert therapist). 8458067955. D-76125

## LOST

ମୁଁ ସୌରଭ କୁମାର ନାଏକ, ପି: ହିମାଂଶୁ ଶେଖର ନାଏକ, ଗ୍ରାମ: ନକ୍ସାପାଲି, ଥାନା: ଲଇକେରା, ଜି: ଝାରସୁଗୁଡ଼ା। ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଛି ଯେ, ମୋର ଗୋଟିଏ +୨ର ମାଇଗ୍ରେସନ ସାର୍ଟିଫିକେଟ ସମ୍ବଲପୁରରୁ ବରପାଲିକୁ ବସ୍‌ରେ ଆସିବା ସମୟରେ ତା୨୫।୦୫।୨୦୨୪ରିଖ ଦିନ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ସାର୍ଟିଫିକେଟଟି ପାଇବେ, ଉପରୋକ୍ତ ଠିକଣାରେ ଯୋଗାଯୋଗ କରି ଫେରସ୍ତ କରିବାକୁ ବିନୀତ ଅନୁରୋଧ କରୁଛି।
ସୌରଭ କୁମାର ନାୟକ
Mob- 7326804008
ଧ- ୪୨୮


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## AFFIDAVIT

By virtue of an affidavit sworn before the Notary Public, Bhubaneswar, dated 20.04.2024, I, Soudamini Mohanty aged about 55 years, W/o- Sasadhar Mohanty, resident of at Qtr. No.- Type-2-1/4, Unit-6, Ekamra Marg, Bhubaneswar, P.S.- Capital, Dist.- Khordha, Odisha declare that I have changed my name from Susama Mohanty to Soudamini Mohanty. Henceforth, I shall be known as Soudamini Mohanty for all purposes. D-424

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**୩୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**୰ଗୋପୀନାଥ ପଣ୍ଡା**
୬୨, ବାପୁଜୀନଗର
ତିରୋଧାନ: ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୩୮୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ. ଗଗନ ବିହାରୀ କଲେତ୍**
ଗାନ୍ଧୀନଗରପଡ଼ା, ଗାଇସିଲେଟ୍, ବରଗଡ଼
ଆବିର୍ଭାବ: ୧୦।୦୫।୧୯୭୦
ତିରୋଧାନ: ୦୨।୦୬।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାଇ: ଘନ କଲେତ୍, ଭାଇବୋହୂ: କଲ୍ୟାଣୀ କଲେତ୍, ଝିଅ: ଜାଗୃତିରାଣୀ କଲେତ୍।
ଧ-୪୩୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ବିଶ୍ୱଜିତ୍ ଜେନା (ଜିତୁ)**
ଡି.ଏଲ୍-୪-ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୦୩।୧୯୭୮
ତିରୋଧାନ: ୧୫।୦୫।୨୦୨୩
ଚାହୁଁ ଚାହୁଁ ବର୍ଷେ ବିତିଗଲା, ତୁମ ହସ ହସ ମୁହଁ ଆମ ଆଖି ଆଗରେ ଝଲସି ଉଠୁଛି। ତୁମ ଧୈର୍ଯ୍ୟ, ତ୍ୟାଗ ଓ ନିଷ୍ଠାର ପଟାନ୍ତର ନାହିଁ; ଯାହାକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଅବୁଝା ମନ ଆମ ବିକଳ ଅତି, କେଉଁଠି ଅଛି ଆମ ସେ ପୁଣ୍ୟ ଆତ୍ମାଟି। ଦିବ୍ୟ ସନ୍ତାନଟିଏ ଥିଲ ତୁମେ ସୃଷ୍ଟିର, ଅପୂରଣୀୟ ତୁମର ଶୂନ୍ୟସ୍ଥାନ ଜୀବନର। ପ୍ରତି ମୁହୂର୍ତ୍ତରେ ତୁମେ ଆମର ମାର୍ଗଦର୍ଶନ କରୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ବାପା, ବୋଉ, ପତ୍ନୀ: ପିଙ୍କି, ଝିଅ: ଖୁସି, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୭୪୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ପ୍ରଥମ ମତଦାନ

**ସରିଛି ସମସ୍ତ ପର୍ଯ୍ୟାୟ ନିର୍ବାଚନ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଦେଶର ଅଧିକାଂଶ ନାଗରିକ ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ଆଉ ଜୀବନରେ ପ୍ରଥମ ଥର ଭୋଟ ଦେଇ ଜନନେତାଙ୍କୁ ବାଛିବାର ସୁଯୋଗ ପାଇଥିବା ଯୁବପିଢ଼ିଙ୍କ ପାଇଁ ଏହି ଅନୁଭୂତି ଥିଲା ନିଆରା...**






### ଦେଶର ମହାନ୍ ପର୍ବରେ ସାମିଲ ହୋଇ ଖୁସି

**ପାର୍ଥ ସାମନ୍ତରାୟ** (ଶ୍ରୀରାମନଗର, ଖୋର୍ଦ୍ଧା)- ମେ' ୨୫ ତାରିଖ ମତଦାନ ଥିଲା। ଘର ପାଖ ପ୍ରାକ୍ଟିସ୍ ସ୍କୁଲ ମତଦାନ କେନ୍ଦ୍ରରେ ମତଦାନ କରିଛି। ପ୍ରଥମ ଥର ଭୋଟ ଦେବାକୁ ନେଇ ମନରେ ଏତେ ଉତ୍କଣ୍ଠା ଭରି ରହିଥିଲା ଯେ, ସକାଳ ୭ଟାରେ ମତଦାନ ଆରମ୍ଭ ହେବା ବେଳକୁ ଭୋଟ କେନ୍ଦ୍ରରେ ପହଞ୍ଚି ସାରିଥିଲି। ଯଦିଓ ସର୍ବପ୍ରଥମେ ମୁଁ ଭୋଟ ଦେବି ଭାବି ଉତ୍ସାହିତ ଥିଲି ହେଲେ ମୋ ପହଞ୍ଚିବା ବେଳକୁ ଆଗରେ ଲୋକେ ଲମ୍ବା ଧାଡିରେ ଠିଆ ହୋଇସାରିଥିବା ଦେଖି ଆଶ୍ଚର୍ଯ୍ୟ ଲାଗିଥିଲା। ଯାହା ହେଉ ଦେଶର ଏହି ମହାନ୍ ପର୍ବରେ ସାମିଲ ହୋଇ ମତଦାନ କରି ମୋର ମତଦାନ ଅଧିକାର ସାବ୍ୟସ୍ତ କରିପାରିଥିବାରୁ ବେଶ୍ ଖୁସି ଲାଗିଲା। ବାସ୍ତବରେ ଜଣେ ଭୋଟରଙ୍କ ପ୍ରତିଟି ଭୋଟର ମୂଲ୍ୟ କେତେ ଅଧିକ ସେଦିନ ଅନୁଭବ କରିପାରିଲି। ତେବେ କୌଣସି ପ୍ରଲୋଭନ କିମ୍ବା କାହା କଥାରେ ପ୍ରଭାବିତ ନ ହୋଇ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇଛି।

### କଥାରେ ନୁହେଁ କାମରେ କରିଦେଖାନ୍ତୁ ବିଜେତା

**ଆୟୁଷ କୁମାର ଗୋସ୍ୱାମୀ**(ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର)- ଇଲେକ୍ସନ ପାଖେଇ ଆସିଲେ ସବୁଆଡେ ମାହୋଲ ଅଲଗା ପ୍ରକାର ହୋଇଯାଏ। କେଉଁଠି ବିଭିନ୍ନ ଦଳର ସଭା ସମିତି ତ କେଉଁଠି ନିର୍ବାଚନୀ ପ୍ରଚାର। ପୁଣି ବୁଥ୍‌ରେ ଭୋଟ ଦେବାପାଇଁ ଲୋକଙ୍କର ଭିଡ଼। ପିଲାବେଳୁ ଏସବୁ ଦେଖି ନିଜେ ମତଦାନ କରିବାକୁ ଉତ୍କଣ୍ଠା ଭରି ରହିଥିଲା। ଆଉ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏହି ସୁଯୋଗ ପାଇଥିବାରୁ ବେଶ୍ ଖୁସି ଲାଗୁଛି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଶେଷ କରି ଆମ ଭଳି ଯୁବପିଢିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସ୍ୱପ୍ନକୁ ଆଖିଆଗରେ ରଖି ପରିବର୍ତ୍ତନ ଜରୁରୀ ବୋଲି ଆଶା ରହିଛି। ତେବେ ଏଥର ଯିଏ ବିଜୟୀ ହେବେ ସେ କଥାରେ ନୁହେଁ ଉନ୍ନତିମୂଳକ କାର୍ଯ୍ୟ ବାସ୍ତବରେ କରି ଦେଖାଇବେ ବୋଲି ଆମର ବିଶ୍ୱାସ। ତେବେ ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା ପରେ କିଏ ପିନ୍ଧିବ ବିଜୟ ମୁକୁଟ ଦେଖିବାକୁ ବାକିରହିଲା।


ପାର୍ଥ ସାମନ୍ତରାୟ


ମିନତି ସାହୁ


ଆୟୁଷ ଗୋସ୍ୱାମୀ


ସନ୍ଦୀପ ମହାନ୍ତ

### ଯୋଗ୍ୟ ପ୍ରାର୍ଥୀ ଜିତିବେ ବୋଲି ଆଶା

**ମିନତି ସାହୁ**(ଖୋର୍ଦ୍ଧା)- ତୃତୀୟ ପର୍ଯ୍ୟାୟ ମତଦାନରେ ଖୋର୍ଦ୍ଧା ପାଇଁ ଭୋଟ ଗ୍ରହଣ ହୋଇଥିଲା। ବିଡିଏ କଲୋନୀସ୍ଥିତ ଆଦର୍ଶ ମତଦାନ କେନ୍ଦ୍ରରେ ଲମ୍ବା ଧାଡିରେ ଠିଆ ହୋଇ ପ୍ରାୟ ଏକ ଘଣ୍ଟା ଅପେକ୍ଷା ପରେ ଭୋଟ ଦେବାର ସୁଯୋଗ ପାଇଲି। ଏହା ଥିଲା ମୋ ଜୀବନର ପ୍ରଥମ ମତଦାନ। ଏକକାଳୀନ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଦେଇ ବହୁତ ଖୁସି ଲାଗିଲା। ଏଥର କେଉଁ ଦଳ ଜିତିବ ତାହାକୁ ନେଇ ଦୀର୍ଘଦିନ ହେବ ଚର୍ଚ୍ଚା ଲାଗି ରହିଛି। ବାସ୍ତବରେ ଯିଏ ନିଜ ପରିବର୍ତ୍ତେ ଜନସାଧାରଣଙ୍କ ସ୍ୱାର୍ଥ ଓ ସୁବିଧା ଅସୁବିଧା ବୁଝିବେ, ସେଭଳି ଯୋଗ୍ୟ ପ୍ରାର୍ଥୀ ହିଁ ଜିତନ୍ତୁ ବୋଲି ଭଗବାନ୍‌ଙ୍କୁ ପ୍ରାର୍ଥନା କରିବି।

### ପ୍ରଥମ ଥର ଭୋଟ ଦେବାର ଅନୁଭୂତି ନିଆରା

**ସନ୍ଦୀପ ମହାନ୍ତ** (ଅଲଣାପଦା, ସଦର ବ୍ଲକ, କେନ୍ଦୁଝର)- ଦେଶର ନାଗରୀକ ଭାବେ ଭୋଟ ଦେବା ଆମର ଅଧିକାର। ତେଣୁ ପ୍ରଥମ ଥର ଦେଶର ସବୁଠାରୁ ବଡ ପର୍ବରେ ସାମିଲ ହୋଇ ମତଦାନ କରି ଦେଶ ଗଠନରେ ସହାୟକ ହୋଇ ଥିବାରୁ ବହୁତ ଖୁସି ଲାଗିଲା। ବୁଥ୍‌ରୁ ଫେରିବା ବେଳୁକୁ ମନେ ହେଉଥିଲା ସତେ ଯେପରି ଦେଶର ଜଣେ ନାଗରିକ ଭାବେ ମାନ୍ୟତା ପାଇଲି । ଯିଏ ଜନତାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବ ଏବଂ ଦେଶର ବିକାଶ ପାଇଁ କାମ କରିବ ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେଲି। ଯଦିଓ ଲମ୍ବା ଲାଇନ୍ ଥିଲା ତଥାପି ଭୋଟ ଦେବାରେ କୌଣସି ସମସ୍ୟା ହୋଇନି।

### ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ

**ଆଶୁତୋଷ ନାୟକ**(ଗୁରୁଜଙ୍ଗ, ଖୋର୍ଦ୍ଧା)- ଆଲୋକ ଦାସ, ଶିବଚରଣ ସିଂହଦେଓ ଏବଂ ମୋ ଭିତରେ ଅନ୍ତରଙ୍ଗ ବନ୍ଧୁତା ରହିଛି। ଗୋଟିଏ ଶ୍ରେଣୀରେ ପଢିଛୁ। ପିଲାବେଳୁ ଇଲେକ୍ସନ ଆସିଲେ ନିର୍ବଚନୀ ପ୍ରଚାର ଓ ର୍ୟାଲିରେ ବୁଲିବାକୁ ଭାରି ମଜାଲାଗୁଥିଲା। ଅନ୍ୟମାନଙ୍କୁ ସ୍କୁଲ୍ ଘରେ ଲାଇନ୍‌ରେ ଠିଆ ଭୋଟ ଦେବା ଓ ଆଙ୍ଗୁଠିରେ କାଳି ଲଗାଇ ଫେରିବା ଦେଖି ଆମର ବି ଭୋଟ ଦେବାକୁ ଇଛା ହେଉଥିଲା। କେବଳ ଏତିକି ନୁହେଁ କେତେଥର ବିଭିନ୍ନ ଦଳପକ୍ଷରୁ ହେଉଥିବା ଭୋଜିରେ ଏକାଠି ଖାଇଥିଲୁ ମଧ୍ୟ। ଏବର୍ଷ ଜୀବନର ପ୍ରଥମଥର ପାଇଁ ତିନି ସାଙ୍ଗ ଏକାଠି ହୋଇ ଭୋଟ ମଧ୍ୟ ଗୋଟିଏ ବୁଥ୍‌ରେ ଦେଲୁ। କିଛି ବର୍ଷ ମଧ୍ୟରେ ଖୋର୍ଦ୍ଧାରେ ଅନେକ ଶିଳ୍ପାନୁଷ୍ଠାନ ଗଢିଉଠିଛି। ହେଲେ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନାହିଁ। ଏଥର ଆମ କଥାକୁ ଯେଉଁ ଦଳ ପ୍ରତିଶ୍ରୁତି ଦେଇଛନ୍ତି, ତାଙ୍କୁ ଆମ ଭୋଟ ଯାଇଛି। ଏଥିସହିତ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେଇଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେଇଛୁ।


ଆଶୁତୋଷ ନାୟକ, ଆଲୋକ ଦାସ, ଶିବଚରଣ ସିଂହଦେଓ

## ଯୁଥ୍ ଆଲର୍ଟ

# ଯୁବାବସ୍ଥାରେ କେଶ ଝଡୁଥିଲେ..

**କେଶ ଝଡ଼ିବା ଏବଂ ଚନ୍ଦାପଣ ବର୍ତ୍ତମାନ ଅନେକଙ୍କ ପାଇଁ ଟେନ୍‌ସନ୍‌ର କାରଣ ପାଲଟିଛି। ଜାଣନ୍ତୁ ଅଳ୍ପ ବୟସରୁ ହିଁ କେଶ ଝଡ଼ିବା ପଛରେ କ'ଣ ରହିଛି କାରଣ ଏବଂ କିପରି କରିପାରିବେ ଏହାର ପ୍ରତିକାର...**

➢ଯୁବାବସ୍ଥାରେ କେଶ ଝଡ଼ିବା ବା ଚନ୍ଦାପଣ ଲାଗି ଅସନ୍ତୁଳିତ ଖାଦ୍ୟାଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ମୁଖ୍ୟତଃ ଦାୟୀ।

➢ଏହା ବ୍ୟତୀତ ଏହି ବୟସରେ ହର୍‌ମୋନ ପରିବର୍ତ୍ତନ ମଧ୍ୟ କେଶ ଝଡ଼ିବାର ଆଉ ଏକ ବଡ଼ କାରଣ। ଯୁବକମାନଙ୍କଠାରେ ଡିହାଇଡ୍ରୋଟେଷ୍ଟୋଷ୍ଟିରନ୍ ହର୍‌ମୋନ୍‌ର ପରିମାଣ ଅଧିକ ହେଲେ କେଶ ଝଡ଼ିଥାଏ। ଏହାକୁ ଦୂର କରିବା ଲାଗି ଗ୍ରୀନ୍ ଟି ପିଇବା ଲାଭଦାୟକ।

➢ବର୍ତ୍ତମାନର ଯୁବପିଢ଼ି ସୁଷମ ଖାଦ୍ୟ ପରିବର୍ତ୍ତେ ଜଙ୍କ୍‌ଫୁଡ୍, ଫାଷ୍ଟ ଫୁଡ୍, ପ୍ୟାକେଜ୍‌ଡ ଫୁଡ୍ ଆଦି ପ୍ରତି ଆଗ୍ରହୀ ହେଉଛନ୍ତି। ଯଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ପ୍ରୋଟିନ୍ ମିଳି ପାରୁ ନ ଥିବାରୁ ଯୁବାବସ୍ଥାରୁ କେଶ ଝଡ଼ିବା, ପାଚିବା ସହ କେତେକଙ୍କଠାରେ ଚନ୍ଦାପଣ ମଧ୍ୟ ଦେଖାଦେଉଛି। ଏହି ସମସ୍ୟାକୁ ଏଡ଼ାଇବା ଲାଗି ଖାଦ୍ୟ ତାଲିକାରେ ପାଳଙ୍ଗଶାଗ, ଆଲ୍‌ମଣ୍ଡ, ବାଦାମ, ଛେନା, କ୍ଷୀର ଆଦିକୁ ସାମିଲ କରନ୍ତୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବା ଆବଶ୍ୟକ।

➢ହେୟାର ଷ୍ଟାଇଲିଂ ନିଶାରେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ କେଶରେ ବିଭିନ୍ନ ପ୍ରକାର କେମିକାଲଯୁକ୍ତ ରଙ୍ଗ, ଜେଲ୍, ଶ୍ୟାମ୍ପୁ, କଣ୍ଡିସନର ଆଦିର ବ୍ୟବହାର ସାଙ୍ଗକୁ ହେୟାର ଷ୍ଟ୍ରେଟନିଂ, କର୍ଲି, ଡ୍ରାଏ ଆଦି କରାଉଛନ୍ତି ; ଯାହାକି କେଶ ଝଡ଼ିବାର ଆଉ ଏକ ବଡ଼ କାରଣ। ତେଣୁ କେଶକୁ ମଜଭୁତ କରିବା ଲାଗି କେଶରେ ସପ୍ତାହକୁ ଅତିକମ୍‌ରେ ଦୁଇଥର ନଡ଼ିଆ କିମ୍ବା ଅନ୍ୟ ତେଲ ମସାଜ୍ କରନ୍ତୁ ଏବଂ ପରଦିନ ହର୍ବାଲ କିମ୍ବା କେମିକାଲ ଫ୍ରି ମାଇଲ୍ଡ ଶ୍ୟାମ୍ପୁ ଲଗାଇ ଧୋଇ ଦିଅନ୍ତୁ।



➢ସିଗାରେଟ୍ ଟାଣିବା, ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରିବା ଅନେକ ଯୁବତୀ ଯୁବକଙ୍କ ପାଇଁ ଏକ ଫ୍ୟାଶନ୍ ପାଲଟିଛି। ଏହାଦ୍ୱାରା ଏଥିରୁ ନିର୍ଗତ କାର୍ବନ ମନୋକ୍ସାଇଡ୍ ଏବଂ ନିକୋଟିନ୍ ଭଳି ବିଷାକ୍ତ ପଦାର୍ଥ ରକ୍ତବାହୀ ନଳୀକୁ ସଂକୁଚିତ କରି ଦେଉଥିବାରୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି। ଫଳରେ ରକ୍ତ ମାଧ୍ୟମରେ କେଶକୁ ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଉପାଦାନ ପହଞ୍ଚିପାରୁ ନ ଥିବାରୁ କେଶ ଝଡୁଛି। କେଶର ସୁରକ୍ଷା ଲାଗି ଏହି ବଦଭ୍ୟାସଠୁ ଦୂରେଇ ରହିବା ଭଲ।

➢କେଶକୁ ମଜଭୁତ କରିବା ଲାଗି ବିଭିନ୍ନ ଭିଟାମିନ୍ ଏବଂ ଅନ୍ୟ ଉପାଦାନ ଖାଦ୍ୟରୁ ମିଳିଥାଏ। ତେଣୁ କେଶକୁ ମଜଭୁତ ରଖିବା ଲାଗି ଖାଦ୍ୟ ତାଲିକାରେ କମଳା, ଶାଗ, ଚିକେନ୍, ମାଛ, ଅଣ୍ଡା, ବ୍ରୋକୋଲି, ସୋୟାବିନ୍ ଆଦିକୁ ସାମଲ କରନ୍ତୁ। କାରଣ ଏଥିରେ ଭିଟାମିନ୍ ବି୩, ବି୫, ବି୯, ଇ ଏବଂ ପ୍ରୋଟିନ୍ ପରିମାଣ ଅଧିକ। ଏହାବ୍ୟତୀତ ଜିଙ୍କ୍ ଲାଗି ଗହମ, ଓଟ୍ସ, କ୍ଷୀର, ଅଣ୍ଡା କେଶର ଆଦି ଖାଆନ୍ତୁ। ମ୍ୟାଗ୍ନେସିଅମ୍ ଲାଗି କ୍ଷୀର ପିଅନ୍ତୁ, କଦଳୀ, କାଜୁ ଆଦି ଖାଆନ୍ତୁ, ଆଇରନ୍ ଲାଗି ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଶସ୍ୟଜାତୀୟ ଖାଦ୍ୟ, ମାଛ ଆଦି ଖାଆନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧- କାମ୍ପି ଫ୍ଲେଗ୍ରେଇ ଆଗ୍ନେୟଗିରି .........ରେ ଅବସ୍ଥିତ ?
୨- ଏସିଆନ୍ ଜିମ୍ନାଷ୍ଟିକ୍ ଚାମ୍ପିୟନ୍‌ଶିପ୍-୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରଥମ ଭାରତୀୟ ଜିମ୍ନାଷ୍ଟ........... ?
୩- ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡକପ୍ ....... ମସିହାରେ ଖେଳାଯାଇଥିଲା ?
୪- ଗୀତା ରହସ୍ୟ ପୁସ୍ତକର ଲେଖକ .............. ?
୫- ସ୍କାର୍ଲେଟ୍ ମକାଉ ........... ଦେଶର ଜାତୀୟ ପକ୍ଷୀ ?

## ଗତ ଥରର ଉତ୍ତର

୧ ତାଇୱାନ୍
୨ ବ୍ରାଜିଲ୍
୩ ପୂର୍ବ ଜଳବାୟୁ
୪ କଙ୍ଗୋ ନଦୀ
୫ ବେସ୍‌ବଲ୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଐତିହାସିକ ପର୍ଯ୍ୟଟନସ୍ଥଳୀ

୧- ମାଚୁପିଚୁ ........ ପେରୁ
୨- ଅଙ୍ଗକୋର ୱାଟ୍ ........ କାମ୍ବୋଡ଼ିଆ
୩- ପେଟ୍ରା ........ ଜୋର୍ଡାନ୍
୪- ଷ୍ଟୋନ୍‌ହେଞ୍ଜ୍ ........ ୟୁନାଇଟେଡ୍ କିଙ୍ଗଡମ୍
୫- ଦି ପାର୍ଥେନନ୍ ........ ଗ୍ରୀସ୍
୬- ଦି ଗ୍ରେଟ ୱାଲ୍ ଅଫ୍ ଚାଇନା ........ ଚାଇନା
୭- ତାଜ୍‌ମହଲ ........ ଭାରତ
୮- ଇଷ୍ଟର ଆଇସ୍‌ଲାଣ୍ଡ ........ ଚିଲୀ
୯- ଦି ପିରାମିଡ୍‌ସ ଆଟ୍ ଗିଜା ........ ଇଜିପ୍ଟ
୧୦- ଚିଚେନ୍ ଇଜା ........ ମେକ୍ସିକୋ


ମାଚୁପିଚୁ

## ଜାଣନ୍ତୁ ଦୁନିଆ

# ଆମ ଦେଶର ଅଜବ ପ୍ରଥା

**ଆମ ଦେଶର ବିଭିନ୍ନ ପ୍ରାନ୍ତରେ ଅନେକ ପ୍ରକାରର ପ୍ରଥା ପ୍ରଚଳିତ ହୋଇଆସୁଛି। ଏଥିମଧ୍ୟରୁ ଏମିତି କିଛି ପ୍ରଥା ରହିଛି, ଯାହା ସମ୍ପର୍କରେ ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ସେଭଳି କେତେକ ଅଜବ ପ୍ରଥା ସମ୍ପର୍କରେ...**



**ଦୀର୍ଘାୟୁ କରିବାକୁ ପିଲାଙ୍କୁ ପୋତାଯାଏ:** କର୍ନାଟକର ଗୁଲ୍‌ବର୍ଗାସ୍ଥିତ ମୋମିନପୁର ଗାଁରେ ମାଟିକୁ ଖୁବ୍ ପବିତ୍ର ମାନନ୍ତି। ଏଥିରେ ବିଭିନ୍ନ ରୋଗ ଭଲ କରିବାର ଶକ୍ତି ରହିଛି ବୋଲି ଗ୍ରାମବାସୀଙ୍କର ବିଶ୍ୱାସ ରହିଛି। ଯେଉଁଥିପାଇଁ ସେମାନେ ମାଟି ଖୋଳି ଛୋଟପିଲାଙ୍କୁ ବେକ ପର୍ଯ୍ୟନ୍ତ ପୋତି ଦିଅନ୍ତି। ୬ ଘଣ୍ଟା ପିଲାଙ୍କୁ ଏପରି ଅବସ୍ଥାରେ ରଖାଯାଏ। ଏହାଦ୍ୱାରା ପିଲାର ସମସ୍ତ ଶାରୀରିକ ଓ ମାନସିକ ରୋଗ ଦୂର ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି।

**ବିବାହ ନ କଲେ ଖାଆନ୍ତି ମାଡ଼:** ଯଦି କୌଣସି ଯୁବକଙ୍କ ବିବାହ କୌଣସି କାରଣରୁ ନ ହୋଇପାରୁଛି, ତେବେ ତାଙ୍କୁ ବିବାହିତା ମହିଳାମାନେ ବାଡ଼ିରେ ପିଟିଲେ ଆଗାମୀ ବର୍ଷ ତାଙ୍କ ବିବାହ ହୋଇଯାଏ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଏଭଳି ଏକ ଅଜବ ପ୍ରଥା ଦେଖିବାକୁ ମିଳେ ରାଜସ୍ଥାନର ଯୋଧପୁର ସହରରେ। ଅଧିକ ବୟସ ପର୍ଯ୍ୟନ୍ତ କୌଣସି ଯୁବକର ବିବାହ ନ ହୋଇପାରିଲେ ବିବାହିତା ମହିଳାଙ୍କ ଠାରୁ ମାଡ଼ ଖାଇଲେ ଅବିବାହିତ ଦୋଷ ବା ବାଡୁଅ ଦୋଷ କଟିଥାଏ ବୋଲି ସେଠାକାର ବାସିନ୍ଦାଙ୍କର ବିଶ୍ୱାସ ରହିଛି। ବିବାହ ଉଦ୍ଦେଶ୍ୟରେ ଯୁବକମାନେ ମାଡ଼ କଷ୍ଟକୁ ମଧ ସହି ଯାଆନ୍ତି।

**ମୃତ୍ୟୁରେ କରାଯାଏ ଶିବଲିଙ୍ଗ ଦାନ:** ହିନ୍ଦୁଧର୍ମରେ କାହାର ମୃତ୍ୟୁ ପରେ ତାଙ୍କ ଆତ୍ମା ଶାନ୍ତି ପାଇଁ ପିଣ୍ଡଦାନ କରିବାର ପ୍ରଥା ରହିଛି। ହେଲେ ବାରାଣସୀର ଜଙ୍ଗମବାଡ଼ି ମଠରେ କାହାର ମୃତ୍ୟୁ ହୋଇଗଲେ ପିଣ୍ଡଦାନ ପରିବର୍ତ୍ତେ ଶିବଲିଙ୍ଗ ଦାନ କରାଗଲେ ଆତ୍ମାଶାନ୍ତି ପାଇଥାଏ ବୋଲି ବିଶ୍ୱାସ ରହିଛି। କେବଳ ଏତିକି ନୁହେଁ, ଯଦି କାହାର ଅକାଳରେ ବା ଆକସ୍ମିକ ମୃତ୍ୟୁ ହୁଏ, ତେବେ ଶିବ ଲିଙ୍ଗଦାନ ନୁହେଁ ବରଂ ଶିବଲିଙ୍ଗ ସ୍ଥାପନ କରାଯାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସେଠାରେ ବର୍ତ୍ତମାନ ପର୍ଯ୍ୟନ୍ତ ଦଶ ଲକ୍ଷରୁ ଅଧିକ ଶିବଲିଙ୍ଗ ସ୍ଥାପନ ହୋଇସାରିଛି।



www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜୁନ୍ ୨/୨୦୨୪ Bhubaneswar, Sunday, June 2/ 2024

# କଳିଙ୍ଗରେ ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ୍

ଭୁବନେଶ୍ୱର,୧।୬
(ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଠାରୁ ୭୦ତମ ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ ଆରମ୍ଭ ହୋଇଛି। ୩ ଜୁନ୍ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିଭିନ୍ନ ବୟସ ବର୍ଗରେ ଏକାଧିକ ଇଭେଣ୍ଟ ଶନିବାର ଅନୁଷ୍ଠିତ ହୋଇଥିଲା। ୧୪ ବର୍ଷରୁ କମ୍ ବୟସ ବାଳକ ଓ ବାଳିକା ବର୍ଗରେ ଟ୍ରାୟାଥ୍ଲନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବର୍ଗରେ ଆୟୁଷ ମଲିକ, ଦେବ ସରକାର ଓ ଆକାଶ ବର୍ଗଡି ବିଜୟୀ ହୋଇଥିଲେ। ସେହିପରି ବାଳିକା ବର୍ଗରେ ରେଶମା ବେହେରା, ଏଲ୍. ସ୍ନିଗ୍ଧା ଓ ଲିପ୍ସା ପ୍ରଧାନ ବିଜୟୀ ହୋଇଥିଲେ। ୧୬ ବର୍ଷରୁ କମ୍ ବୟସ ବର୍ଗରେ



୭୦ତମ ରାଜ୍ୟ ଜୁନିୟର ଆଥ୍‌ଲେଟିକ୍ ମିଟ୍ ଅବସରରେ ଏକ ଇଭେଣ୍ଟ।

ଲଙ୍ଗଜମ୍ପ, ଶଟ୍‌ପୁଟ୍ ଓ ଜାଭେଲିନ୍ ଅନୁଷ୍ଠିତ ହୋଇଥିଲା। ବାଳକ ବର୍ଗରେ ହାଇଜମ୍ପ ଇଭେଣ୍ଟରେ ସତ୍ୟସାଗର ପ୍ରଧାନ, ଶଟ୍‌ପୁଟ୍‌ରେ ଦଶମତ ମୁର୍ମୁ ଓ ଜାଭେଲିନ୍‌ରେ ଦେବସ୍ମିତି ମହାନ୍ତି ପ୍ରଥମ ସ୍ଥାନରେ ରହିଥିଲେ। ବାଳିକା ବର୍ଗରେ ଲଙ୍ଗଜମ୍ପରେ ପାର୍ବତୀ ହାଁସଦା, ଶଟ୍‌ପୁଟରେ ତେଜସ୍ୱିନୀ ଧଳ ଓ ଜାଭେଲିନରେ ଆଲୋକିକା ସ୍ୱାଇଁ ପ୍ରଥମ ସ୍ଥାନରେ ରହିଥିଲେ। ୧୮ ବର୍ଷରୁ କମ୍ ବାଳକ ହାଇ ଜମ୍ପରେ ସାଗର ଏକ୍କା, ଶଟ୍ ପୁଟ୍‌ରେ ଓଁକାର ପ୍ରସାଦ ନନ୍ଦ ଓ ଜାଭେଲିନ୍‌ରେ ସୋମନାଥ ସିଂ ପ୍ରଥମ ସ୍ଥାନରେ ରହିଥିଲେ। ୧୮ ବର୍ଷରୁ କମ୍ ବାଳିକା ବର୍ଗ ଲଙ୍ଗ ଜମ୍ପରେ ସଞ୍ଜୁ ହାନ୍ତାଳ, ଶଟ୍‌ପୁଟ୍‌ରେ ଅଙ୍କିତା ମହାପାତ୍ର ଓ ଜାଭେଲିନ୍‌ରେ ସୁମିତ୍ରା ପାଙ୍ଗି ପ୍ରଥମ ସ୍ଥାନରେ ରହିଥିଲେ।

# ୱାର୍ମ ଅପ୍ ମ୍ୟାଚ୍: ପନ୍ତଙ୍କ ଅର୍ଦ୍ଧଶତକ

ନ୍ୟୁୟର୍କ, ୧।୬

ଟି୨୦ କ୍ରିକେଟ ବିଶ୍ୱକପରେ ବାଂଲାଦେଶ ବିପକ୍ଷ ୱାର୍ମ ଅପ୍ ମ୍ୟାଚ୍‌ରେ ଭାରତୀୟ ଦଳର ଉଇକେଟ କିପର ବ୍ୟାଟର ରିଷଭ ପନ୍ତ ଫର୍ମକୁ ଫେରିଛନ୍ତି। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଛି। ଜବାବରେ ବାଂଲାଦେଶ ଖବର ପ୍ରସ୍ତୁତି ସୁଦ୍ଧା ୮ ଓଭରରେ ୫ ଉଇକେଟ ହରାଇ ୪୧ ରନ୍ କରିଛି। ଅଭ୍ୟାସ ମ୍ୟାଚରେ ବିରାଟ କୋହଲି ଖେଳି ନ ଥିବା ବେଳେ ଯଶସ୍ୱୀ ଜୟସ୍ୱାଲଙ୍କୁ ବିଶ୍ରାମ ଦିଆଯାଇଥିଲା। ରୋହିତ ଶର୍ମା ଓ ସଞ୍ଜୁ ସାମସନ୍ ଦଳ ପକ୍ଷରୁ ଓପନ କରିଥିଲେ।

ପିଚ୍‌ରେ ବ୍ୟାଟିଂ ସହଜ ନ ଥିବା ବେଳେ ପ୍ରଥମ ଉଇକେଟରେ ୧୧ ରନ୍ ଯୋଡ଼ିଥିଲେ ସାମସନ୍ ଓ ରୋହିତ। ମାତ୍ର ୧ ରନ୍ କରି ସାମସନ୍ ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ତେବେ ଅଧିନାୟକ ରୋହିତ ଶର୍ମା(୨୩) ଓ ରିଷଭ ପନ୍ତ(୫୩) ଦ୍ୱିତୀୟ ଉଇକେଟରେ ୪୮ ରନ୍ ଯୋଡ଼ିଥିଲେ। ରୋହିତ ୧୯ ବଲ୍ ଖେଳି ୨୩ ରନ୍ କରି ଆଉଟ ହୋଇଥିଲେ। ବ୍ୟାଟିଂ ପଦୋନ୍ନତି ପାଇଥିବା ପନ୍ତ ୨ ବର୍ଷ ପରେ ଭାରତୀୟ ଜର୍ସି ପିନ୍ଧି ଚମତ୍କାର ବ୍ୟାଟିଂ କରିଥିଲେ। ମାତ୍ର ୩୨ ବଲ୍‌ରେ



ଶଟ୍ ଖେଳିବା ଅବସରରେ ରିଷଭ ପନ୍ତ।

ସେ ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ୩୨ ବଲ ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିବା ପରେ ପନ୍ତ ରିଟାୟର୍ଡ ଆଉଟ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ୧୮ ବଲ୍ ଖେଳି ୪ ଚୌକା ସହ ୩୧ ରନ କରିଥିଲେ। ଶିବମ ଦୁବେ ମାତ୍ର ୧୪ ରନ୍ କରିଥିବା ବେଳେ ଶେଷ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ବିସ୍ଫୋରକ ବ୍ୟାଟିଂ କରିଥିଲେ। ମାତ୍ର ୨୩ ବଲ୍ ଖେଳି ୪୦ ରନ୍ କରିଥିବା ବେଳେ ଭାରତ ୧୮୨ ରନ୍‌ରେ ପହଞ୍ଚିଥିଲା। ହାର୍ଦ୍ଦିକଙ୍କ ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। ବାଂଲାଦେଶ ପକ୍ଷରୁ ମେହଦୀ ହସନ, ଶୋରିଫୁଲ ଇସଲାମ, ମହମ୍ମଦୁଲ୍ଲା ଓ ତନବୀର ଇସଲାମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୮୨/୫ (ରିଷଭ ପନ୍ତ-୫୩, ସୂର୍ଯ୍ୟକୁମାର ଯାଦବ-୩୧, ରୋହିତ ଶର୍ମା-୨୩, ମହମ୍ମଦୁଲ୍ଲା-୧/୧୬, ମେହଦୀ ହସନ-୧/୨୨, ଶୋରିଫୁଲ ଇସଲାମ-୧/୨୬)।

# ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ହରାଇଲା ଭାରତ

ଲଣ୍ଡନ, ୧।୬ (ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍‌ର ଲଣ୍ଡନ ଲେଗ୍‌ରେ ଭାରତ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଶନିବାର ବିଶ୍ୱ ଚାମ୍ପିୟନ ଜର୍ମାନୀ ଯୁବ ଦଳ ବିପକ୍ଷରେ ହରମନପ୍ରୀତ ସିଂଙ୍କ ଦଳ ମ୍ୟାଚରେ ୩-୦ ଗୋଲ୍‌ରେ ବିଜୟ ହାସଲ କରିଛି। ଜର୍ମାନୀ ଡିଫେନ୍ସରେ ଦୁର୍ବଳତାର ସୁଯୋଗ ନେଇ ଭାରତ ତରଫରୁ ଡ୍ରାଗ୍ ଫ୍ଲିକର ହରମନପ୍ରୀତ (୧୬ତମ ମିନିଟ), ସୁଖଜିତ ସିଂ (୪୧ତମ) ଏବଂ ଗୁଜାଣ ସିଂ (୪୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ବିଶ୍ୱର ୫ ନମ୍ବର ଦଳ ଭାରତ ୧୩ଟି ମ୍ୟାଚରୁ ୨୪ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ ୧୨ ଗେମ୍‌ରୁ ୨୬ ଓ ଆର୍ଜେଣ୍ଟିନା ୧୪ ମ୍ୟାଚରୁ ୨୬ ପଏଣ୍ଟ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରଥମ କ୍ୱାର୍ଟର ଖେଳର ୧୬ତମ ମିନିଟରେ ହରମନପ୍ରୀତଙ୍କ ପେନାଲ୍ଟି କର୍ନର ରୂପାନ୍ତରଣ ପୂର୍ବରୁ ଗୋଲ୍‌କିପିଙ୍ଗ ଷ୍ଟଲୱାର୍ଟ ପିଆର ଶ୍ରୀଜେସ ଚମତ୍କାର ପ୍ରଦର୍ଶନ କରି ଘନ ଘନ ଆକ୍ରମଣ ଜାରି ରଖିଥିବା ଜର୍ମାନୀର ଦୁଇଟି ପେନାଲ୍ଟି କର୍ନରକୁ କାର୍ଯ୍ୟକାରୀ ହେବାକୁ ଦେଇ ନ ଥିଲେ। ଜାନୁଆରୀରେ ଅଲିମ୍ପିକ କ୍ୱାଲିଫାୟର୍ସ ପରେ ପାଖାପାଖି ୪ମାସ ବ୍ୟବଧାନରେ ପ୍ରତିଯୋଗିତାମୂଳକ ହକିକୁ ଫେରିଥିବା ଜର୍ମାନୀ ଦଳର ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହୋଇଥିଲା। ସେମାନେ ମ୍ୟାଚରେ ୧୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ହେଲେ ତନ୍ମଧ୍ୟରୁ ଗୋଟିଏ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଭାରତ ପୁଣି ଥରେ ଜୁନ୍ ୮ରେ ଜର୍ମାନୀକୁ ଭେଟିବାକୁ ଥିବାବେଳେ ଜୁନ୍ ୨ ଓ ୯ରେ ଗ୍ରେଟ୍ ବ୍ରିଟେନ ସହ ମୁକାବିଲା କରିବ।

# ଆହାନ ରନରଅପ୍




ଭୁବନେଶ୍ୱର, ୧।୬
(ବିଜୟ ରଣା)

ହାଇଦ୍ରାବାଦରେ ଅନୁଷ୍ଠିତ ଏସିଆନ ୧୪ ଓ ୟୁ ଗ୍ରେଡ୍ 'ଏ' ଟେନିସ ଟୁର୍ନାମେଣ୍ଟ (ଦକ୍ଷିଣ ଏସିଆ)ର ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ଉଦୀୟମାନ ଖେଳାଳି ଆହାନ ମିଶ୍ର ରନରଅପ୍ ହୋଇଛନ୍ତି। ଏହି ଟୁର୍ନାମେଣ୍ଟରେ ୮ଟି ଦେଶ ଯଥା ଆମେରିକା, ଭାରତ, ଥାଇଲାଣ୍ଡ, ହଂକଂ, ଚାଇନିଜ ତାଇପେ, ଇଣ୍ଡୋନେସିଆ, ତୁର୍କମେନିସ୍ତାନ ଓ କାନାଡା ଆଦି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଡବଲ୍ସ ଫାଇନାଲରେ ଆହାନ ମିଶ୍ର (ଭାରତ) ଓ ସଙ୍କଳ୍ପ ସାହଣୀ (ଭାରତ) ୧-୬, ୩-୬ରେ ଚାମ୍ପିୟନ ତାଭିସ ପାହ୍ୱା (ଭାରତ) ଓ ଧର୍ମା ପାନ୍ତରାଟର୍ନ (ଥାଇଲାଣ୍ଡ) ଯୋଡ଼ିଙ୍କଠାରୁ ହାରି ଯାଇଥିଲେ।

# ଡିପି ମନୁଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧।୬ (ପି.ଟି.)

ତାଇପେରେ ୮୧.୫୮ମିଟର ଥ୍ରୋ ସହ ଭାରତର ଡିପି ମନୁ ତାଇୱାନ ଓପନ ୨୦୨୪ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅନ୍ତିମ ପ୍ରୟାସରେ ତାଙ୍କ ଶ୍ରେଷ୍ଠ ଥ୍ରୋ କରିଥିଲେ। ତାଇୱାନ ଓପନ ହେଉଛି ଏକ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ-ଲେଭଲ ମିଟ୍। ଏଥିରେ ଗୁରୁତ୍ୱପୂର୍ଣ୍ଣ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଥାଏ। ମନୁ୭୮.୩୨ ମିଟର ଥ୍ରୋ ସହ ଆରମ୍ଭ କରିଥିଲେ। ତାଙ୍କ ଦ୍ୱିତୀୟ ପ୍ରୟାସ ୭୬.୮୦ ମିଟର ରେକର୍ଡ କରାଯାଇଥିଲା। କିନ୍ତୁ ଏହି ୨୪ ବର୍ଷୀୟଙ୍କ ତୃତୀୟ ଓ ୫ମ ପ୍ରୟାସରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ତାଙ୍କ ଚତୁର୍ଥ ପ୍ରୟାସ ବୈଧ ନ ଥିବାରୁ ପଞ୍ଜୀକୃତ ହୋଇ ନ ଥିଲା। ମନୁଙ୍କ ଏହି ପ୍ରଦର୍ଶନ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠଠାରୁ ପଛରେ ରହିଥିଲା।

# ଓଡିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିବା ଖେଳାଳି।

ଭୁବନେଶ୍ୱର,୧।୬
(ସରୋଜ ଜେନା)

ଓଡିଶା ୧୨ମିନି ଏବଂ ୬ ଚାଇଲ୍ଡ ଅସିଚାଳନା ପ୍ରତିଯୋଗିତା ପାଇଁ ଶନିବାର ଭୁବନେଶ୍ୱର ଫେନସିଂ ଏକାଡେମୀଠାରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୨ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ମୋଟ ୫୧ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଅସିଚାଳନା ସଂଘ ପକ୍ଷରୁ ଯୋଉ ଖେଳାଳି ମାନେ ଭଲ ଖେଳ ପ୍ରଦର୍ଶ କରିବେ ସେମାନଙ୍କ ମଧ୍ୟରୁ ଉଭୟ ବୟସ ବର୍ଗରେ ୨୪ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ ବୋଲି ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ରାଜ୍ୟ କ୍ରୀଡା ବିଭାଗରୁ ଯୁଗ୍ମ ସଚିବ ଗୀତା ଦାଶ,ଏହି ଶିବିରର ଉଦଘାଟନ କରିଥିଲେ। ସେହିପରି ଧୀରଜ ପଟ୍ଟନାୟକ ଓ କ୍ଷଣପ୍ରଭା ମହାନ୍ତି ସେକସନ ଅଫିସର ଅଂଶୁ ଭୂୟାଁ, ଆଶିଷ୍ଟାଣ୍ଟ ମ୍ୟାନେଜର ଏଚ ପି ସି କ୍ରୀଡା ବିଭାଗ ଓଡିଶା ଅସିଚାଳନା କୋଚ ସୁକାନ୍ତ ସେଠ, ନିତିନ ସ୍ୱାଇଁ, ଲୁସି ରାଉତ ଏବଂ ରଶ୍ମିତା ପୁରୋହିତ ଉପସ୍ଥିତ ଥିଲେ।

# କିଟ୍-କିସ୍ ପ୍ରତିଷ୍ଠାତା ସହଯୋଗୀ

ଭୁବନେଶ୍ୱର, ୧।୬ (ବିଜୟ ରଣା)

**ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନ**

ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ପକ୍ଷରୁ ନୂଆକରି ଗଠନ କରାଯାଇଥିବା ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନର ପ୍ରତିଷ୍ଠାତା ସହଯୋଗୀ ହୋଇଛନ୍ତି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ କିଟ୍ ଓ କିସ୍। ଗତ ମେ ୩୦ ତାରିଖରେ ଏଫ୍‌ଆଇଭିବି ପକ୍ଷରୁ ସୁଇଜରଲାଣ୍ଡର ଜେନେଭାଠାରେ ଥିବା ଏହାର ମୁଖ୍ୟାଳୟରେ ନୂତନ କରି ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନର ଶୁଭାରମ୍ଭ ଅବସରରେ ଏଫଆଇଭିବି ସଭାପତି ଡ. ଆରି ଗ୍ରାକା ଏହା ଘୋଷଣା କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମାଜସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏଫ୍‌ଆଇଭିବି ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ସମଗ୍ର ବିଶ୍ୱରେ ଭଲିବଲ ମ୍ୟାଚ ଆୟୋଜନ କରି ଏଫ୍‌ଆଇଭିବି ସେଥିରୁ କିଛି ଅର୍ଥ ଦାନ ଆକାରରେ ସଂଗ୍ରହ କରିବ। ଦାନ ଅର୍ଥକୁ ବିଶ୍ୱର ବିଭିନ୍ନ ଦେଶରେ ସମାଜସେବା କ୍ଷେତ୍ରରେ ବିନିଯୋଗ କରିବ। ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ଥୋମାସ ବାକ୍‌ଙ୍କ ସମେତ ସମଗ୍ର ବିଶ୍ୱରୁ ୨ଶହରୁ ଊର୍ଦ୍ଧ୍ୱ ଦେଶରେ ରହିଥିବା ଭଲିବଲ ସଂଘର ପ୍ରତିନିଧି ଓ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଫାଉଣ୍ଡେଶନ ଶୁଭାରମ୍ଭ ଅବସରରେ ଏଫ୍‌ଆଇଭିବି ସହ କିଟ୍ ଓ କିସ୍‌ର ଲୋଗୋ ଉପସ୍ଥାପନ କରି ଏହାର ସହଯୋଗୀ ଅନୁଷ୍ଠାନ ଘୋଷଣା କରାଯାଇଥିଲା। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବି, ଏହାର ସଭାପତି ଡ. ଆରି ଗ୍ରାକ. ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମଗ୍ର ବିଶ୍ୱରୁ କିଟ୍ ଓ କିସ୍‌କୁ ଏକମାତ୍ର ସହଯୋଗୀ ଅନୁଷ୍ଠାନ ଭାବେ ଏଫ୍‌ଆଇଭିବି ଭଲିବଲ ଫାଉଣ୍ଡେଶନ ଗ୍ରହଣ କରିଥିବାରୁ ଏହା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି ।

# ରିବାକିନା, ସାବାଲେଙ୍କା ଚତୁର୍ଥ ରାଉଣ୍ଡରେ

**ଫ୍ରେଞ୍ଚ ଓପନ୍ ଟେନିସ**

ପ୍ୟାରିସ, ୧।୬(ଏପି)

ଗ୍ରାଣ୍ଡସ୍ଲାମ ବିଜେତା ଏଲିନା ରିବାକିନା ଓ ଆରିନା ସାବାଲେଙ୍କା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦୨୨ ୱିମ୍ବେଲଡନ ଚାମ୍ପିୟନ ତଥା ଏଠାରେ ଚତୁର୍ଥ ସିଡ୍ ରିବାକିନା ବେଲଜିୟମର ଏଲିସ ମର୍ଟେନ୍ସଙ୍କୁ ୬-୪, ୬-୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ଦୁଇ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସାବାଲେଙ୍କା ୭-୫, ୬-୧ରେ ତାଙ୍କ ପ୍ରିୟ ବାନ୍ଧବୀ ପାଉଲା ବଡୋସାଙ୍କୁ ପରାସ୍ତ କରିଛନ୍ତି। ସାବାଲେଙ୍କା କହିଛନ୍ତି, ନିଜ ବାନ୍ଧବୀଙ୍କ ବିପକ୍ଷରେ ଖେଳିବା କଷ୍ଟକର ହୋଇଥାଏ। ରୋଲାଣ୍ଡ ଗାରୋସଠାରେ ପୂର୍ବତନ ନମ୍ବର ୱାନ ର୍‍ୟାଙ୍କିଙ୍ଗ ଖେଳାଳି ସାବାଲେଙ୍କା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ସହ ସେମିଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିବା ବେଳେ କାଜାଖସ୍ତାନର ରିବାକିନା ଗୋଟିଏ ଗ୍ରାଣ୍ଡସ୍ଲାମ ଜିତିଥିବା ବେଳେ ଏଠାରେ ଥରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଛନ୍ତି। ରୁଷିଆରେ ଜନ୍ମିତ ଫ୍ରାନ୍ସର ଭାରାଭା ଗ୍ରାଚେଭା ଏଠାରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିପାରିଛନ୍ତି। ସେ ରୋମାନିଆର ଇରିନା କାମେଲିଆ ବେଗୁଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ସେହିପରି ପୁରୁଷ ବିଭାଗର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ୨୧ଶ ସିଡ୍ ତଥା କାନାଡାର ଫେଲିକ୍ସ ଅଗର-ଆଲିଆସିମ୍ ୧୫ତମ ସିଡ୍ ତଥା ଆମେରିକାର ବେନ୍ ଶେଲ୍‌ଟନଙ୍କୁ ୬-୪, ୬-୨, ୬-୧ରେ ପରାସ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବର୍ଷା ବାଧା ଦେବାରୁ ସେମାନଙ୍କ ମ୍ୟାଚ ପୁଣି ଶନିବାର ଖେଳାଯାଇଥିଲା। ଅଗର-ଆଲିଆସିମ୍ ଏଠାରେ ଥରେ ହେଲେ କ୍ୱାର୍ଟରଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହାନ୍ତି। ଆଗକୁ ଯିବାକୁ ହେଲେ ତାଙ୍କୁ ନିହାତି ୨ଥର ଗ୍ରାଣ୍ଡସ୍ଲାମ ବିଜେତା ସ୍ପେନର କାର୍ଲୋସ ଅଲକାରାଜଙ୍କୁ ପରାସ୍ତ କରିବାକୁ ପଡ଼ିବ। କ୍ରମାଗତ ୫ମ ଦିନ ବର୍ଷା ଖେଳରେ ବାଧା ସୃଷ୍ଟି କରିଛି।


ରିଟର୍ନ ଶଟ୍ ଖେଳୁଛନ୍ତି ଆରିନା ସାବାଲେଙ୍କା।

## ବାଲାଜୀ-ମାର୍ଟିନେଜ ପ୍ରି-କ୍ୱାର୍ଟରରେ

ଭାରତର ଏନ୍. ଶ୍ରୀରାମ ବାଲାଜୀ ପ୍ରଥମ ଥର ଫ୍ରେଞ୍ଚ ଓପନ ଟେନିସ ପ୍ରତିଯୋଗିତାର ପୁରୁଷ ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସେ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ଆଞ୍ଜେଲ ରିୟେସ ଭାରେଲା ମାର୍ଟିନେଜ ୬-୪, ୩-୬, ୬-୨ରେ ଫ୍ରେଞ୍ଚ ଯୋଡ଼ି ଡାନ୍ ଆଡେଡ୍ ଓ ଥିଓ ଆରିବେଜ୍‌ଙ୍କୁ ହରାଇ ଦେଇଛନ୍ତି। ପ୍ରି କ୍ୱାର୍ଟରଫାଇନାଲରେ ସେମାନେ ହୁଏତ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ରୋହନ ବୋପାନ୍ନା ଓ ମାଥ୍ୟୁ ଇବ୍‌ଡେନ୍‌ଙ୍କୁ ଭେଟିପାରନ୍ତି, ଯଦି ଏହି ଯୋଡ଼ି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରନ୍ତି। ୟୁକି ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଅଲବାନୋ ଓଲିଭେଟି ଶୁକ୍ରବାର ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ହାରିଯାଇଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ